www.duradrusti.org

ଦୂରଦୃଷ୍ଟି

ଓଡ଼ିଆ ସମାଜର ମୁଖପତ୍ର



Journal of Odia Samaja
Volume 4, Issue 1, January 2006
ଚତୁର୍ଥ ବର୍ଷ, ପ୍ରଥମ ସଂଖ୍ୟା; ଶକାବ୍ଦ ୧୯୨୭, ମାଘ ମାସ

ବିଷୟ୍ ସୂଚୀ (Table of Contents)

Title	Author	Page
ସଂପାଦକୀୟ୍		3
ମୂଖ୍ୟ ନିବାହୀଙ୍କ କଲମରୁ	Biswaranjan Jena	6
ଭାରତୀୟ୍ ବିଜ୍ଞାନ: ବର୍ତ୍ତମାନ ଓ ଭବିଷ୍ୟତ	ଅନିଳ ପାଣିଗ୍ରାହୀ	7
ଆମର ଦାବୀ I.I.S.E.R. ଓଡିଶାରେ ପ୍ରତିଷ୍ଠିତ ହେଉ	ସତ୍ୟ ରଞ୍ଜନ ଦାଶ	15
କ?	ମାର୍କଣ୍ଡେଶ୍ୱର ପଣ୍ଡା ଓ ବିଦ୍ୟୁତ୍ ପ୍ରଭା ପଣ୍ଡା	19
Remembering the Mahatma	Prasanna Kumar Mishra	29
ଅକ୍ଷୟ୍ ତୃତୀୟ୍ ଓ ଚାଷୀ ପୁଅ	ଶାନ୍ତନୁ ପ୍ରଧାନ	30
A Faithful Dog	Anwisha Mishra	31
Paradigm Shift – 4 Call for All chilikA kankaDA	Biswaranjan Jena	31
ନାନାବାୟ୍ ଗୀତାବଳୀ	ବିଶ୍ୱରଞ୍ଜନ ପଟ୍ଟନାୟ୍କ	33
Poems Live to Deny	**Sambit Misra**	35
ଓଡ଼ିଆ ପୁଅର ଆର୍କଟିକ୍ ଭ୍ରମଣ -- ୨	ଦେବସ୍ମିତ ମିଶ୍ର	36
The Rainbow	Biswajit Mishra	51
ଏ ରକ୍ତ ବିକିପାଇଁ ନୁହେଁ	ପ୍ରଭାକର ଶତପଥୀ	59
ପଦେ ଅଧେ	ଅମିତ୍ କୁମାର ମିଶ୍ର	61
Why Me?	Ayesha Mishra	64
ସାକ୍ଷାତ୍କାର	ଅମିତ୍ କୁମାର ମିଶ୍ର	66
ଡାଲଖାଇରେ	ଶାନ୍ତନୁ ପ୍ରଧାନ	70
ଓଡିଆ ଭାଷାର ଭବିଷ୍ୟତ	କୃଷ୍ଣଚରଣ ବେହେରା	71
ଶତାବ୍ଦୀର ସୂର୍ଯ୍ୟ	ପ୍ରଦୀପ ଚନ୍ଦ୍ର ତ୍ରିପାଠୀ	75
Last six months for oDisha and oDiAs Worldwide	Saubhagya Laxmi Mohapatra	76

Editor: Satya Ranjan Dash
Editorial Board: Amit Kumar Mishra, Anil Panigrahi, Bikash Panda, Biswa R. Patnaik, Debasmita Misra, Markandeswar Panda, and Satya Ranjan Dash.

Editorial Board Coordinator: Satya Ranjan Dash

Advisor: Pravakar Satapathy

Front Cover: Bikash Panda
Rear Cover: Bichitrananada Mishra
Layout: Satya Ranjan Dash

Contact E-mail: duradrusti@odiya.org
Website: http://www.duradrusti.org

ଏଇ ସଙ୍ଖ୍ୟାରେ ଟିପ୍ପଣୀରେ ସ୍ଥାନ ପାଇଥିବା ଦୁଇ ଧାଡୀ ପଦ ଗୁଡିକ ଭକ୍ତ ଚରଣ ଦାସଙ୍କ ମନୋବୋଧ ଚଉତିଶାରୁ ଉଦ୍ଧୃତ କରା ହୋଇଛି ।

ବିଶ୍ୱବ୍ୟାପୀ ଓଡ଼ିଆମାନଙ୍କ ଚିନ୍ତାଧାରା ଓ ବାର୍ତ୍ତାଳାପରେ ଅନ୍ତର୍ନିହିତ ଦୂରଦର୍ଶିତାକୁ ଏକ ଲିଖିତ ରୂପାୟନ ଦେବାର ଅଭୀପ୍ସା ନେଇ ଦୂରଦୃଷ୍ଟିର ଜନ୍ମ । ଓଡ଼ିଶା ଓ ଓଡ଼ିଆ ଜାତି ପାଇଁ ସେ' ସମସ୍ତ ସଦିଚ୍ଛା ଓ ଶୁଭାକାଙ୍କ୍ଷାକୁ କର୍ମକ୍ଷେତ୍ରରେ ପ୍ରତିପାଦନ ପ୍ରଚେଷ୍ଟାରେ ସବୁ ଓଡ଼ିଶାପ୍ରେମୀ ଓ କର୍ମୋଦ୍ୟୋଗୀ ଓଡ଼ିଆମାନଙ୍କୁ ଅନୁପ୍ରାଣିତ କରିବା ଏ' ମୁଖପତ୍ରର ପ୍ରଧାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ।

"duradrusti" feeds on the flames of farsightedness flickering in the hearts and minds of Oriyas all over the world. As the mouthpiece of oDiA samAja (OdiSA), the journal aspires to inspire all Orissa lovers in the service of our motherland, Orissa.

ସଂପାଦକ ମଣ୍ଡଳୀଙ୍କ ଲେଖନୀରୁ...

ଶ୍ରଦ୍ଧେୟ ପାଠକ-ପାଠିକା ବୃନ୍ଦ,

ବିଗତ ସଂଖ୍ୟା ଭଳି ଏ ସଂଖ୍ୟାର 'ଦୂରଦୃଷ୍ଟି'ର ଉନ୍ମୋଚନ ହେବା ଆଗରୁ ଘଟିଯାଇଛି କିଛି ଅଘଟଣ । ବର୍ଷଟିଏ ତଳର ଅଘଟଣ ପୃଥିବୀ ପୃଷ୍ଠର ଏକ ବିସ୍ତୃତ ଇଲାକା କବଳିତ କରିଥିବା ସ୍ଥଳେ ଏଥରର ଅଘଟଣ ଭାରତର ଏକ ଅଳ୍ପଜ୍ଞାତ ପ୍ରଦେଶ ଓଡିଶାର ଏକ ଅପେକ୍ଷାକୃତ ଅଜଣା, ଛୋଟିଆ ଇଲାକା କଳିଙ୍ଗନଗରରେ ଘଟି ଯାଇଛି; ତଥାପି ଏଥରର ଅଘଟଣ ବେଶି ବେଦନାଦାୟକ, ଚିନ୍ତାଜନକ । ପ୍ରଥମଟି ମୂଳତଃ ପ୍ରକୃତିର ଆକସ୍ମିକ ତାଣ୍ଡବ ଥିଲାବେଳେ ଏଥରର ଅଘଟଣ କିନ୍ତୁ ମନୁଷ୍ୟକୃତ । କେବଳ ସେତିକି ନୁହେଁ, ଏହା ଅଟେ ମାନବ ସଭ୍ୟତାର ବହୁ ଅମାନବୀୟତାର ଏକ ବିକଟାଳ ଦୃଷ୍ଟାନ୍ତ; ଏହା ମାନବର ବିକଳ ଦୁଷ୍ଚେତନାରୁ ଉଦ୍ଭୁତ ।

ପାଦେଶିକ ବା ରାଷ୍ଟ୍ରୀୟ ସମୃଦ୍ଧି ପାଇଁ ଶିଳ୍ପ ଆବଶ୍ୟକ, ଓ ଶିଳ୍ପ ପାଇଁ ବଳିଦାନ ମଧ୍ୟ ଆବଶ୍ୟକ । କିନ୍ତୁ, ଯାହା ବିଶ୍ୱବ୍ୟାପୀ ବିକାଶୋନ୍ମୁଖୀ ରାଷ୍ଟ୍ରରେ ଦେଖାଯାଏ, ତାହା ହେଲା ପ୍ରଥମତଃ ମଣିଷ ମଣିଷ ଭିତରେ ବିଶାଳ ତାରତମ୍ୟ, ଓ ଦ୍ୱିତୀୟତଃ, ବଳିଦାନର ଦାୟିତ୍ୱ ମୁଖ୍ୟତଃ ସବୁ ଦୃଷ୍ଟିରୁ ପଛରେ ପଡିଥିବା ମଳିମୁଣ୍ଡିଆଙ୍କ ଉପରେ ପଡେ । ଦ୍ୱିତୀୟ କାରଣରେ ବି ହୁଏତ ତଥାପି ବେଶ୍ କିଛି ସମୃଦ୍ଧିର ଆଶା ଥାଇପାରେ - ଯଦି ବଳିଦାନ ଦେଇଥିବା ଜନସଂପ୍ରଦାୟ ଉଚିତ ସମୟରେ ଉଚିତ ପ୍ରାପ୍ୟ ପାଏ । ତେବେ ପ୍ରାୟ ଅର୍ଦ୍ଧଶତାବ୍ଦୀ ପରେ ମଧ୍ୟ ହୀରାକୁଦ ବନ୍ଧ ବିସ୍ଥାପିତମାନଙ୍କର ଉଚିତ

କହଇ ମନ ଆରେ ମୋ ବୋଲ କର ।
କଳା ଶ୍ରୀମୁଖ ବାରେ ଦେଖିବା ଚାଲ ॥

ଥଇଥାନ ହୋଇନାହିଁ । ସଂପ୍ରତି କଳିଙ୍ଗନଗରର ବେଦନାକ୍ତ ଅଘଟଣର ମଧ୍ୟ ସେଇ ଏକହିଁ କାରଣ । ତେବେ ଏ କାରଣର ଉତ୍ସ କାହିଁ ଓ ଏହାର ନିରାକରଣ କଣ?

ମାନବ ସଭ୍ୟତାର ଇତିହାସରେ ଯୁଗେ ଯୁଗେ ଅଳ୍ପ କ୍ଷମତାସୀନ ବ୍ୟକ୍ତି ଏକ ବୃହତ୍ତର ଜନସଂପ୍ରଦାୟକୁ କବଳିତ କରିଆସିଛନ୍ତି । ଯେପରି, ତୁଚ୍ଛା ସୌଧ ନିର୍ମାଣ ପାଇଁ ଫାରୋ, ହାନ୍ନିବାଲ, ଶାହଜାହାନ ଆଦି; ତ ଆକ୍ରାମକ ବାଣିଜ୍ୟ ଓ ଅର୍ଥଲୋଲୁପତା ପାଇଁ ଅନେକ ୟୁରୋପୀୟ ସଂପ୍ରଦାୟ ବିଶ୍ୱର କୋଣ ଅନୁକୋଣ ଖୋଦି ଯାଇଛନ୍ତି । ବହୁ ଲୋକ ଏ ପର୍ଯ୍ୟାୟର ଘଟଣାବଳୀକୁ ସ୍ୱାଭାବିକ ମନେକରନ୍ତି, ଓ ସେମାନଙ୍କ ଅର୍ଥରେ ଦୁନିଆଁ 'ଯୋର ଯାର ମୂଲକ ତାର' ନୀତିରେ ଚଳେ ।

ହୁଏତ ଠିକ; ବିବର୍ତ୍ତନ ପାଇଁ ହୁଏତ ଏ ନିୟମ ଜରୁରୀ ହୋଇଥାଇପାରେ । ତେବେ, ବିବର୍ତ୍ତନର ସାଂପ୍ରତିକ ବିଶ୍ୱକୁ ଦାନ ହେଲା ମାନବ ସଭ୍ୟତା; ଓ ମାନବ ମାନବେତର ଜୀବପାଣୀଙ୍କଠୁ ଚିନ୍ତାଶୀଳତା ଭେଦରେ ଭିନ୍ନ । ଅନ୍ତତଃ, ଭିନ୍ନ ହେବା ଆଶା କରାଯାଏ । ଏ ମାନବୀୟ ଚିନ୍ତାଶୀଳତାର ପରିଚାୟକ ହେଲେ ସାମାଜିକ ସଦ୍ଭାବ, ସମାନତା, ଶାନ୍ତି ଓ ସହନଶୀଳତା । ଏହି ଚିନ୍ତାଶୀଳତା, ଯାହା ମାନବତାର ଚିହ୍ନ, ତାକୁ ଭୁଲିଯିବା ବା ଉପେକ୍ଷା କରିବାହିଁ ସାଂପ୍ରତିକ ସମାଜରେ ବିଭତ୍ସତାର ମୂଳ କାରଣ । କ୍ଷମତାଶୀଳ ବା ତୁଚ୍ଛା ଅର୍ଥରେ ସାଧାରଣ ପାଠୁଆଟିଏ ଅପେକ୍ଷାକୃତ ଦୁର୍ବଳ ଓ ଅପାଠୁଆଟିଏକୁ ହେୟଜ୍ଞାନ କରେ । ଯେପରି, ଆମେ ରିକ୍ସାବାଲାଟିଏକୁ ପଚାରୁ, *'ହଇରେ, ଅମୁକ ଯାଗାକୁ କେତେ ନବୁ?'* ଯଦି ଉତ୍ତର ମିଳେ ପାଞ୍ଚଟଙ୍କା, ଆମର ପ୍ରତ୍ୟୁତ୍ତର ହୁଏ *'ଟଙ୍କାଏରେ ନବୁ ତ ନେ, ନହେଲେ ଭୋକରେ ମର'* ।

ଅର୍ଥାତ୍, ଆମ ସାଧାରଣ ପାଠୁଆମାନଙ୍କ ଆମ ପଡୋଶୀ ଅପାଠୁଆଟିଏ ବା ଗରିବଟିଏ ପ୍ରତି ମାନବୋଚିତ ଭାବ ନାହିଁ; ତାକୁ ଆମେ ମଣିଷ ନଭାବି ଇତର ଭାବୁଁ । କଥାହେଲା, ଶାସକ, ପ୍ରଶାସକ ବା ଶିଳ୍ପପତିଟିଏ ଆମରି ଭିତରୁ ଜଣେ । ତେବେ, ତାହାଠାରୁ ଆମେ ମଳିମୁଣ୍ଡିଆଟିଏ ପାଇଁ ଦରଦ ଆଶା କରିବା କିପରି? ଏଣୁ, ଆମେ - ଏ ସଭ୍ୟତାର ସର୍ବସାଧାରଣ - ନିଜେ ନିଜ ଚେତନାକୁ ସଜ୍ଞତ ସୁଧାର ନକରିବା ଯାଏ ସାମାଜିକ ବିଭତ୍ସତାର ଅନ୍ତ ହେବନାହିଁ । ଏହା ପାଠକସମାଜପାଇଁ ଏ ସଙ୍ଖ୍ୟାର 'ଦୂରଦୃଷ୍ଟି'ର ସନ୍ଦେସ ହେଉ ।

ସେଇ ଏକହିଁ ଦୁଷ୍ଚେତନା - ଅପରକୁ ହେୟଜ୍ଞାନ କରିବା, ନିଜ କ୍ଷମତାର ଅହମିକାରେ ଅନ୍ୟକୁ ପଦଦଳିତ କରିବାଭଳି ଅନ୍ଧତ୍ୱ - ର ଶିକାର ହୋଇଆସିଛି ଆମ ପ୍ରଦେଶ ଓଡିଶା । କେନ୍ଦ ସରକାର ହାତରେ ଓଡିଶା ଉପେକ୍ଷିତ ହେବାର ଉଦାହରଣ ଅଗଣନ । ଏ ପରିପ୍ରେକ୍ଷୀରେ ସଦ୍ୟଯୋଚିତ ଉଦାହରଣ ହେଲା ଭୁବନେଶ୍ୱର ପାଇଁ ପସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଏନ.ଆଇ.ଏସ.କୁ ଏକ ଭିନ୍ନ ନାମରେ (ଆଇ.ଆଇ.ଏସ.ଇ.ଆର.) କୋଲକାତାକୁ ସ୍ଥାନାନ୍ତରଣ । ସଂପ୍ରତି ପ୍ରଧାନମନ୍ତ୍ରୀ ଚଣ୍ଡିଗଡରେ ଏକ ଆଇ.ଆଇ.ଏସ.ଇ.ଆର. ସ୍ଥାପନ କରିବାର ଘୋଷଣା କରିଛନ୍ତି; ଅଥଚ ଭୁବନେଶ୍ୱରର ନାମଗନ୍ଧ ସୁଦ୍ଧା ନାହିଁ । କୋଲକାତା (ବୋଷ ପ୍ରତିଷ୍ଠାନ ଆଇ.ଆଇ.ଏମ., ଆଇ.ଆଇ.ସି.ବି.) ଓ ଚଣ୍ଡିଗଡ (ଇମଟେକ) ଉଭୟରେ ଅନେକ ଜାତୀୟ ସ୍ତରର ଗବେଷଣା ପ୍ରତିଷ୍ଠାନ ରହିଛନ୍ତି । ତଥାପି କେନ୍ଦ ସରକାର ଓଡିଶାଭଳି କିଛି ନଥିବା ରାଜ୍ୟର ଆବଶ୍ୟକତା ପ୍ରତି ଆଖି ବୁଜିଦେଇ ତେଲିଆ ମୁଣ୍ଡରେ ତେଲ ଓଜାଡିବାକୁ ଉଚିତ ମଣୁଛନ୍ତି । ଏହି ପରିପ୍ରେକ୍ଷୀରେ ଏ ସଂଖ୍ୟାର 'ଦୂରଦୃଷ୍ଟି' ଆପଣଙ୍କ ପାଇଁ ପରିବେଷଣ କରୁଛି ଦୁଇ ଭିନ୍ନ ଦୃଷ୍ଟିକୋଣରୁ ଦୁଇଟି ଅନୁଶୀଳନ ।

କେତେ ଦିନକୁ ମନ ବାନ୍ଧିଚୁ ଆଣ୍ଠ ।
କି ଘେନି ଯିବୁ ତୋର ଛୁଟିଲେ ଘଟ ॥

ଏତଦ୍‌ଭିନ୍ନ ବହୁ ଉଚ୍ଚକୋଟୀର ଲେଖାରେ ଏ ସଙ୍ଖ୍ୟାର 'ଦୂରଦୃଷ୍ଟି' ସମୃଦ୍ଧ । ଯେପରି ବେଦୋକ୍ତ ଦେବ 'କ'ଙ୍କ ଉପରେ ଡ. ମାର୍କଣ୍ଡେଶ୍ୱର ଓ ଶ୍ରୀମତି ବିଦ୍ୟୁତପ୍ରଭା ପଣ୍ଡାଙ୍କ ଗରୁଡ ଉପାଖ୍ୟାନ, ଡ. ଦେବସ୍ମିତ ମିଶ୍ରଙ୍କ ରସାଳ ଆଲାସ୍କା ଭ୍ରମଣର ଦ୍ୱିତୀୟ ପର୍ଯ୍ୟାୟ, ବିଶ୍ୱଜିତ ମିଶ୍ରଙ୍କ ମର୍ମସ୍ପର୍ଶୀ କାହାଣୀ, ସାଧାରଣ ଗାମ୍ୟ ଜନତାକୁ ପ୍ରଗତି ପଥରେ ପ୍ରେରିତ କରୁଥିବା ଜଣେ ଉଦୀୟମାନ କର୍ମବୀରଙ୍କ ସହ ସାକ୍ଷାତକାର ତଥା ଅନେକ କବିତା, କାହାଣୀ ଓ ଅନୁଶୀଳନ । ଆଶା, ଏ ସଙ୍ଖ୍ୟାର 'ଦୂରଦୃଷ୍ଟି' ପାଠକଙ୍କ ନିମନ୍ତେ ଚିତ୍ତସ୍ପର୍ଶୀ ହେବ ।

'ଦୂରଦୃଷ୍ଟି'ର ଚତୁର୍ଥବର୍ଷରେ ପଦପାତ ଏହାର ଅଗଣନ ପାଠକପାଠିକା ତଥା ଲେଖକଲେଖିକାଙ୍କ ଉଦାର ସମର୍ଥନ ଯୋଗୁଁହିଁ ସମ୍ଭବ ହୋଇଛି । ଏହାର ଉତ୍ତରୋତ୍ତର ଉନ୍ନତି ପାଇଁ ଆପଣଙ୍କ ସୁଚିନ୍ତିତ ମତାମତଆମର କାମ୍ୟ ।

ଆମ ପୂର୍ବପୁରୁଷ କହିଥିଲେ ... ମାୟାଧର ମାନସିଂହଙ୍କ "ଉତ୍ତିଷ୍ଠ ଉତ୍କଳ"ରୁ ଉଦ୍ଧୃତ

ଉଠରେ ସୁପ୍ତ ଓଡିଆ ଜାତି,
ନିଦ୍ରା-ବିଭୋର ଦେଖି ତୋ ପଡୋଶୀ
ନେବେ ତୋ ଅଙ୍ଗ କାଟି ।

ଉତ୍ତରେ ଅଛି ଚତୁର ବଙ୍ଗ,
ଦଖିଣେ ରହିଛି ଟାକି ତେଲଙ୍ଗ,
ଗୃଧ୍ର ସମାନ ଖୁଁପିବେ ଅଙ୍ଗ
ନେବେ ଆନନ୍ଦେ ବାଂଟି,
ଜୀବନଟା ଯଦି ଖାଲି ଚାହୁଁ, ଆଜି,
ଉଠରେ ସୁପ୍ତ ଓଡିଆ ଜାତି ।

ସବୁ ତ ଯାଇଛି ମାଟି ତଳେ ମିଶି
ରାଜ୍ୟ ଓ ଇତିହାସ,
ଅଛି ଖାଲି ଆଜି 'ଅସଭ୍ୟ' ବୋଲି
ଜଗତର ପରିହାସ ।
କେଶରୀ-ରକ୍ତ ଆଜି ମିଶେ ଯଦି
ଧରଇ ତୋହର ଛାତି,
ହଲା ତୋ କେଶର, ନିଦ୍ରା ତିଆଗି
ଉଠରେ ସୁପ୍ତ ଓଡିଆ ଜାତି ।

ଇଜ୍ଜତ ରଖ ତୋର,
ଡକାଡକି ହୋଇ ଉଠରେ ଓଡିଆ
ଗଭୀର ନିଦ୍ରା-ଭୋଳ ।
ସମ୍ବଲପୁର ଡାକୁ ଗଞ୍ଜାମେ
ସେ ଡାକୁ ଉଠୁରେ ସିଂହଭୂମ୍ ଧାମେ
ଜୟପୁର ଥରୁ ଜନନୀର ନାମେ
ସା ଦେଶ ଉଠୁ ରୋଳ,
ହାତ ଧରାଧରି ଠିଆ ହୋଇ ଥରେ
'ଜୟ ଉତ୍କଳ' ବୋଲ ।

ଦେଖିବା କେ ଅଛି ବଳୀୟାନ୍ ଭବେ
ନେବେ ଉତ୍କଳ କାଟି,
ସୂଚୀ-ପରିମାଣ-ଭୂମି ଲାଗି ହେବ
ରକ୍ତିତ ଏଇ ମାଟି ।
ଖାଲି ଉଠିପଡି ଏକାଠି ହୁଅରେ
ଗଭୀର ନିଦ୍ରା-ଭୋଳ,
ସବୁ ତ ଯାଇଛି ନିଜ ଘରେ ନିଜ
ଇଜ୍ଜତ ରହୁ ତୋର ।

ଖଣ୍ଡି ଯେ ଖଣ୍ଡି ତୋର ପଞ୍ଜରା କାଠି ।
ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟି ॥

ଓଡ଼ିଆ ସମାଜର ମୁଖ୍ୟ ନିର୍ବାହୀଙ୍କ କଲମରୁ ପଦେ



Incidentally, Duradrusti has highlighted the best of our people, our history and our culture on the covers of the magazine. Duradrusti was born few years back and throughout this time, we have helped shape the history and destiny of our organization keeping in mind the development of Orissa. Yet, our commitment to Orissa and Oriyas around the globe goes further -- as we recognize our organizational responsibility to contribute to the social and cultural well being of our community. That's why we dedicate time, effort and resources to promote the values through our bi-annual magazine Duradrusti that elevates the spirit of our people & focus our goals in fostering the development of Orissa. OdiSA as an organization must have a vision of better Orissa and its people; we are working with great enthusiasm and putting all our possible contribution to make it a reality.

As the CE of OdiSA & on behalf of all members, I'm delighted to announce the release of our Duradrusti-4, Issue 1 on this special occasion of January 26th 2006. Our abiding purpose as a responsible organization is to make all our readers feel equally connected to our language, land and culture, irrespective of their diversified fields and distances. The harmony of our culture is a source of pride and delight for our people as well as our readers. On this issue we are proud to spotlight the ongoing fight for justice of the decades for our motherland 'Orissa' and its people. We have tried to elaborate and gave an in depth view of both sides of the on going struggle for better understanding of our own people. The purpose is to bring all the diversified Oriyas around the globe together, irrespective of their professional & organizational differences and build a strong bond among ourselves for the great cause of Orissa and send a strong message to all that Orissa no longer can be ignored and taken for granted. Let's make it a unique warning message to all that Orissa is awake and Oriyas are aware, will rise to any occasion and accept all kind of challenges in order to justify its own share of the cake.

At the end let me assure you that your stay with Duradrusti-4 will bring a great experience and will remain etched in your minds that you will eagerly wait for every issue to come in the future.

(BISWARANJAN JENA)
Chief Executive of Odia Samaja
biswaranjan_jena@yahoo.com

ଖଟ ପଲଙ୍କେ ମନ ସେଯାଇ ଶୋଉ ।
ଖଳ ଦୁର୍ଗନ୍ଧ ହେବ ଏ' ତୋର ଦେହୁ ।।

ଭାରତୀୟ ବିଜ୍ଞାନ: ବର୍ତ୍ତମାନ ଓ ଭବିଷ୍ୟତ

ଅନିଳ କୁମାର ପାଣିଗ୍ରାହୀ

ୟୁଟାହ୍ ବିଶ୍ୱବିଦ୍ୟାଳୟ, ସଲ୍ଟ୍ ଲେକ୍ ସିଟି

ଅନିଳ ପାଣିଗ୍ରାହୀ ଦୂରଦୃଷ୍ଟିର ଜଣେ ନିୟମିତ ଲେଖକ । ସେ ଦୁରଦୃଷ୍ଟି ସଂପାଦକୀୟ ମଣ୍ଡଳୀର ସଦସ୍ୟ ତଥା କିଛି ପୁର୍ବ ସଙ୍ଖ୍ୟା ମାନଙ୍କର ସଂପାଦକ ମଧ୍ୟ । ତାଙ୍କ ଅନ୍ତଃଦୃଷ୍ଟି, ଦୂରଦୃଷ୍ଟି, ତୀକ୍ଷ୍ଣ ବିଶ୍ଳେଷଣ, ଓ ଓଡିଶା ଓ ସମାଜର ଉନ୍ନତି ପାଇଁ ଚିନ୍ତାଧାରା ପୂର୍ବରୁ ସାବ୍ୟସ୍ତ । ଏହି ଲେଖାରେ ସେ ସାମୟିକ ସ୍ୱଳ୍ପଦୃଷ୍ଟିରେ I.I.S.E.R. ପ୍ରତିଷ୍ଠା ପ୍ରସଙ୍ଗ ଉପରେ ଜୋର୍ ନ ଦେଇ I.I.S.E.R. ଭଳି ଅନୁଷ୍ଠାନମାନଙ୍କର ମୂଳ ଓ ଚରମ ଲକ୍ଷ୍ୟ କଣ ହେବା କଥା ତାହା ଉପରେ ପ୍ରାୟ ଏକ ଲୁକ୍କାୟିତ ଚିନ୍ତାଧାରା ପ୍ରକାଶ କରିଛନ୍ତି ।

ବହୁ ବିଭିନ୍ନତାର ଦେଶ ଭାରତ; ବହୁ ବିଷମତା ଓ ଅସମତାର ମଧ୍ୟ । ଏହାର ପୂର୍ବତଟରେ ଅବସ୍ଥିତ ଏକ ରାଜ୍ୟ- ନାମ 'ଓଡିଶା' । ଓଡିଶାର ନିଜସ୍ୱ ଅତି ଉଚ୍ଚକୋଟୀର ଭାଷା, ସଂସ୍କୃତି, ଐତିହ୍ୟ, ବିପୁଳ ପାକୃତିକ ସଂପଦ ଥିଲେମଧ୍ୟ ସଂପ୍ରତି ଏହା ଶିକ୍ଷା, ସମୃଦ୍ଧି, ବିଜ୍ଞାନ-କାରିଗରୀ, ବାଣିଜ୍ୟ-ବ୍ୟବସାୟ, ରାଜନୀତିରେ ଭାରତର ସବୁଠୁ ପଛୁଆ ରାଜ୍ୟଙ୍କ ମଧ୍ୟରେ ଗୋଟିଏ । ଏଠି ସର୍ବଭାରତୀୟ ସ୍ତରର ଶିକ୍ଷାନୁଷ୍ଠାନଟିଏ, ଚିକିତ୍ସାଳୟଟିଏ, ବାଣିଜ୍ୟକେନ୍ଦ୍ରଟିଏ, ବିଜ୍ଞାନ-ପ୍ରଯୁକ୍ତିକେନ୍ଦ୍ରଟିଏ, ଶିଳ୍ପାନୁଷ୍ଠାନଟିଏ, କଳା-ସଂସ୍କୃତିର ଗବେଷଣାକେନ୍ଦ୍ରଟିଏ - କିଛି ନାହିଁ । ରାଜନୀତି - ଯାହା ଭାରତୀୟ ଜନଜୀବନର ବିପୁଳାଂଶ କବଳିତ କରିଛି - ତହିଁ ମଧ୍ୟ ଓଡିଶାର ନାଆଁ ନାହିଁ । ସ୍ୱର୍ଗତ ବିଜୁ ବାବୁଙ୍କ ବ୍ୟତିତ ଅନ୍ୟ କୌଣସି ଓଡିଆ ରାଜନେତାଙ୍କ ନାମ ଓଡିଶା ବାହାରେ କ୍ୱଚିତ କେହି କେବେ ଶୁଣିଛି; ବର୍ତ୍ତମାନର କେନ୍ଦ୍ର ସରକାରରେ ଓଡିଶାରୁ ଜଣେବି ମନ୍ତ୍ରୀ ନାହାନ୍ତି । ସର୍ବଭାରତୀୟ ସ୍ତରର ଖବର କାଗଜରେ ଓଡିଶାର ନାଆଁ ବାହାରେ କଳାହାଣ୍ଡିରେ ଖାଦ୍ୟାଭାବ-ପେଶାଭାବଜନିତ ପିଲାବିକି ହେଲେ, ପ୍ରଳୟଙ୍କରୀ ବନ୍ୟା-ବାତ୍ୟା ହେଲେ, ଅଥବା ଦାରାଟିଏ ଷ୍ଟେନସ୍ଟିଏକୁ ପୋଡି ମାରିଲେ । ଓଡିଶୀକୁ ନବଜୀବନ ଦେଇଥିବା କେଳୁବାବୁ, କଥାଶିଳ୍ପୀ ତଥା ଶିକ୍ଷାବିଦ୍ ମନୋଜ ଦାସଙ୍କ ଭଳି କେଇଜଣ ଓଡିଶାର ସୁନାମ ରଖି ଆସିଛନ୍ତି । ହଁ, ଭାରତୀୟ ଜନତା ପାର୍ଟି ଦ୍ୱାରା ଉତ୍ତର ପଦେଶରୁ ଆମଦାନି କରାହୋଇଥିବା ଭୋକିଲା ନେତାଟିଏ ଯୋଗୁଁ କେଇଦିନ ତଳେ ଓଡିଶାର ନାଆଁ ରାଷ୍ଟ୍ରୀୟ ଖବର କାଗଜରେ ଅବଶ୍ୟ ଉଠିଥିଲା ।

ଏକ ସ୍ୱପ୍ନଭଙ୍ଗ

ଏଭଳି ଯେଉଁ ଓଡିଶା, ତହିଁ ଦିନେ ସୁଖସ୍ୱପ୍ନର ହିଲ୍ଲୋଳ ଖେଳିଲା ଯେବେ କେନ୍ଦ୍ରରେ ବିଗତ ବାଜପାୟୀ ସରକାରଙ୍କ ବିଜ୍ଞାନ ଓ ଉଚ୍ଚଶିକ୍ଷା ମନ୍ତ୍ରୀ କଲେ ଏକ ଅଭିନବ, ପୁଲକପ୍ରଦ ଘୋଷଣା: ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ସଂସ୍ଥାପିତ ହେବ ସର୍ବଭାରତୀୟ ସ୍ତରର ଏକ ଅତ୍ୟାଧୁନିକ ବିଜ୍ଞାନ

ଗଲେଣି ତୋ ସାଙ୍ଗରୁ ଯେତେକ ଜନ ।
ଗଣ୍ଠିରେ ବାନ୍ଧି ନେଲେ କେ କେତେ ଧନ ॥

ଗବେଷଣା କେନ୍ଦ୍ର, ଭୁବନେଶ୍ୱରରେ ପୁଣି ପ୍ରତିଷ୍ଠିତ ହେବ ସର୍ବଭାରତୀୟ ସ୍ତରର ଏକ ଆୟୁର୍ବିଜ୍ଞାନ କେନ୍ଦ୍ର! କଳ୍ପନା-ଜଳ୍ପନା ଚାଲିଲା ରାଉରକେଲା ବା ବୁର୍ଲାର କାରିଗରୀ-ପ୍ରଯୁକ୍ତି ମହାବିଦ୍ୟାଳୟ ଜାତୀୟ ସ୍ତରର ଏନ.ଆଇ.ଟି. ବା ଆଇ.ଆଇ.ଟି.ର ମାନ୍ୟତା ପାଇବାର ସଂଭାବନା ନେଇ । ଓଡିଆ ଜନତା ଭାବବିହ୍ୱଳ ହେଲା ବହୁ କଳ୍ପନା ଓ ସଂଭାବନା ନେଇ- ଓଡିଆ ପୁଅଟେ ଏଇଠି ବିଶ୍ୱସ୍ତରୀୟ ଗବେଷଣା କରିବ, ଦେଶ-ଦଶର ନାଁ ରଖିବ; ଶିକ୍ଷା-ଗବେଷଣାରେ ଓଡିଶାର ନାଆଁ ରହିବ; ଏଠାକାର ବିଜ୍ଞାନ ଗବେଷଣା ହୁଏତ ଓଡିଶାର ନାନା ଅଭାବ-ଅସୁବିଧା ଦୂର କରିବାରେ ଦିନେ ସହାୟ ହେବ; ଓଡିଆ ରୋଗୀଟିଏ ଏଇଠି ଅତ୍ୟାଧୁନିକ ଚିକିତ୍ସା ପାଇପାରିବ । ଓଡିଶାର ଚେହେରା ବଦଳିଯିବ ।

ମନମୋହନ ସରକାର କାର୍ଯ୍ୟଭାର ହାତକୁ ନେବାପରେ ହଠାତ୍ ଦିନେ ଖବର ଆସେ, ଭୁବନେଶ୍ୱରରେ ସଂସ୍ଥାପିତ ହେବାକୁଥିବା 'ରାଷ୍ଟ୍ରୀୟ ବିଜ୍ଞାନ ସଂସ୍ଥାନ' ଏଣିକି କୋଲକାତାରେ ପ୍ରତିଷ୍ଠିତ ହେବ - ଯଦିଓ ଏକ ଭିନ୍ନ ନାମ ନେଇ । ଓଡିଆ ଜନତା ମର୍ମାହତ ହୁଏ; କ୍ଷଣଟିଏ କିଂକର୍ତ୍ତବ୍ୟବିମୂଢ ହୋଇ ରହେ । କିନ୍ତୁ କିଛି କର୍ତ୍ତବ୍ୟ-ପରାୟଣ, ଉଚ୍ଚମନା, 'ନଚ୍ଛୋଡବନ୍ଧା' ବ୍ୟକ୍ତି ଆଗେଇ ଆସନ୍ତି ଏକ ଅଭାବନୀୟ ପ୍ରତିଜ୍ଞା ନେଇ- ଓଡିଶା ପ୍ରତି ଏତେ ଯେଉଁ ଅବିଚାର-ଅନାଚାର ହୋଇଚାଲିଛି, ତାର ପ୍ରତିବାଦ କରିବାକୁ ହେବ; ଓଡିଶାର ନ୍ୟାଜ୍ୟଦାବୀ ହାସଲ କରିବାକୁ ହେବ; ଓଡିଶାକୁ ଉନ୍ନତ, ସଂଭ୍ରାନ୍ତ, ସମୃଦ୍ଧ କରି ଗଢି ତୋଳିବାକୁ ହେବ ।

ଏଇ କେତେଜଣ ଉଚ୍ଚାକାଂକ୍ଷୀଙ୍କ ପ୍ରତି ଏ ଲେଖକ ନତମସ୍ତକ । ହେଲେ, ପର ମୂହୂର୍ତ୍ତରେ ତା ମନ ଦବି ଯାଏ; ପୁଣି ବିଦ୍ରୋହୀ ହୋଇଉଠେ । କେଡେ ସରଳ ମୋ ଜନତାର ଭାବନା, ଯେ 'ରାଷ୍ଟ୍ରୀୟ ବିଜ୍ଞାନ ସଂସ୍ଥାନ'ଟିଏ ମୋ ଓଡିଶାର ଚେହେରା ବଦଳେଇଦେବ ! ଦିଅନ୍ତା ହେଲେ !!

କେଇଟି ବିଷମ ପ୍ରଶ୍ନ

ଓଡିଶାରେ ନହେଲେବି ଭାରତର ଅନ୍ୟତ୍ର ବହୁ ଅତ୍ୟାଧୁନିକ ବିଜ୍ଞାନ ଗବେଷଣା କେନ୍ଦ୍ର, ବହୁ ସଂଭ୍ରାନ୍ତ ପାଦ୍ୟୋଗିକୀ ସଂସ୍ଥାନ, ବହୁ ଉଚ୍ଚକୋଟୀର ବିଶ୍ୱବିଦ୍ୟାଳୟ ରହିଛନ୍ତି । ସେସବୁ ନିଜନିଜ ରାଜ୍ୟର (ବା, ଏ ଦେଶର) ଚେହେରା ବଦଳାଇବାରେ କେତେ ସକ୍ଷମ ହୋଇଛନ୍ତି? ଆଜିକାର ପାଶ୍ଚାତ୍ୟ ଜଗତରେ ବିଶେଷତଃ ଭାରତୀୟ ପାଦ୍ୟୋଗିକୀ ସଂସ୍ଥାନ (ଆଇ.ଆଇ.ଟି.) ଓ ଭାରତୀୟ ପରିଚାଳନା ସଂସ୍ଥାନ (ଆଇ.ଆଇ.ଏମ୍.) ଗୁଡିକର ସୁନାମ ବହୁତ, ଏହା ସତ । ତେବେ ଦୁଃଖର କଥା, ସେ ସୁନାମ ସଂପୃକ୍ତ ସଂସ୍ଥାନ ମାନଙ୍କର ଭାରତପ୍ରତି ଅବଦାନ ପାଇଁ ନୁହେଁ; ବରଂ ପାଶ୍ଚାତ୍ୟ ଜଗତପ୍ରତି ଅବଦାନ ପାଇଁ । ପାଶ୍ଚାତ୍ୟର ଉନ୍ନତ ଦେଶ ମାନଙ୍କରେ ଶିକ୍ଷା- ତଥା ତାଲିମପ୍ରାପ୍ତି ବଡ ବ୍ୟୟବହୁଳ; ତେଣୁ ସେସବୁ ଦେଶ ମାନଙ୍କରେ ଉଚ୍ଚ ମାନର ତାଲିମପ୍ରାପ୍ତ ସ୍ଥାନୀୟ ଯୁବକଯୁବତୀଙ୍କ ଘୋର ଅଭାବ ରହିଛି । ବହୁ ଅଭାବ-ଅନାଟନ ସତ୍ତ୍ୱେ ଭାରତବର୍ଷ ବହୁ କଷ୍ଟ ସହି, ବହୁ ଅର୍ଥ ବ୍ୟୟକରି ବହୁ ବହୁ ଯୁବକଯୁବତୀଙ୍କୁ ପ୍ରାୟତଃ ମାଗଣାରେ ଉଚ୍ଚକୋଟୀର ତାଲିମ ଦିଏ, ଯେଉଁମାନେକି ନିଜ ଦେଶ ଛାଡି ପାଶ୍ଚାତ୍ୟ ଜଗତର ଚାହିଦା ମେଣ୍ଟାନ୍ତି । ଏ ଦୁଇ ଧରଣର ସଂସ୍ଥାନ ବାହାରେ ଭାରତର ଅଛନ୍ତି ବହୁ ଉଚ୍ଚ ମାନର ବିଜ୍ଞାନ ଗବେଷଣାଗାର, ବହୁ ଉନ୍ନତ ବିଶ୍ୱବିଦ୍ୟାଳୟ । ସେଠି କଣ ହୁଏ ? ସେଠିବି ଗବେଷଣାରତ ଛାତ୍ରଙ୍କ ଧ୍ୟେୟ ଅଟେ ସ୍ନାତକ ବା ସ୍ନାତକୋତ୍ତର ଉପାଧୀଟିଏ ହାସଲ କରିସାରିବା ପରେ କେମିତି ଅବିଳମ୍ବେ ବିଦେଶ ଯିବେ । ଏ ଲେଖକ ନିଜେ ଭାରତର ଏକ ବିଶ୍ୱବିଦ୍ୟାଳୟରେ ଉଚ୍ଚମାନର ତାଲିମ

ଗୁରୁ ଗୋବିନ୍ଦ ନାମ ତୁଣ୍ଡେ ନ ବୋଲୁ ।
ଗାଢ଼େ ମଜ୍ଜିଣ ନିତ୍ୟେ ଧନ ଅର୍ଜିଲୁ ।।ଗା।।

ପାଇବାପରେ ଆମେରିକା ଆସିଛି । ଏ ପାଶ୍ଚାତ୍ୟଲୋଭୀ-ପାଶ୍ଚାତ୍ୟସେବୀ ବ୍ୟବସ୍ଥା ଭାରତର ଚେହେରା କେତେ ବଦଳାଇଛି? ଏହା ଭାରତର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ କେତେ ଭଲ? ଯଦି ଏ ବ୍ୟବସ୍ଥା ଦେଶ ପାଇଁ ଭଲ ନୁହେଁ, କିଭଳି ଏ ବ୍ୟବସ୍ଥା ରୋକାଯାଇପାରିବ? ଏ ବ୍ୟବସ୍ଥା କେଉଁ ସବୁ କାରଣ ଦ୍ୱାରା ସୃଷ୍ଟ? ଏ ସମସ୍ୟାର ମୂଳ କେଉଁଠି ଓ ଏହାର ନିରାକରଣ କଣ?

ଏ ଲେଖକର ସଂପୃକ୍ତି ଜୀବବିଜ୍ଞାନ ସହ ଓ ସେ ଆଣବିକ ଜୀବବିଜ୍ଞାନ (ମଲିକ୍ୟୁଲାର ବାଇଓଲଜି) ନେଇ ଗବେଷଣାରତ । ନିମ୍ନରେ ସେ ଭାରତୀୟ ବିଜ୍ଞାନର (ବିଷେଶତଃ ଜୀବବିଜ୍ଞାନ) ଦୟନୀୟ ସ୍ଥିତି ଉପରେ ନିଜ ତଥା ଦେଶ-ବିଦେଶରେ ବିଭିନ୍ନ ସ୍ଥାନରେ ଗବେଷଣାରତ ତା' ବନ୍ଧୁଗୋଷ୍ଠୀଙ୍କ ମତାମତ ନେଇ ଉପରୋକ୍ତ ସମସ୍ୟାର ଏକ ଅନୁଶୀଳନ ଉପସ୍ଥାପନ କରୁଛି ।

ସିଧାସଳଖ ଭାବରେ ଦେଖିଲେ ଉପରୋକ୍ତ ସମସ୍ୟାର ଯେଉଁ ଦୁଇଟି ସମ୍ଭାବ୍ୟ କାରଣ ଆଖି ଆଗରେ ପ୍ରଥମେ ଆସନ୍ତି, ସେଗୁଡିକ ହେଲେ: (୧) ଭାରତ ପାଖରେ ଉଚ୍ଚ ମାନର ଗବେଷଣାଗାର ନାହିଁ ଯାହା ଉଦ୍‌ଯୋଗୀ ଯୁବକଯୁବତୀଙ୍କୁ ଗବେଷଣାର ସୁଯୋଗ ଦେବ, ଏବଂ (୨) ଭାରତ ପାଖରେ ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟ ଯୋଗାଇବା ପାଇଁ ଏତେ ସମ୍ବଳ ନାହିଁ । ଏହା ବାହାରେ ଅନ୍ୟ ଏକ ଆଶାବାଦୀ କାରଣ ଥାଇପାରେ - ପାଶ୍ଚାତ୍ୟରୁ ଅତ୍ୟାଧୁନିକ ତାଲିମ ପାଇ ଯଦି ଭାରତୀୟ ଯୁବକଯୁବତୀ ଫେରି ଆସନ୍ତି, ତେବେ ଭାରତର ବିଜ୍ଞାନ ଓ ପଯୁକ୍ତିଗତ ରୂପରେଖରେ ଉନ୍ନତି ଆସିବ । ଆସନ୍ତୁ ଦେଖିବା ଏଇ ଦୁଇ କାରଣ କେତେ ସତ । ଏ ପରିପ୍ରେକ୍ଷୀରେ ଲେଖକର ଅନୁରୋଧ ଯେ ପାଠକେ ଅନ୍ୟ ଏକ ଗୁରୁଗମ୍ଭୀର ବିଷୟ ମନରେ ରଖି ଏ ଅନୁଶୀଳନ ଉପରେ ବିଚାର କରିବେ । ତାହା ହେଲା, ଭାରତ ସ୍ୱାଧୀନ ହେବା ପରଠୁ ଦାରିଦ୍ୟ, ବେକାରୀ, ଜନସଂଖ୍ୟା ବୃଦ୍ଧି, ସାଧାରଣ ଜନତା ପାଇଁ ସର୍ବନିମ୍ନ ସ୍ୱାଚ୍ଛନ୍ଦ୍ୟ ଉପଲବ୍ଧ କରାଇବାରେ ବିଫଳତା ଭଳି କମବର୍ଦ୍ଧିଷ୍ଣୁ ସମସ୍ୟା, ତଥା ନେତା-ପ୍ରଶାସନର ମାରାତ୍ମକ ଅର୍ଥଲୋଲୁପତା, କର୍ତ୍ତବ୍ୟହୀନତା, ଦାୟୀତ୍ୱହୀନତା ଏବଂ ସାଧାରଣ ଜନତାର *'ମୋର କି ଯାଏ?'* -ମନୋଭାବ ସହ ସଂଘର୍ଷ କରି ଆସୁଛି । ଏଣୁ ଭାରତର ଶିକ୍ଷକ-ଗବେଷକ ସଂପ୍ରଦାୟଠାରୁ ଅପେକ୍ଷାକୃତ ଭାବରେ ଅଧିକ ଦାୟୀତ୍ୱଶୀଳତା ଓ କର୍ତ୍ତବ୍ୟପରାୟଣତା ଆଶା କରାଯାଏ ।

ଗୌରବମୟ ଦୁର୍ଭାଗ୍ୟ

ଭାରତର ଦୁର୍ଭାଗ୍ୟ ଯେ ତା ପାଖରେ ଏଭଳି ଅତ୍ୟାଧୁନିକ ଗବେଷଣାଗାରମାନ ରହିଛନ୍ତି, ଯାହା ଦେଖିଲେ ଉନ୍ନତ ପାଶ୍ଚାତ୍ୟ ଦେଶର ଯେକୌଣସି ବିଜ୍ଞାନପିପାସୁ ମନରେ ଈର୍ଷାଜାତ ହୋଇପାରେ । ଭାରତ ସରକାର ଦେଶସାରା ବୈଜ୍ଞାନିକ ଓ ବୈଷୟିକ ଗବେଷଣା ଓ ଉଚ୍ଚାନୁଶୀଳନ ପାଇଁ ଅକଳନ ଅର୍ଥ ବିନିଯୋଗ କରିଆସୁଛନ୍ତି; ଏଥିନେଇ ଭାରତରେ ତିନୋଟି ପ୍ରକାର ଅନୁଷ୍ଠାନ ରହିଛନ୍ତି । ପ୍ରଥମତଃ ବିଜ୍ଞାନ ଓ ବୈଷୟିକ ଶିକ୍ଷା, ତାଲିମ ଓ ଗବେଷଣାପାଇଁ ଛଅଗୋଟି ଆଇ.ଆଇ.ଟି. ତଥା ବାଙ୍ଗାଲୋରରେ ଆଇ.ଆଇ.ଏସସି.ର ପ୍ରତିଷ୍ଠା କରାଯାଇଛି । ବିଭିନ୍ନ ଆଇ.ଆଇ.ଟି. ମାନଙ୍କରେ ଶିକ୍ଷା ଓ ତାଲିମର ମାନ ଖୁବ ଉଚ୍ଚ; ଏଭିତରୁ କେତୋଟିରେ ଖୁବ ଉଚ୍ଚମାନର ଗବେଷଣାଗାରସବୁ ରହିଛି । ଦ୍ୱିତୀୟତଃ ଭାରତର ବିଭିନ୍ନ ପ୍ରାନ୍ତରେ କେବଳମାତ୍ର ଗବେଷଣା ପାଇଁ ବହୁ ସଂଖ୍ୟକ ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଛି । ତନ୍ମଧ୍ୟରୁ ଯେଉଁ କେତୋଟି ପ୍ରମୁଖ ନାମ ସର୍ବାଦ୍ୟେ। ଆଖିକୁ ଆସନ୍ତି, ସେସବୁ ହେଲେ ମୁମ୍ବାଇରେ ଟାଟା ପ୍ରତିଷ୍ଠାନ

ଘର ଘରଣୀ ଦେହ କିଳାଉ ଥିବେ ।
ଘେନି ବନ୍ଧୁ କୁଟୁମ୍ବ, ଶୁଦ୍ଧ ହୋଇବେ ॥

(ଟି.ଆଇ.ଏଫ.ଆର.), ବାଙ୍ଗାଲୋରରେ ଏନ.ସି.ବି.ଏସ. ଓ ଜେ.ଏନ.ସି.ଏ.ଏସ.ଆର., ହାଇଦାବାଦରେ ସି.ସି.ଏମ.ବି., ଆଇ.ଆଇ.ସି.ଟି. ଓ ସି.ଡି.ଏଫ.ଡି., କୋଲକାତାରେ ବୋଷ ପ୍ରତିଷ୍ଠାନ ଓ ଆଇ.ଆଇ.ସି.ବି., ଦିଲ୍ଲୀରେ ଏନ.ଆଇ.ଆଇ., ଆଇ.ଏ.ଆର.ଆଇ. ତଥା ମିଳିତ ଜାତିସଙ୍ଘ ସହାୟତାରେ ପ୍ରତିଷ୍ଠିତ ଆଇ.ସି.ଜି.ଇ.ବି., ଲକ୍ଷ୍ନୌରେ ସି.ଡି.ଆର.ଆଇ., ଚଣ୍ଡିଗଡରେ ଇମଟେକ ଇତ୍ୟାଦି । ତୃତୀୟତଃ ବିଭିନ୍ନ ଜାତୀୟ ବିଶ୍ୱବିଦ୍ୟାଳୟରେ (ଯହିଁ ଶିକ୍ଷାଦାନ ମୁଖ୍ୟ ଲକ୍ଷ୍ୟ ଅଟେ; ଯଥା ନୁଆଦିଲ୍ଲୀର ଜେ.ଏନ.ୟୁ., ବାରାଣସୀରେ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ଇତ୍ୟାଦି) ବହୁ ଉଚ୍ଚସ୍ତରୀୟ ଗବେଷଣାଗାର ରହିଛି । ଏହାବାଦ ଭାରତରେ ବହୁ ଅଧିକ ସଂଖ୍ୟକ ଗବେଷଣା ପ୍ରତିଷ୍ଠାନ ଓ ବିଶ୍ୱବିଦ୍ୟାଳୟମାନ ରହିଛନ୍ତି ଯେଉଁଠି ଅପେକ୍ଷାକୃତ ଭଲ ଗବେଷଣାଗାରମାନ ରହିଛି । ଏ ଲେଖକ ଏମଧ୍ୟରୁ ଅନେକ ପ୍ରତିଷ୍ଠାନ ଓ ବିଶ୍ୱବିଦ୍ୟାଳୟକୁ ଯାଇଛି ଓ ସେଠାକାର ବୈଜ୍ଞାନିକ ବାତାବରଣର ପ୍ରତ୍ୟକ୍ଷ ଅନୁଭୂତି ପାଇଛି । ସାଧାରଣ ପାଠକଙ୍କ ପାଇଁ ଏଠି କହି ରଖେଁ, ଯେ ଆଜିକାର ଜୀବବିଜ୍ଞାନ ଯୋଡିଏ ତିନୋଟି ବେଙ୍ଗ କାଟି ତା' ପାକସ୍ଥଳୀମାତ୍ର ଦେଖିବା ନୁହେଁ, ବା ନଈନାଳ ବଣପାନ୍ତର ବୁଲି ପୋକଯୋକ ଧରିବା ନୁହେଁ । ଆଜିକାର ଜୀବବିଜ୍ଞାନର ଆଭିମୁଖ୍ୟ ହେଲା ମାନବ ଶରୀରର ସବୁପ୍ରକାର ଜ୍ଞାତବ୍ୟ ହାସଲ କରିବା ଯାହା ଏକ ଉଜ୍ୱଳ, ନିରାମୟ ଜୀବନଯାପନ ପାଇଁ ମଣିଷର ସହାୟକ ହେବ । ମାନବ ଶରୀର ଅସରନ୍ତି ରହସ୍ୟର ଗନ୍ତାଘର; ଓ ସେସବୁର ଅନୁଧ୍ୟାନ ତଥା ଅନୁସନ୍ଧାନ କରିବାପାଇଁ ପ୍ରଥମତଃ ମାନବେତର ଜୀବପ୍ରାଣୀଙ୍କ ଅନୁଧ୍ୟାନ ଜରୁରୀ, ଏବଂ ଦ୍ୱିତୀୟତଃ ବହୁ ସୂକ୍ଷ୍ମ ଯନ୍ତ୍ରପାତି ତଥା ବହୁ ଅତିମୂଲ୍ୟବାନ ରସାୟନ ଆବଶ୍ୟକ । ଉପରୋକ୍ତ ଭାରତୀୟ ପ୍ରତିଷ୍ଠାନ ଗୁଡିକର ଯାନ୍ତ୍ରିକ ଐଶ୍ୱର୍ଯ୍ୟ ଦେଖି ଲେଖକ ହତଭମ୍ବ ହୋଇଛି, ଗର୍ବ ଅନୁଭବ କରିଛି । କିନ୍ତୁ ବିଦେଶ ଆସିବାପରେ ସେ ଏଠାକାର (ଯୁକ୍ତରାଷ୍ଟ୍ର) ସାଧାରଣ ବିଶ୍ୱବିଦ୍ୟାଳୟ ବା ଗବେଷଣା ପ୍ରତିଷ୍ଠାନର ତୁଳନାତ୍ମକ ଐଶ୍ୱର୍ଯ୍ୟ ଓ କୃତି ଦେଖି ଭାରତ କଥା ଭାବିଛି, ମିୟମାଣ ହୋଇଛି । ଉପରୋକ୍ତ ଭାରତୀୟ ପ୍ରତିଷ୍ଠାନସବୁର ଯାନ୍ତ୍ରିକ ଐଶ୍ୱର୍ଯ୍ୟ ଯୁକ୍ତରାଷ୍ଟ୍ର ତୁଳନାରେ କୌଣସିମତେ କମ ନୁହେଁ, କିନ୍ତୁ କୃତିରେ ଭାରତୀୟ ପ୍ରତିଷ୍ଠାନ ସମୂହ ଯୁକ୍ତରାଷ୍ଟ୍ରର ଗୋଟିଏ ବିଶ୍ୱବିଦ୍ୟାଳୟର ଦୁଏତ ଏକ-ଦଶାଂଶସହ ସମତୁଲ ନୁହନ୍ତି (ଏଭଳି ଅବଧାରଣାର ଯୌକ୍ତିକତା ଉପରେ ଟିକିଏ ପରେ ଆଲୋଚନା କରିବା) ।

ଏଥର ଦେଖିବା ଆର୍ଥିକ ଐଶ୍ୱର୍ଯ୍ୟ କଥା । ଭାରତରେ (ବା, ବିଶ୍ୱର ଅନ୍ୟତ୍ର) ଗବେଷଣା ପାଇଁ ଅର୍ଥ ଆସେ କେଉଁଠୁ? ସମସ୍ତ ଅର୍ଥ ଜନତାର, ରାଷ୍ଟ୍ରର । ବିଭିନ୍ନ ଦେଶ ନିଜ ନିଜ ଦେଶରେ ବୈଜ୍ଞାନିକ ଗବେଷଣା ପାଇଁ ଏକ ବା ଅଧିକ ସଂସ୍ଥା ଗଢିଥାନ୍ତି । ଏ ସଂସ୍ଥାସବୁ ସରକାରଠାରୁ (ଅଥବା ଅଣସରକାରୀ କଂପାନି ବା ପୁଞ୍ଜିପତିଙ୍କ ଠାରୁ) ମୋଟା ଅର୍ଥ ଆଣନ୍ତି । ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନର ଗବେଷକମାନେ ଏକ ନିର୍ଦ୍ଦିଷ୍ଟ ବୈଜ୍ଞାନିକ ବା ପାଦ୍ୟୌଗିକୀ ସମସ୍ୟା ବା ରହସ୍ୟର ସମାଧାନ ପାଇଁ ଏକ ଗବେଷଣାତ୍ମକ ଚିଠା ପ୍ରସ୍ତୁତ କରନ୍ତି ଓ ଏହାକୁ ଏକ ପ୍ରସ୍ତାବ ଆକାରରେ ସଂପୃକ୍ତ ସଂସ୍ଥାପାଖକୁ ପଠାଇଥାନ୍ତି; ଏ ପ୍ରସ୍ତାବରେ ଉଲ୍ଲିଖିତ ଥାଏ କେତେ ପରିମାଣର ଅର୍ଥ ଆବଶ୍ୟକ ଓ କାହିଁକି । ସଂସ୍ଥାଟି କିଛି ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତାବଟିର ସମୀକ୍ଷା କରାଏ ଓ ଉଚିତ ମନେହେଲେ ଗବେଷକଟିକୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଦିଏ । ଗବେଷଣାଲବ୍ଧ ଜ୍ଞାନକୁ ନେଇ ବିଜ୍ଞାନ ପ୍ରଗତି କରେ; ମାନବ ସମାଜର ପ୍ରଗତି ହୁଏ ।

ଉଦ୍ଧାର ହେବୁ ଯେବେ ଭବ ସାଗରୁ ।
ଉପାୟ କରି ଭଜ ଏବେ ଶ୍ରୀଗୁରୁ ॥



CDRI, Lucknow

ଭାରତ ସରକାରଙ୍କ ଯେଉଁସବୁ ସଂସ୍ଥା ଭାରତୀୟ ଗବେଷଣାକୁ ଆର୍ଥିକ ସହାୟତା ଦିଅନ୍ତି, ସେଭିତରେ ଅଛନ୍ତି ୟୁ.ଜି.ସି., ସି.ଏସ.ଆଇ.ଆର., ଡି.ବି.ଟି., ଡି.ଏସ.ଟି, ଆଇ.ସି.ଏମ.ଆର., ଆଇ.ସି.ଏ.ଆର., ଡି.ଏ.ଇ. ଇତ୍ୟାଦି । କେବଳ ସି.ଏସ.ଆଇ.ଆର. ଅଧୀନରେ ଦେଶବ୍ୟାପି ୩୮ଟି ଗବେଷଣାଗାର/ଗବେଷଣା ପ୍ରତିଷ୍ଠାନ ରହିଛି (ଭୁବନେଶ୍ୱରର ଆର.ଆର.ଏଲ. ସମେତ) । ଏହା ଅଧିନରେ ୨୦୦୩-୨୦୦୪ ମସିହାରେ ୧୩୫୪୫ ଜଣ ବୈଜ୍ଞାନିକ-କାରିଗର ଗବେଷଣା କରୁଥିଲେ, ଯେଉଁମାନଙ୍କୁ ୪୬୮୦ ଜଣ ପ୍ରଶାସକ-ସହାୟକ ସହାୟତା ଦେଉଥିଲେ । ସେହି ସମୟରେ ଏ ସଂସ୍ଥା ସମୁଦାୟ ୧୪୫୧ କୋଟି ଟଙ୍କାର (୧୦୭୪ କୋଟି ସରକାରୀ ଓ ୨୮୮ କୋଟି ଅଣସରକାରୀ) ଅନୁଦାନ ପାଇଛି *(୧)* । ସେହିଭଳି ୨୦୦୪-୨୦୦୫ ପାଇଁ ଡି.ବି.ଟି. ପାଇଛି ୩୨୩.୪୫ କୋଟି, ଏବଂ ତାକୁ ୨୦୦୫-୨୦୦୬ ପାଇଁ ମିଳୁଛି ୪୫୮.୬ କୋଟି *(୨)* । ସୂଚନାଯୋଗ୍ୟ ଯେ ଭୁବନେଶ୍ୱରସ୍ଥ 'ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନସେସ' ଡି.ବି.ଟି. ଅଧୀନସ୍ଥ ଏକ ପତିଷ୍ଠାନ । ଅନୁଦାନ ଦେଉଥିବା ଅନ୍ୟ ସଂସ୍ଥା ମାନଙ୍କର ହିସାବ ଏଠି ଦିଆଯାଉନାହିଁ । ଗୋଟିଏ ଆଇ.ଆଇ.ଟି.ର ବାର୍ଷିକ ଆୟବ୍ୟୟ ଅଟକଳ (ବଜେଟ) ନେପାଳ ଭଳି ଦେଶମାନଙ୍କର ସାମୁହିକ ବାର୍ଷିକ ବଜେଟଠୁ ବହୁ ଅଧିକ । ବହୁ ଗବେଷକ ପୁଣି ବିଦେଶୀ ସଂସ୍ଥା ମାନଙ୍କରୁ ମଧ୍ୟ ଗବେଷଣା ପାଇଁ ବିପୁଳ ଅର୍ଥ ପାଇଥାନ୍ତି । ଭାରତ ବର୍ଷଟିଏରେ ବୈଜ୍ଞାନିକ ଗବେଷଣା ପାଇଁ କେତେ ପରିମାଣର ଅର୍ଥ ବ୍ୟୟ କରୁଛି, ତାହା ଅନୁମେୟ (ବା, ହୁଏତ ଅନନୁମେୟ) ।

ଭଲ କଥା । ରାଷ୍ଟ୍ର ଟିଏ ନିଜ ସର୍ବାଙ୍ଗୀନ ଉନ୍ନତି ପାଇଁ ଅଜସ୍ର ବ୍ୟୟ କରିବ; ଏଥିରେ ବୈଜ୍ଞାନିକ ଓ କାରିଗରୀ ଗବେଷଣା ମଧ୍ୟ ଅନ୍ତର୍ଭୂକ୍ତ । ତେବେ, ଗବେଷଣାରୁ ରାଷ୍ଟ୍ର ଅନୁରୂପ ପ୍ରତିଦାନ ମଧ୍ୟ ପାଇବାକଥା । ସାଧାରଣ ପାଠକ ପ୍ରଶ୍ନ କରିବେ, ଏ ପ୍ରତିଦାନର ରୂପରେଖ କିଭଳି ହେବା ବାଞ୍ଛନୀୟ? ପ୍ରଥମତଃ ବିକାଶୋନ୍ମୁଖୀ ଦେଶ ମାନଙ୍କରେ ବୈଜ୍ଞାନିକ ଗବେଷଣାର ଆଭିମୁଖ୍ୟ ଉକ୍ତ ଦେଶ ଓ ସମାଜର ବିଭିନ୍ନ ମୌଳିକ ଆବଶ୍ୟକତା ପୂରଣ ତଥା ସମସ୍ୟା ନିରାକରଣ ହେବା ଉଚିତ । ଅର୍ଥାତ୍ ଭାରତ ଭଳି ଦେଶର ବୈଜ୍ଞାନିକ ଗବେଷଣା ମୋଟାମୋଟି ଭାବରେ 'ପ୍ରୟୋଗଧର୍ମୀ' ହେବା ଉଚିତ । ଭାରତ ଏଥିପାଇଁ ବହୁ ଅର୍ଥ ବ୍ୟୟକରି ବହୁ ଉଚ୍ଚାକାଂକ୍ଷା ନେଇ ବହୁତ ଗୁଡିଏ ଗବେଷଣା ପତିଷ୍ଠାନ ଗଢିଛି; ଯେପରିକି ଲକ୍ଷ୍ନୌରେ ସି.ଡି.ଆର.ଆଇ. (ସେଣ୍ଟ୍ରାଲ ଡ୍ରଗ ରିସର୍ଚ ଇନଷ୍ଟିଚ୍ୟୁଟ), ସିମାପ (ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ମେଡିସିନାଲ ଏଣ୍ଡ ଏରୋମେଟିକ ପ୍ଲାଣ୍ଟସ), ବା ହାଇଦାବାଦରେ ଆଇ.ଆଇ.ସି.ଟି. (ଇଣ୍ଡିଏନ ଇନଷ୍ଟିଚ୍ୟୁଟ ଅଫ କେମିକାଲ ଟେକନୋଲଜି) । ପାଠକେ ଏ ପତିଷ୍ଠାନ ମାନଙ୍କର ଆଭିମୁଖ୍ୟ ଏମାନଙ୍କ ନାମରୁ ବେଶ୍ ଠଉରାଇ ପାରୁଥବେ । ଦୁଃଖର କଥା, ଏଭିତରୁ ଅଧିକାଂଶ ପତିଷ୍ଠାନରେ ମୋଟାମୋଟି ଗବେଷଣାର ମାନ ଅତି ନିମ୍ନ ସ୍ତରର, ଯଦିଓ ସେମାନଙ୍କ ଆର୍ଥିକ ତଥା

ଉଣା ହେଉଛି ଦିନୁ ଦିନ ଆୟୁଷ ।
ଆଉ ଏଣିକି ଅଛି କେତେ ବୟସ ॥

ଯାନ୍ତ୍ରିକ ଐଶ୍ୱର୍ଯ୍ୟ ବିପୁଳ । ଦେଶ ଏମାନଙ୍କ ଗବେଷଣାରୁ ଯାହା ପାଇଛି, ତାହା ଅତି ନଗଣ୍ୟ ।

ଦ୍ୱିତୀୟତଃ, ମୌଳିକ ଗବେଷଣା ବିନା 'ପ୍ରୟୋଗଧର୍ମୀ' ଗବେଷଣା ତିଷ୍ଠି ପାରିବନାହିଁ, ଫଳବତୀ ବା ବଳବତୀ ହୋଇ ପାରିବନାହିଁ । ଏଣୁ ମୌଳିକ ଗବେଷଣା ମଧ୍ୟ ସମାନ ପ୍ରାଧାନ୍ୟ ପାଇବା ଉଚିତ । ଏ ସ୍ତରର ଗବେଷଣାରୁ ପ୍ରାପ୍ତ ଜ୍ଞାନ ରାତାରାତି ଜନସାଧାରଣଙ୍କ ଉପଯୋଗରେ ଆସିବ, ଏହା ସମ୍ଭବ ନୁହେଁ । ଅନେକ ମୌଳିକ-ଗବେଷଣା-ପ୍ରସୂତ ଜ୍ଞାନ ଜନସାଧାରଣଙ୍କ ଗୋଚରକୁ ଆସିବାରେ ଶତାବ୍ଦୀଟିଏ ଲାଗିଯାଏ । ତେବେ, ଏଭଳି ପ୍ରତିଷ୍ଠାନରେ ଗବେଷଣାର ମାନ ନିରୂପଣ କରିବା କିପରି? ନିଜ ପ୍ରସ୍ତାବିତ ଗବେଷଣାପାଇଁ ମିଳିଥିବା ଅର୍ଥ ବିନିଯୋଗ କରି ଗବେଷକଟିଏ ଗବେଷଣା କରେ ଓ ତହିଁରୁ ମିଳିଥିବା ସୂଚନା ବା ଜ୍ଞାନକୁ ବିଭିନ୍ନ ଗବେଷଣାତ୍ମକ ପତିକା ମାଧ୍ୟମରେ ବିଜ୍ଞାନପ୍ରେମୀଙ୍କ ଗୋଚରକୁ ଆଣେ । ବିଜ୍ଞାନର ବିଭିନ୍ନ ବିଷୟରେ ବିଶ୍ୱବ୍ୟାପି ବହୁ ପତିକା ପ୍ରକାଶିତ ହୁଅନ୍ତି । ତହିଁ ପ୍ରକାଶିତ ନିବନ୍ଧ ଗୁଡିକର ମାନ, ବିଶ୍ୱ ଜ୍ଞାନକୋଷକୁ ସେମାନଙ୍କ ଅବଦାନର ମାନ ଓ ସେମାନେ ପ୍ରକାଶନପରେ ପରବର୍ତ୍ତି ବୈଜ୍ଞାନିକ ଦୃଷ୍ଟିକୋଣକୁ କେତେ ପ୍ରଭାବିତ କରନ୍ତି (ଅର୍ଥାତ୍ କୌଣସି ଏକ ପତିକାରେ ପ୍ରକାଶିତ ନିବନ୍ଧଟିଏ ହାରାହାରୀ କେତେଥର ପରବର୍ତ୍ତି ବର୍ଷଟିଏ ମଧ୍ୟରେ ନୁଆ ନିବନ୍ଧମାନଙ୍କ ଦ୍ୱାରା ଉଦ୍ଧୃତ ହୁଏ), ଏସବୁର ସମ୍ୟକ ଅନୁଧ୍ୟାନ କରାଯାଏ; ଓ ବିଶ୍ୱବିଜ୍ଞାନ ଉପରେ ସେମାନଙ୍କ ମୋଟାମୋଟି ପ୍ରଭାବ (ଇମପେକ୍ଟ ଫେକ୍ଟର) ଅନୁସାରେ ପତିକା ଗୁଡିକୁ ପଂକ୍ତିବଦ୍ଧ କରାଯାଏ । ଉଦାହରଣ ସ୍ୱରୂପ, ୨୦୦୪ ମସିହା ପାଇଁ ସବୁଠୁ ପ୍ରଭାବୀ ପତିକା ହେଲା 'ଏନ୍ୟୁଏଲ ରିଭ୍ୟୁ ଅଫ ଇମ୍ୟୁନୋଲଜି', ଓ ଏହାର ଇମପେକ୍ଟ ଫେକ୍ଟର ୫୨.୪୩୧ । ଅର୍ଥାତ୍, ଏଥିରେ ପ୍ରକାଶିତ ପ୍ରତିଟି ନିବନ୍ଧ ବର୍ଷକ ମଧ୍ୟରେ ଅନ୍ୟୁନ ୫୨.୪୩୧ଥର ଉଦ୍ଧୃତ ହୋଇଛନ୍ତି । ବିଶ୍ୱ ପ୍ରସିଦ୍ଧ ପତିକା 'ନେଚର' ଓ 'ସାଇନସ'ର ୨୦୦୪ ମସିହା ପାଇଁ ଇମପେକ୍ଟ ଫେକ୍ଟର ହେଲେ ଯଥାକମେ ୩୨.୧୮୨ ଓ ୩୧.୮୫୩ । ତେଣୁ, ଯଦିବା ମୌଳିକ ଗବେଷଣା ତୁରନ୍ତ ଜନସାଧାରଣଙ୍କ ହିତକୁ ଆସିବା ଅସମ୍ଭବ, ଏହାର ପ୍ରଭାବ ସୁଦୂରପ୍ରସାରୀ ହେବା ଆଶା କରାଯାଏ । ଅର୍ଥାତ୍ ଭାରତୀୟ ବୈଜ୍ଞାନିକମାନେ ଯୁଗୋପଯୋଗୀ, ଦେଶୋପଯୋଗୀ, ସମାଜୋପଯୋଗୀ ତଥା ଆବଶ୍ୟକୀୟ ବୈଜ୍ଞାନିକ ସମସ୍ୟା ଗୁଡିକୁ ଚିହ୍ନଟ କରିବା ଓ ସେସବୁର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ଉଚିତ ଯାହାଫଳରେ ସେମାନଙ୍କ ଗବେଷଣା-ପ୍ରସୂତ ସୂଚନା ଓ ଜ୍ଞାନ ବିଶ୍ୱସ୍ତରୀୟ ପତିକାରେ ଗ୍ରହଣୀୟ ହୋଇପାରିବ ଯାହାର ଇମପେକ୍ଟ ଫେକ୍ଟର ବେଶ ଉଚ୍ଚ ଥିବ ।

ଲକ୍ଷ୍ୟର ବିଷୟ ଯେ ୧୯୯୯ରୁ ୨୦୦୩ ପର୍ଯ୍ୟନ୍ତ ପାଞ୍ଚବର୍ଷରେ ବିଶ୍ୱ ଜ୍ଞାନକୋଷକୁ ଭାରତର ତୁଳନାତ୍ମକ ଅବଦାନ ଋଣାତ୍ମକ ଅଟେ (୨୧ଟି ବିଷୟ ପାଇଁ ହାରାହାରୀ 'ରିଲେଟିଭ ଇମପେକ୍ଟ କମପେୟର୍ଡ ଟୁ ୱର୍ଲ୍ଡ' -୫୧.୮) ***(୩)***, ଯହିଁ ଯୁକ୍ତରାଷ୍ଟ୍ରର ଅବଦାନ ୩୧.୫୬ ***(୪)***। ଏହି ସମୟ ଭିତରେ ବିଶ୍ୱର ସାମୁହିକ ନିବନ୍ଧ ସଂଖ୍ୟାକୁ ଭାରତର ଅବଦାନ ୨.୩୨ ପ୍ରତିଶତ; ଯହିଁ ଯୁକ୍ତରାଷ୍ଟ୍ର ପାଇଁ ଏହା ୩୪.୧୬ ପ୍ରତିଶତ । ୨୦୦୩-୨୦୦୪ ବର୍ଷପାଇଁ ସି.ଏସ.ଆଇ.ଆର.-ଅନୁଦିତ ଗବେଷଣାରୁ ପ୍ରକାଶିତ ହୋଇଥିବା ସମୁଦାୟ ୨୧୮୮ଟି ନିବନ୍ଧର ହାରାହାରୀ ଇମପେକ୍ଟ ଫେକ୍ଟର ୧.୭୪୯ ***(୫)*** । ଡି.ବି.ଟି, ଡି.ଏସ.ଟି. ଇତ୍ୟାଦି ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ଅନୁଦାନପ୍ରାପ୍ତ ଗବେଷଣାର ରୂପରେଖ ମଧ୍ୟ ତଦ୍ରୂପ । ଅର୍ଥାତ୍ ବର୍ଷକ ମଧ୍ୟରେ ବିଶ୍ୱବ୍ୟାପୀ ପ୍ରକାଶିତ ହେଇଥିବା ଲକ୍ଷ ଲକ୍ଷ ବୈଜ୍ଞାନିକ

ଚିତ୍ରପ୍ରତିମା ପ୍ରାୟ ଦିଶୁ ସୁନ୍ଦର ।
ଚିର ଭିତର ଦେଖ କି ନାରଖାର ॥

ନିବନ୍ଧମଧ୍ୟରୁ ମାତ୍ର ୧.୬୫ଟି ନିବନ୍ଧରେ ଭାରତୀୟ ନିବନ୍ଧଟିଏ ଉଦ୍ଧୃତ ହୁଏ ! ହସିବା ନା କାନ୍ଦିବା?



NCBS, Bangalore

ଆଗରୁ ସି.ଏସ.ଆଇ.ଆର.ର ଅନୁଦାନରେ ପତିଷ୍ଠିତ ପ୍ରତିଷ୍ଠାନମାନଙ୍କର ଯାନ୍ତ୍ରିକ ତଥା ଆର୍ଥିକ ଐଶ୍ୱର୍ଯ୍ୟ କଥା ଆଲୋଚିତ ହୋଇଛି । ଏହା ଅଧୀନରେ ହାଇଦାବାଦର ସି.ସି.ଏମ.ବି.ରେ ଏଭଳି ପରୀକ୍ଷାଗାରମାନ ଅଛି ଯହିଁ ପରୀକ୍ଷା ନିରୀକ୍ଷା କରିବାକୁ ତିନି ଚାରିଜଣ ବ୍ୟକ୍ତି ଥିଲେ ସେମାନଙ୍କୁ ସହାୟତା ଦେବାପାଇଁ ଷ୍ଟେନୋ, ଟେକନିକାଲ 'ଅଫିସର' ଓ ପିଅନ ମିଶି ଆଠଜଣ କର୍ମଚାରୀ ଥାଆନ୍ତି *(୬)*। ଅଥଚ ଲେଖକ ଏଠି ୟୁଟାହ୍ ବିଶ୍ୱବିଦ୍ୟାଳୟରେ ଯେଉଁ ପରୀକ୍ଷାଗାରରେ ଗବେଷଣା କରେ ତହିଁ ଅନ୍ୟୁନ ୨୦ଜଣ ଗବେଷଣା କରନ୍ତି, ଓ ସେମାନଙ୍କୁ ସହାୟତା ଦେବାପାଇଁ କେବଳ ଜଣେମାତ୍ର ସହାୟକ ସାମୟିକ ଭାବରେ ଶମଦାନ କରେ । ଏହି ପରୀକ୍ଷାଗାରରୁ କେବେ ଏଭଳି ନିବନ୍ଧ ବାହାରିନାହିଁ ଯାହାର ଇମପେକ୍ଟ ଫେକ୍ଟର ୧୦ରୁ କମ । ଏହି ତୁଳନାରୁ ପାଠକେ ଭାରତୀୟ ବିଜ୍ଞାନୀଙ୍କ ଐଶ୍ୱର୍ଯ୍ୟ ଓ ବିଳାଶ କଥା ବେଶ ଅନୁମାନ କରି ପାରୁଥିବେ । କେବଳ ସେତିକି ନୁହେଁ, ଭାରତୀୟ ବିଜ୍ଞାନୀଙ୍କୁ ମୋଟା ଅଙ୍କର ଦରମା ମିଳେ, ସବସିଡିରେ ଘର ମିଳେ, ପ୍ରତିଷ୍ଠାନ ମାନଙ୍କରେ ସବସିଡିରେ ଭୋଜନ ମିଳେ । ଦେଶ ଏ ବିଜ୍ଞାନୀଙ୍କ ପାଇଁ ଆଉ କଣ କଲେ ଏମାନେ ଦେଶ ପାଇଁ କିଛି ଆଶାନୁରୂପ ପ୍ରତିଦାନ ଦେବେ? କାହିଁକି ମୋ ଦେଶ ଏଭଳି ଅପଦାର୍ଥ ମାନଙ୍କ ଭରଣ ପୋଷଣ କରିଚାଲିଥିବ? ଅଥବା, ସେଭଳି ପ୍ରତିଷ୍ଠାନସବୁକୁ କାହିଁକି ବନ୍ଦ କରିଦିଆନଯିବ ଯିଏ ଦୀର୍ଘସମୟ ହେଲା କୌଣସି ଆଶାନୁରୂପ ସଫଳତା ହାସଲ କରିନାହାନ୍ତି?

କଙ୍କରିଳ ପଥ

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଭାରତୀୟ ବିଜ୍ଞାନର ସାଂପ୍ରତିକ ବିଶ୍ୱ ଜ୍ଞାନକୋଷକୁ ଅବଦାନ ଅତି ନଗଣ୍ୟ; ଯଦିଓ ଭାରତୀୟ ଗବେଷଣା ପ୍ରତିଷ୍ଠାନ ମାନଙ୍କରେ ତଥାପି ଅଳ୍ପ କିଛି ବୈଜ୍ଞାନିକ ଅଛନ୍ତି ଯେଉଁମାନଙ୍କର ନିବନ୍ଧ 'ନେଚର୍', 'ସାଇନସ' ବା ସମ୍ମାନଜନକ 'ସେଲ' ରେ ପ୍ରକାଶିତ ହୋଇଛି । ଏହି ମୁଷ୍ଟିମେୟ କେତେଜଣଙ୍କ ପାଇଁ ଭାରତୀୟ ଇମପେକ୍ଟ ଫେକ୍ଟର ୧.୬୫ରେ ରହିଛି, ନହେଲେ ଏହା ୧ରୁ ବେଶ ତଳେ ରହନ୍ତା । ବହୁ ଉଚ୍ଚକୋଟୀର ପରୀକ୍ଷାଗାର ଥିଲେ ମଧ୍ୟ, ବହୁ ଅର୍ଥ ଥିଲେ ମଧ୍ୟ ଉନ୍ନତ ମାନର ଗବେଷଣା ହେଉନାହିଁ । ମୁଷ୍ଟିମେୟ କେତେଜଣଙ୍କ ବ୍ୟତୀତ ସାଧାରଣ ଭାରତୀୟ ବୈଜ୍ଞାନିକଟିଏ ଗବେଷଣାରେ ମନୋନିବେଶ ନକରି ଅପର୍ଯ୍ୟାପ୍ତ ଅର୍ଥ, ସମୟ, ରାଷ୍ଟ୍ରୀୟ ସଂପଦ ଅପଚୟ କରୁଛି ତଥା ଜନତାର ଆଶା-ଆକାଂକ୍ଷାକୁ ପଦଦଳିତ କରୁଛି । ଏପରି ସ୍ଥଳେ ଭଲ ତାଲିମ ପାଇଥିବା ଉଦୀୟମାନ ଯୁବକଯୁବତୀ ଏ ଦେଶରେ ରହିବେ କାହିଁକି ଓ ବିଦେଶ ନଯିବେ କାହିଁକି? ତେବେ ପଶ୍ନ ଉଠେ, ଏ ସମସ୍ୟାର ମୂଳ କେଉଁଠି ଓ ଏହାର ନିଦାନ କଣ?

ଏ ଲେଖକର ଅନୁଭୂତି ଅନୁସାରେ ଭାରତରେ ନୂଆ ବୈଜ୍ଞାନିକ-ଅଧ୍ୟାପକଙ୍କ ଚୟନ ଓ ନିଯୁକ୍ତି ବି ବଡ ହତାଶାଜନକ । ଅନେକ କ୍ଷେତରେ ସାଧାରଣତଃ ପ୍ରତିଷ୍ଠାନ ବା ବିଶ୍ୱବିଦ୍ୟାଳୟଟିଏର ପ୍ରଭାବଶାଳୀ

ଚ଼ର୍ମ ବେଢ଼ିଛି ସିନା ଚ଼ଉରାଶିକି ।
ଚ଼ଉ ତୁ ଦିଅ ନୀଳଗିରିବାସୀଙ୍କି ॥

ପଫେସର ବା ପ୍ରଶାସକ ଅଥବା ଚୟନ କରିବାପାଇଁ ଆସିଥିବା ବିଶେଷଜ୍ଞଟିଏ ସହ ପ୍ରାର୍ଥୀଟିଏର ସୁସଂପର୍କ ବେଶି ଗୁରୁତ୍ୱପୂର୍ଣ ହୋଇଉଠେ । ତେଣୁ, ପ୍ରାର୍ଥୀ ଚୟନ ଓ ନିଯୁକ୍ତି ପ୍ରକିୟାରେ ବ୍ୟାପକ ସଂସ୍କାର ଆବଶ୍ୟକ । କିନ୍ତୁ, ସବୁଠୁ ଗୁରୁତ୍ୱପୂର୍ଣ କଥା ହେଲା ଭାରତରେ ଚାକିରୀ ଏକ ଆଜୀବନ ବ୍ୟାପାର । ଜଣେ ଅଧ୍ୟାପକ ଭାବେ ଆଜି କାମ ଆରମ୍ଭ କଲେ ଦିନେ ନା ଦିନେ ରିଡର ସ୍ତରକୁ ଓ ଆଉ କିଛି ବର୍ଷ ପରେ ପ୍ରଫେସର ସ୍ତରକୁ ଉନ୍ନିତ ହେବ ହିଁ ହେବ - ସେ ଗବେଷଣା ବା ଅଧ୍ୟାପନା କରୁ ବା ନକରୁ; ଏବଂ ଯଦି କିଛି ରାଷ୍ଟ୍ରୀୟ ନେତା-ବୈଜ୍ଞାନିକ-ପ୍ରଶାସକଙ୍କ ସହ ସୁସଂପର୍କ ରହେ, ଅବସର ପରେ ଶେଷ ନିଃଶ୍ୱାସ ଯାଏ 'ଏମେରିଟସ' ହୋଇ ରହିହେବ ଓ ଭାରତୀୟ ବିଜ୍ଞାନର ଗଳା ଚିପିହେବ । ମାନବୀୟ ଚରିତ ଏପରି ଯେ ଆବଶ୍ୟକ ନଥିଲେ ସେ କାମକରିବାକୁ କୁଣ୍ଠାବୋଧ କରେ । ପେଟ ପୁରିଥିଲେ, ଆଜିବନ ଚାକିରୀ ହରାଇବାର ଡର ନଥିଲେ ମୁଷ୍ଟିମେୟ କେତେଜଣ ନିଷ୍ଠାବାନ ବ୍ୟତୀତ ଅନ୍ୟ କେହି ନିଜ କ୍ଷମତା, ଶକ୍ତି ଓ ଜ୍ଞାନ ଅନୁରୂପ କାମ କରିବେ ନାହିଁ ।

ଏ ସମସ୍ୟାର ନିଦାନ ଅତି ସରଳ, କିନ୍ତୁ ଭାରତ ଭଳି 'ଷୋଳଅଣା ଦୁର୍ନୀତିଗ୍ରସ୍ତ' ଦେଶରେ ଏହାର ପ୍ରୟୋଗ ପ୍ରାୟ ଅସମ୍ଭବ ମନେହୁଏ । ତାହା ହେଲା, ଚାକିରୀକୁ ବାଧ୍ୟତାମୂଳକ ଭାବେ 'ସ୍ୱଳ୍ପମିଆଦି' କରିବା । ମୁଖ୍ୟତଃ ଏହି ବ୍ୟବସ୍ଥା ଯୋଗୁଁ ହିଁ ପାଶ୍ଚାତ୍ୟ ଜଗତ ଶିକ୍ଷା, ବିଜ୍ଞାନ ଓ କାରିଗରୀରେ ଏତେ ଉନ୍ନତି କରିଛି ।

ସମସ୍ତ ନୂଆ ନିଯୁକ୍ତି ପ୍ରାରମ୍ଭିକ ଭାବରେ ଏକ ସ୍ୱଳ୍ପ ସମୟ ପାଇଁ - ଧରାଯାଉ, ପାଞ୍ଚ ବର୍ଷ ପାଇଁ - ହେବା ଉଚିତ; ଏବଂ ଏହି ସମୟ ଭିତରେ ବ୍ୟକ୍ତିଟିର ସାମଗିକ କାର୍ଯ୍ୟ ସଫଳତାର ସମୀକ୍ଷା ପରେହିଁ ତାକୁ ପରବର୍ତ୍ତି ମିଆଦ ଦିଆଯିବା ନେଇ ବିଚାର କରାଯିବ । ଗବେଷକଟିଏ ପାଇଁ ତାର ସଫଳତାର ପରିଚାୟକ ହେବ ଉଚ୍ଚମାନର ପତିକା ମାନଙ୍କରେ ନିବନ୍ଧ ପ୍ରକାଶନ ତଥା ନିଜ ଦେଶ ବା ସମାଜର ଚାହିଦା ଅନୁଯାୟୀ ନୂଆ କାରିଗରୀ ବା କୌଶଳର ଉଦ୍ଭାବନ । ଅଧ୍ୟାପକ ଟିଏ ପାଇଁ ଅବଶ୍ୟ ସମାନ ମାନଦଣ୍ଡ ବ୍ୟବହାର କରି ହେବ ନାହିଁ । ଏପରି ସ୍ଥଳେ ପତିବର୍ଷ ଛାତ-ଛାତୀଙ୍କଠାରୁ ଜନୈକ ଅଧ୍ୟାପକର କାର୍ଯ୍ୟଦକ୍ଷତା ଉପରେ ମତାମତ ନିଆଯାଇପାରେ । ତେବେ, ଏ ସମସ୍ତ ବ୍ୟବସ୍ଥା ନୂଆ-ପୁରୁଣା ନିର୍ବିଶେଷରେ ସମସ୍ତ ନିଯୁକ୍ତ ଗବେଷକ-ଅଧ୍ୟାପକଙ୍କ ପ୍ରତି ପ୍ରଯୁଜ୍ୟ ହେବା ଆବଶ୍ୟକ । କାର୍ଯ୍ୟକ୍ଷେତରେ ଆଶାନୁରୂପ ସଫଳତା ହାସଲ କରିନଥିବା ବ୍ୟକ୍ତିଙ୍କୁ ଚାକିରୀରୁ ତୁରନ୍ତ ବହିଷ୍କାର କରାଯିବା ଆବଶ୍ୟକ ଓ ପ୍ରତିବଦଳରେ ନୂତନ ସ୍ୱଳ୍ପମିଆଦି ନିଯୁକ୍ତି କାରାଯିବା ଆବଶ୍ୟକ । ଏହାଦ୍ୱାରା ଭାରତୀୟ ବୈଜ୍ଞାନିକ ଗବେଷଣାର ମାନ ଉଚ୍ଚସ୍ତରୀୟ ହୋଇପାରିବ, ରାଷ୍ଟ୍ରୀୟ ବିତ୍ତର ଉଚିତ ଉପଯୋଗ ହୋଇପାରିବ, ଉଦ୍ଦୀୟମାନ ଯୁବକଯୁବତୀ ନିଜ ଦେଶରେ ଉଚ୍ଚସ୍ତରୀୟ ଗବେଷଣାରେ ନିଜକୁ ନିୟୋଜିତ କରିପାରିବେ ।

ଏତକ କରା ନଗଲେ ଭାରତୀୟ ବିଜ୍ଞାନର (ତଥା ଭାରତୀୟ ସମାଜ ଓ ସଭ୍ୟତାର) ଭବିଷ୍ୟତ ଅନ୍ଧକାରମୟ ହୋଇ ରହିବ । କିନ୍ତୁ, କଥା ହେଲା, କିଭଳି ସୁନୀତିଟିଏକୁ ଦୁର୍ନୀତିରେ ପରିଣତ କରିବାକୁ ହୁଏ, ତାହା ଭାରତୀୟ ମାନଙ୍କୁ ବେଶ୍ ଭଲ ଭାବରେ ଜଣା । ଥରେ ଚାକିରୀ ଦିଆ ଯାଇଥିବା ବ୍ୟକ୍ତିକୁ ଚାକିରୀରୁ ବହିଷ୍କାର କରିବା ଅନ୍ୟାୟ, ଅମାନବୀୟ, କାରଣ ଏପରି ହେଲେ ତା' ପିଲାକୁଟୁମ୍ବ ଭାସିଯିବେ - ଏଭଳି ଯୁକ୍ତି ଆସିବ; ଯେପରିକି ଥରେ ଚାକିରୀ ପାଇବାପରେ ସରକାରୀ ବିତ୍ତ ଓ ସମସ୍ତ ସୁବିଧାସୁଯୋଗର ଦୁରୁପଯୋଗ ବା ଅନୁପଯୋଗ କରିବା ନ୍ୟାୟସଙ୍ଗତ ! ସରକାର ତଥାପି ଆଗେଇ

ଝୋଲା କନ୍ଥା ପାଛୋଡ଼ା ପିନ୍ଧାକୁ ରସୁ ।
ଝଡ଼ ସଂସାରେ ମନ ନ ବୁଝି ପସୁ ॥

ଆସିଲେ (ଆସିବେ ନାହିଁ; ଭାରତର କୌଣସି ସରକାର ଛଳେ ବଳେ ଭୋଟ ପାଇବା ବ୍ୟତୀତ ଦେଶ ଓ ଜାତିର ଉନ୍ନତି ପାଇଁ କୌଣସି ବ୍ୟାପାର ପ୍ରତି କାଣିଚାଏ ପାଧାନ୍ୟ ଦିଅନ୍ତି ନାହିଁ) ଲୋକେ ପ୍ରୟୋଗ କରିବେ ତାଙ୍କର ଅମୋଘ ଅବ୍ୟର୍ଥ ଔଷଧ - ଅନଶନ, ରାସ୍ତା ରୋକୋ ଓ ବନ୍ଦ !

ଉପସଂହାର

ଏଥର ଫେରିବା ଭୁବନେଶ୍ୱର ପାଇଁ ପସ୍ତାବିତ ଓ ପତାରିତ ବିଜ୍ଞାନ ପତିଷ୍ଠାନ ବିଷୟକୁ । ଯଦି ସେ ପତିଷ୍ଠାନ ଭୁବନେଶ୍ୱରରେ କୌଣସି ଯାଦୁ ବଳରେ ସ୍ଥାପନା କରାଯାଏ, ତାହା ସାଧାରଣ ଭାରତୀୟ ବୈଜ୍ଞାନିକ ଗତିପଥକୁ ଉପେକ୍ଷା କରି ନିଜ ପାଇଁ ଏକ ଉଚ୍ଚ ଆଦର୍ଶ ଓ ସୁନାମ ହାସଲ କରିବ, ଏହାର ସମ୍ଭାବନା କେତେ? ହୁଏତ ଏଭଳି ହେବାର ସମ୍ଭାବନା ମୂଳରୁ ନାହିଁ । ତେବେ, ଓଡିଶା ଯଦି ଏକ 'ଧଳା ହାତୀ' ନ ପାଇଲା, ଦୁଃଖ କଣ?

ଦୁଃଖ ଅଛି । ଆସନ୍ତୁ, ଆମେ ସମସ୍ତେ ନିଜ ନିଜ ପରିସରରେ ନିଜ କ୍ଷମତା ଓ ଶକ୍ତି ବଳରେ ସେଇ ହୀନତାକୁ ଦୂରେଇବାରେ ଚେଷ୍ଟିତ ହେବା ଯାହା ସାମୁହିକ ଭାରତୀୟତାକୁ ତଳିତଳାନ୍ତ କରିଚାଲିଛି । ଆସନ୍ତୁ, ଆମେ ସମ୍ମିଳିତ ଭାବରେ ପାର୍ଥନା କରିବା ଯେ ଭୁବନେଶ୍ୱରକୁ ତା ପାପ୍ୟ ମିଳୁ; ତଥା ଭାରତୀୟ ବିଜ୍ଞାନୀଙ୍କ ଜ୍ଞାନୋଦୟ ହେଉ, ସେମାନେ ନିଜ ଦେଶ ଓ ଜାତିର ମାନ ରଖନ୍ତୁ ।

Reference:

1. http://csir.res.in/External/Utilities/Frames/aboutcsir/main_page.asp?a=topframe.htm&b=leftcon.htm&c=../../../Heads/aboutcsir/profile.htm
2. http://dbtindia.nic.in/annualreports/2004-05/Extras/chap-14.pdf
3. http://in-cites.com/research/2004/november_15_2004-1.html
4. http://in-cites.com/research/2003/april_21_2003-2.html
5. http://csir.res.in/External/Heads/aboutcsir/performance.htm
6. http://www.ccmb.res.in/newccmb/staffresindex.html

- 0 -

ଆମର ଦାବୀ I.I.S.E.R. ଓଡିଶାରେ ପ୍ରତିଷ୍ଠିତ ହେଉ

ସତ୍ୟ ରଞ୍ଜନ ଦାଶ

ଲେଖକ ସତ୍ୟ ରଞ୍ଜନ ଦାଶ ଦୂରଦୃଷ୍ଟି ପାଇଁ ନୂଆ ନୁହନ୍ତି । ଦୂରଦୃଷ୍ଟିର ପ୍ରତ୍ୟେକ ସଙ୍ଖ୍ୟାରେ ତାଙ୍କର ଲେଖା ଅଥବା ପବନ୍ଧ ପକାଶ ପାଇଛି । ଲେଖକ ତାଙ୍କ ପରିବାର ସହ ଟରୋଣ୍ଟୋ, କାନାଡାରେ ଅଧିବାସିତ । N.ଇ.S. ଓ ଇ.I.S.E.R. ସମସ୍ୟାଟି myodisa ୟାହୁଗ୍ରୁପ୍ସରେ ଏକ ବହୁ ଚର୍ଚ୍ଚିତ ବିଷୟ ଥିଲା । ଯଦିଓ ଅନେକ ପକାର ଚିନ୍ତାଧାରା myodisaରେ ବ୍ୟକ୍ତ ହୋଇଥିଲା, ସେ ସବୁ ଉଦାର ଭାବରେ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇପାରିବ । ପ୍ରଥମ ଶ୍ରେଣୀଟି କେନ୍ଦ୍ର ସରକାରଙ୍କ ଏ ଅନ୍ୟାୟର

ଛାର ଦେହକୁ ମନ କରିଛୁ ସଜ ।
ଛଦକପଟ ତେଜ ଗୋବିନ୍ଦ ଭଜ ॥

ତୀବ୍ର ବିରୋଧ ସପକ୍ଷରେ ଥିଲା । ପ୍ରତିପକ୍ଷ, ଓ ଏକ ପରିପକ୍ୱ ଚିନ୍ତାଧାରା, ଏ ବିଷୟବସ୍ତୁରୁ ସମଗ୍ର ଭାରତୀୟ ବିଜ୍ଞାନ ଜଗତର ବର୍ତ୍ତମାନ ଅବସ୍ଥା, ଓ ଦୂର ଭବିଷ୍ୟତରେ ଆମର କିପରି ଉନ୍ନତି ହେବ, ତା' ଉପରେ ବିଶେଷ ମତାମତ ପ୍ରକାଶ କରିଥିଲେ । ଏହି ପ୍ରବନ୍ଧଟିରେ ପ୍ରଥମ ଶ୍ରେଣୀର ବିଚାରକୁ ଏକ ଔପଚାରିକ ରୂପ ଦବାର ପ୍ରୟାସ କରାଯାଇଛି ।

I.I.S.E.R ବିଷୟ ନେଇ ବର୍ତ୍ତମାନ ଯେଉଁ ଆନ୍ଦୋଳନ ଓଡିଶାରେ ଉପୁଜିଛି ତା'ର ମୂଳନୀତି ହେଲା ଯେ କୋଲ୍‌କତ୍ତାରେ କେନ୍ଦ୍ର ସରକାର୍ ଯେଉଁ I.I.S.E.R ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଛନ୍ତି ସେଇଟି ଓଡିଶାରେ ପୂର୍ବରୁ N.I.S. ପ୍ରତିଷ୍ଠିତ ହେବାର ପୁର୍ନଃଘୋଷିତ ଅନୁଷ୍ଠାନ । ଏହା ସାଥିରେ କିଛି କ୍ଷେତରେ ଏହିପରି ଯୁକ୍ତି ଉପସ୍ଥାନ କରାଯାଇଛି ଯେ ଓଡିଶାରେ I.I.S.E.R ର ପ୍ରାପ୍ତି ପାଇଁ ଅଯୋଗ୍ୟ । ଏହି ପବନ୍ଧରେ ଲେଖକ I.I.S.E.R ପ୍ରତିଷ୍ଠାନ ସପକ୍ଷରେ ବିବେଚନା ପ୍ରତିପାଦିତ କରିଛନ୍ତି ଓ I.I.S.E.Rର ପ୍ରତିଷ୍ଠାନ ଯଥାର୍ଥ ବୋଲି ଯୁକ୍ତି ପ୍ରସ୍ତାବିତ କରିଛନ୍ତି ।

ପବନ୍ଧ ପାଠ କରିବା ସମୟରେ ପାଠକମାନଙ୍କୁ ଏହା ମନେରଖିବାକୁ ଅନୁରୋଧ ଯେ ଯଦିଓ ସେ ମନେ ରଖିବା ଆବଶ୍ୟକ ଯେ ଯଦିଓ ଏହି ଲେଖକ I.I.S.E.R ପ୍ରତିଷ୍ଠାନ ସପକ୍ଷରେ ବିବେଚନା ପ୍ରସ୍ତୁତି କରିଛନ୍ତି, ସେ ବିପରିତ ଚିନ୍ତାଧାରା ସଂପୂର୍ଣ୍ଣ ଅଯୌକ୍ତିକ ବୋଲି ପ୍ରମାଣିତ କରୁନାହାନ୍ତି । ବରଂ ଲେଖକ ଏହି ବିବାଦର ଅନ୍ୟ ଏକ କୋଣ ଚର୍ଚ୍ଚା କରୁଛନ୍ତି । ବାସ୍ତବିକ ଯେ କୌଣସି କାର୍ଯ୍ୟରେ ସର୍ବଦା ପକ୍ଷବିପକ୍ଷ କାରଣ ଲୁଚି ରହିଛି । ଏହି ପବନ୍ଧଟିରେ ଏକ ପାୟ୍ ଲୁକ୍କାୟିତ ପକ୍ଷ ଆଲୋକିତ କରିବାର ଚେଷ୍ଟା ଲେଖକଙ୍କର ।

ଏ ଆନ୍ଦୋଳନ ଯଥାର୍ଥ କି ନୁହଁ ବିବେଚନା କରିବା ଆଗରୁ ଏହା କହିବା ଆବଶ୍ୟକ ଯେ ଏ ଆନ୍ଦୋଳନର ଅପ୍ରତ୍ୟାଶିତ ଉପକାରିତା ଓ ପରିଣାମ ଅତ୍ୟନ୍ତ ଗୁରୁତର ଓ ଆବଶ୍ୟକ ମନେହୁଏ ।

ଆନ୍ଦୋଳନର ଅପ୍ରତ୍ୟାଶିତ ଉପକାରିତା ଓ ପରିଣାମ

ଯେ କୌଣସି ଲକ୍ଷ୍ୟ ସାଧନ କରିବା ପାଇଁକି ଏକ ସାମୁହିକ ଜନସଙ୍ଖ୍ୟା ଜନିତ ଉତ୍ତେଜକ ଶକ୍ତିର ସୃଜନ ଅତ୍ୟାବଶ୍ୟକ । ଅନେକ ଏହାକୁ ଏକତାର (unity) ରୂପାନ୍ତର ଦିଅନ୍ତି । ହେଲେ ଏ ଦୁଇ ଭିତରେ ଆୟତନର ଖୁବ୍ ପ୍ରଭେଦ ଅଛି । ତଥାପି ଯେତେବେଳେ ଆନ୍ଦୋଳନର ଚାହିଦା ବହୁସଙ୍ଖ୍ୟକ ମଣିଷ ନୁହେଁ କିନ୍ତୁ କେବଳ crtical massର ସୃଷ୍ଟି ଅଟେ, ସେତେବେଳେ ଏ ଦୁଇଟିର ପ୍ରତ୍ୟକ୍ଷ ବ୍ୟବହାରିକ ଅର୍ଥ ସମାନ ।

ଅନେକ ବର୍ଷ ହେଲା ନାନା କାରଣ ହେତୁ ଓଡିଆ ମାନେ ସାମୂହିକ ଏବଂ ନୀରପେକ୍ଷ ଭାବରେ କୌଣସି ଆନ୍ଦୋଳନ ଆରମ୍ଭ କରିନାହାନ୍ତି । ଏପରିକି ଶେଷଥର ଓଡିଆ ଜାତି ପ୍ରତି ଏକତା ଓ ଚେତନାର ସମଷ୍ଟି ଆନ୍ଦୋଳନ କେବଳ ଗୋପବନ୍ଧୁଙ୍କ ସମୟ୍ ପାଖାପାଖି ହୋଇଥିଲା । ଆଉ ଏକ ମୌଳିକ ଉପାଦାନ ହେଲା ଓଡିଆ ବୁଦ୍ଧିଜୀବୀମାନଙ୍କ ଭିତରେ ଚିନ୍ତାର ମିଳନ । ଅବଶ୍ୟ ଏହା କହିବା ସତ୍ୟ ଯେ ବୁଦ୍ଧିଜୀବୀ ସ୍ୱଭାବତ୍ଃ ସ୍ୱାଧୀନ ଚିନ୍ତା ପକଟ କରନ୍ତି । ହେଲେ ବି ସେଇ ଅସହମତ ଚିନ୍ତା ଭିତରେ କିଛି ସର୍ବଜନ ହିତ ଉଦ୍ଦେଶ୍ୟ ପାଇଁ ମତ ମିଳନ ଭରି ରହିଥାଏ ।

ପାୟ୍ ଗୋପବନ୍ଧୁଙ୍କ ସମୟ୍ ପରେ କିନ୍ତୁ ଏହିପରି ମତମିଳନ ଓଡିଆ ବୁଦ୍ଧିଜୀବୀମାନଙ୍କ ଭିତରେ ସ୍ପଷ୍ଟ ଭାବରେ ଅଭାବ ଦେଖାଯାଉ ଥିଲା । I.I.S.E.R

ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା ।
ଛ' ଖଣ୍ଡି କାଠ ତୋର ହୋଇବ ଲୋଡା ॥

ଆନ୍ଦୋଳନର ଏକ ପ୍ରଧାନ ଲାଭ ଏହିପରି ଏକ ମତ ମିଳନର ସୃଷ୍ଟି । I.I.S.E.R ପ୍ରକୃତରେ ଫେରି ଆସୁ ବା ନ ଆସୁ କିନ୍ତୁ ବୁଦ୍ଧିଜୀବିମାନଙ୍କର ଚିନ୍ତାଧାରାରେ ଦୃଶ୍ୟମାନ ପରିବର୍ତ୍ତନ ଏକ ବିରାଟ ଲାଭ । ନିକଟ ଭବିଷ୍ୟତରେ ଲେଖକ ଏହିପରି ମତମିଳନର ଅନେକ ସଞ୍ଚାରଣ ଓ ସୁପ୍ରଭାବର ସ୍ୱପ୍ନ ଦେଖିପାରୁଛନ୍ତି ।

ଓଡିଶା ଅଯୋଗ୍ୟ -- ଏହା କ'ଣ ଉଚିତ୍ ପ୍ରଶ୍ନ?

ଓଡିଶା I.I.S.E.R ପାଇଁ ଅନୁପଯୋଗ୍ୟ ଏହା ହୋଇପାରେ ଏକ ଯଥାର୍ଥ ପ୍ରଶ୍ନ । କିନ୍ତୁ ଏହି ପ୍ରଶ୍ନଟି କ'ଣ ସମଗ୍ର ବିଚାର୍ଯ୍ୟ ବିଷୟକୁ ଅନ୍ତର୍ଭୁକ୍ତ କରି ରଖିଛି ? ଲେଖକଙ୍କ ମତରେ ନୁହେଁ । ଏକ ଅସଂପୂର୍ଣ୍ଣ ପ୍ରଶ୍ନର ଉତ୍ତର କ'ଣ କେବେ ସଂପୂର୍ଣ୍ଣ ଉତ୍ତର ହେଇପାରିବ ?

ପାଠକ ମାନେ ଜାଣିଥିବେ ଯେ ବୈଜ୍ଞାନିକ ଓ ଗଣିତ ଗୋଲକରେ ଅନେକ ସମୟରେ କେବଳ "କାହିଁକି" (why) ପ୍ରଶ୍ନ ଦ୍ୱାରା ସିଦ୍ଧାନ୍ତ ପ୍ରତିଷ୍ଠା ଓ ବୁଝିବାରେ ସମ୍ଭବପର ନୁହେଁ । ଏହାର ପ୍ରତିପକ୍ଷ ପ୍ରଶ୍ନ "କାହିଁକି ନୁହେଁ" (why not) ବି ଏକ ଯଥାର୍ଥ ବୈଜ୍ଞାନିକ ପ୍ରଶ୍ନ । ଗଣିତରେ proof by contradiction ଏକ ସ୍ୱୀକାର୍ଯ୍ୟ ପଣାଳୀ ନୀତି ପ୍ରମାଣ ପାଇଁ । ବୈଜ୍ଞାନିକ ଦୁନିଆରେ ଅନେକ ଆବିଷ୍କାର କେବଳ "କାହିଁକି ନୁହେଁ" ପ୍ରଶ୍ନ ଦ୍ୱାରା ସମ୍ଭବପର ହୋଇଛି । ଯଥା "ମଣିଷ କାହିଁକି ଉଡି ପାରିବ ନାହିଁ?"

ଏହା ସ୍ପଷ୍ଟ ଯେ ଯଦିଓ କିଛି ପ୍ରସଙ୍ଗରେ "କାହିଁକି ନୁହେଁ" ପ୍ରଶ୍ନ ହୁଏତ କିଛି ପ୍ରମାଣ ନ କରିପାରେ, କିନ୍ତୁ ବିଷୟବସ୍ତୁର ପୂର୍ଣ୍ଣାଙ୍ଗ ବିଶ୍ଳେଷଣ ପାଇଁ ଏକ ନୂତନ କୋଣରେ ଆଲୋକ ନିଶ୍ଚିତ ଭାବରେ ସୃଷ୍ଟିକରେ । ଏହି ଉକ୍ତିର ଯଥାର୍ଥତା ଅନ୍ୟ ଏକ ଦିଗରେ ଦେଖିବାକୁ ମିଳେ କଂପ୍ୟୁଟର୍ ବିଜ୍ଞାନ କ୍ଷେତ୍ରରେ ।

ଆଜିକାଲି ସଫ୍ଟୱେର୍ ଜଗତରେ ନିଜର ଜୀବିକା ନିର୍ବାହ କରିବା ପାଇଁ କେବଳ Java programming languageରେ ଅଭ୍ୟସ୍ତ ହବା ପର୍ଯ୍ୟାପ୍ତ । ତାହାହେଲ କ'ଣ ଅନ୍ୟ programming language କେହି ବିଶ୍ୱବିଦ୍ୟାଳୟରେ ପଢିବାର ଆବଶ୍ୟକତା ନାହିଁକି? ଏହାର ସମୁଚିତ ଉତ୍ତର ନ ଦେଇକି ଆପଣ ମାନଙ୍କୁ ଏଇ ବିଶେଷଜ୍ଞଙ୍କ ସ୍ଥାନ ଉଲ୍ଲେଖ କରୁଅଛି[1] । ଲେଖକ ଏହା ସାବ୍ୟସ୍ତ କରିଛନ୍ତି ଭିନ୍ନ programming language ଶିଖିବା ଦ୍ୱାରା ମଣିଷ ଭିନ୍ନ ଉପାୟରେ ନିଜ ଚିନ୍ତାଧାରା ନୂତନ ଦିଗ ଆବିଷ୍କାର କରିପାରିବ । ସେଇ ତାଞ୍ଚାରେ ଆଜିକାଲି କୁହାଯାଏ ଯଦି ପିଲାମାନେ ସଙ୍ଗୀତ ଶିକ୍ଷା କରନ୍ତି ତପ୍ରରେ ତାଙ୍କର ସ୍କୁଲ୍ ଶିକ୍ଷା ତଦାନୁଧିକ ଉନ୍ନତି ହେବ । ଏ ସବୁ ଉଦାହରଣ ଏହା ପ୍ରମାଣିତ କରୁଛି ଯେ ପ୍ରଗତି ଓ ପୂର୍ଣ୍ଣାଙ୍ଗ ବିଶ୍ଳେଷଣର ମୌଳିକ ଉପାଦାନ ବିଭିନ୍ନ କୋଣରୁ ମଣିଷ ବିଶ୍ଳେଷଣ କଲେ ଉପୁଜେ ।

ସର୍ବଶେଷରେ ଏହି ସିଦ୍ଧାନ୍ତରେ ଆମେ ପହୁଁଚିଛେ ଯେ "କାହିଁକି' ଓ 'କାହିଁକି ନୁହେଁ ଉଭୟ ପ୍ରଶ୍ନର ଉତ୍ତର ଜାଣିବା ଆବଶ୍ୟକ । ଏହି ପ୍ରବନ୍ଧଟିରେ ଚାଲନ୍ତୁ ଦେଖିବା କଣ ଉତ୍ତର ମିଳୁଛି I.I.S.E.R କ୍ଷେତରେ 'କାହିଁକି ନୁହେଁ ଆମେ ଯଦି ନିଜକୁ ନିଜେ ପଚାରିବା ।

ଓଡିଶାରେ I. I.S.E.R କାହିଁକି ନ ହେବ?

୧. ପାୟ୍ ବର୍ଷେ ତଳେ ସବୁ ବିଷୟରେ ତଦାରଖ କରି କେନ୍ଦ୍ର ସରକାର ଓ ୟୁ.ଜି.ସି. ଓଡିଶାରେ N.I.S.ର ପ୍ରତିଷ୍ଠାନ ପାଇଁ ସ୍ୱୀକୃତି କରିଥିଲେ । ଏହି ଦୁଇ ବର୍ଷ

[1] ଦେଖନ୍ତୁ ୱେବ୍ ସାଇଟ୍ http://www.acooke.org/andrew/writing/lang.html

ଯମ ନ ଜାଣଇ ବାଳୁତ ଯୁବା ।
ଜୀଇବୁ ବୋଲି ମନେ କରିଛୁ ଅବା ॥

ଭିତରେ କଣ ଘଟିଲା ଯେ ସେ ସ୍ୱୀକୃତି ରହିତ କରାଗଲା । ସେପରି କୌଣସି ଯୁକ୍ତିସଙ୍ଗତ କାରଣ ନାହିଁ, ନତୁବା ଆମେ ଏକ ନୀଚ, ତୁଚ୍ଛ ରାଜନୈତିକ ବାଦକୁ ଯଦି ଯୌକ୍ତିକ ବୋଲି ଆଖ୍ୟା ଦେଉ । N.I.S.ର ପତ୍ୟାହାରର ବିରୋଧ ନ କଲେ ଓଡିଶା ଜାତି ଏକ ପ୍ରାଣହୀନ, ନିର୍ଜୀବ ଜାତି ବୋଲି ସାରା ଭାରତ ଭାବିବ । ଆମର ଭବିଷ୍ୟତ ପାଇଁ ଏପରି ଆଖ୍ୟା ସୁଦୂରପ୍ରତିହତ ହେବା ନିତାନ୍ତ ଆବଶ୍ୟକ । ଆମର ବର୍ତ୍ତମାନ ପାଇଁ ଏହି ଅନ୍ୟାୟର ପ୍ରତିରୋଧ କରିବା ପରମ ଏକମାତ୍ର ପବିତ୍ର କର୍ତ୍ତବ୍ୟ ।

୨. ହୀନମନ୍ୟତା ବା ଅନ୍ତର୍ନିହିତ ଆତ୍ମଗର୍ବର ଅଭାବରେ ଓଡିଶା ଓଦା ସରସର ହୋଇ ପଡିଛି । ଓଡିଆ ମାନେ ସଙ୍କୋଚରେ ବାହାରେ ନିଜ ପ୍ରଦେଶ ବିଷୟରେ କିଛି ବାହ୍ୟ ପରିଚିତ ପ୍ରସଙ୍ଗ ଉପରେ କଥାବାର୍ତ୍ତା କରିପାରୁନାହାନ୍ତି । ଏ ସଙ୍କୋଚ ଆମର ହୀନମନ୍ୟତାକୁ ବଢାଇ ଚାଲିଛି । ଅବଶ୍ୟ ବିଶ୍ୱରେ ଜଗନ୍ନାଥ ଓ ଓଡିଶୀ ନୃତ୍ୟ ବିଷୟ ଆଦୃତ । ହେଲେ ଏ ଦୁଇଟି ଯେତେବେଳେ ଆଲୋଚ୍ୟ ବିଷୟବସ୍ତୁ, ସେତେବେଳେ ଓଡିଶା ପ୍ରଦେଶ କିମ୍ବା ଭାଷା ଆଲୋଚକମାନଙ୍କ ଚିନ୍ତାଧାରାରେ ପ୍ରବେଶ କରି ନ ଥାଏ । ଲୋକମାନେ କଳାହାଣ୍ଡି ବ୍ୟତୀତ ଅନ୍ୟ କୌଣସି ଜିନିଷ ଓଡିଶା ବିଷୟରେ ହୃଦୟଙ୍ଗମ କରୁଛନ୍ତି ବୋଲି କହିବା କଷ୍ଟକର । I.I.S.E.R.ର ପ୍ରତିଷ୍ଠାନ ଦ୍ୱାରା ଆମେ ଗର୍ବରେ କହିପାରିବା ଯେ ଏକ ବିଖ୍ୟାତ, ଆଧୁନିକ, ଗବେଷଣା ପ୍ରତିଷ୍ଠାନ କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନରେ ଓଡିଶାରେ ଗଢିଉଠିଛି ।

୩. ଓଡିଶାରେ I.I.S.E.R.ର ପ୍ରତିଷ୍ଠାନ ଅନୁପଯୁକ୍ତ ବୋଲି କହିବା ଗୋଟେ କଥା, କିନ୍ତୁ ଓଡିଶାରେ ପୂର୍ବଘୋଷିତ I.I.S.E.R.ର ପ୍ରତିଷ୍ଠାନ ସ୍ଥାନାନ୍ତରିତ କରିବା ଅନ୍ୟ ଏକ ଦୂର କଥା । ଓଡିଶାରେ ନ କରିବା ପାଇଁ ଯଦି କିଛି କାରଣ ଥାଏ କ'ଣ ସେପରି କାରଣ ଅନ୍ୟ ସବୁ ଯାଗାରେ ଅଛି ? ଆସାମ୍‌ରେ I.I.T. ପାଇଁ କ'ଣ ଓଡିଶାଠାରୁ ବହୁତ ଅଧିକ ଉପାଦାନ ଭର୍ତ୍ତି ହୋଇଥିଲା, ଉତ୍ତର ପ୍ରଦେଶରେ ଯେତେବେଳେ I.I.T., Kanpur ପ୍ରତିଷ୍ଠା ହୋଇଥିଲା ସେତେବେଳେ କ'ଣ ଯେଉଁସବୁ କାରଣ ବର୍ତ୍ତମାନ ଦର୍ଶା ହଉଛି ସେ ସବୁ ଲାଗୁ ନ ଥିଲା ? ବରଂ ଏପରି ଯୁକ୍ତି ପ୍ରତିପାଦିତ ହେଉଥିଲା ଯେ ଏହିପରି ଆଧୁନିକ ମନ୍ଦିରମାନଙ୍କର ଅବିକଶିତ ପ୍ରଦେଶରେ ପ୍ରତିଷ୍ଠାନ ଦ୍ୱାରା ସେ ପ୍ରଦେଶ ଗୁଡିକଙ୍କର ଆଧୁନିକକରଣ କ୍ଷୀପ୍ର ହୋଇଯିବ । ସେହି ଯୁକ୍ତି ଅନୁସାରେ ଓଡିଶା, ଯେ କି ଏକ ଅବିକଶିତ ପ୍ରଦେଶ, I.I.S.E.R. ପାଇଁ ସର୍ବୋପଯୁକ୍ତ ସ୍ଥାନ ।

୪. ଏହା ଜଣାଶୁଣା କଥା ଯେ I.I.S.E.R. ପରି ଅନୁଷ୍ଠାନ ସ୍ଥାପନା ଦ୍ୱାରା ସ୍ଥାନିକ ଅଞ୍ଚଳରେ ବ୍ୟାପକ ଆର୍ଥିକ ଉନ୍ନତି ହେବ । ହଁ ସଙ୍ଗେ ସଙ୍ଗେ ନୁହେଁ,. କିନ୍ତୁ ଗୋଟିଏ ପୀଢିରେ । ରାଉରକେଲା କେବଳ ଗୋଟିଏ ପୀଢି ତଳେ ଏକ କ୍ଷୁଦ୍ର ଅଜଣା ଆଦିବାସୀ ଗାମ ହୁଏତ ଥିଲା । ଆଜି ସେ ଓଡିଶାରେ କଟକ, ଭୁବନେଶ୍ୱର ଭଳି ବୃହତ୍ ସରକାରୀ ସମର୍ଥିତ ଅଞ୍ଚଳ ସହିତ ମୁକାବଲା କରୁଅଛି । କାହିଁ ସେ ଅଜଣା ପୁରାତନ ଗାମ, ଆଉ କାହିଁ ଆଜିକାର କିୟାଶୀଳ ରାଉରକେଲା । ଆମେ ହୁଏତ ସଙ୍ଗେ ସଙ୍ଗେ ଏହିପରି ପରିବର୍ତ୍ତନର ସ୍ପର୍ଶ ଅନୁଭବ କରି ନ ପାରିବା, କିନ୍ତୁ ଏହା ଯେ ନିକଟ ଭବିଷ୍ୟତରେ ଓଡିଶାର ଗଭୀର ଆର୍ଥିକ ପରିବର୍ତ୍ତନର ଉତ୍ପ୍ରେରକ ଭାବରେ ନିଶ୍ଚିତ ଭାବରେ ସାବ୍ୟସ୍ତ ହେବ, ସେଥିରେ ଲେଖକଙ୍କର କୌଣସି ସନ୍ଦେହ ନାହିଁ ।

ଉପସଂହାର

ଏହା ଜଣାଅଛି ଯେ ସର୍ବଦାଦୁଇ ପ୍ରକାର ଦୃଷ୍ଟିକୋଣ ଅଛି -- ସ୍ୱଳ୍ପକାଳୀନ ଦୃଷ୍ଟି ଓ ଦୂରଦୃଷ୍ଟି । ବିଭିନ୍ନ

ଝୋଲା କନ୍ଥା ପାଛୋଡ଼ା ପିନ୍ଧାକୁ ରସୁ ।
ଝଡ଼ ସଂସାରେ ମନ ନ ବୁଝି ପସୁ ॥

କାରଣରୁ ଏହା ଜଣାପଡୁଛି ଯେ ନିକଟ ଭବିଷ୍ୟତରେ (ସ୍ୱଳ୍ପକାଳୀନ ଦୃଷ୍ଟିକୋଣରୁ) I.I.S.E.R.ର ଓଡିଶାରେ ପ୍ରତିଷ୍ଠାନ ବହୁତ ହିତକାରକ । କହିବାକୁ ଗଲେ, ଏପରି ଅନୁଷ୍ଠାନର ସ୍ଥାପନା ଭାରତର ଅନ୍ୟ ପ୍ରଦେଶ ତୁଳନାରେ ଅବିକଶିତ ଓ ଦରିଦ୍ର ଓଡିଶାରେ ହେବା ନିତାନ୍ତ ଆବଶ୍ୟକ କହିବାକୁ ଗଲେ । ସଙ୍ଗେ ସଙ୍ଗେ ଏହା କହିବା ବାହୁଲ୍ୟ ଯେ ଦୂରଦୃଷ୍ଟିକୋଣରେ ବିଚାର କରିବାକୁ ହେଲେ ଖାଲି ଉଚ୍ଚ ଅନୁଷ୍ଠାନ ସ୍ଥାପନା କରିଦେଲେ ହେବନାହିଁ, ତାର ସଦୁପଯୋଗ କରି ଆନ୍ତର୍ଜାତିକ କ୍ଷେତ୍ରରେ ସୁନାମ ଅର୍ଜନ କରିବା ଆବଶ୍ୟକ ।

କିନ୍ତୁ ମୂଳ ପ୍ରଶ୍ନ ହେଲା -- ଦୂରଦୃଷ୍ଟି ଆନୁକୂଲ୍ୟ ଫଳ ପ୍ରାପ୍ତି କଦାଚିତ୍ ସମ୍ଭବ ନୁହେଁ ଯଦି ଅନୁଷ୍ଠାନଟିଏ ପ୍ରତିଷ୍ଠା ନ ହେବ । ଆମେ ଆମ ଦୂରଦୃଷ୍ଟି ଆଭିମୁଖ୍ୟ ହାସଲ କରିବା ପ୍ରତି ଚେଷ୍ଟା କରିବାରେ ସମର୍ଥ ହେବା କ୍ଷେବଳ ଯଦି I.I.S.E.R. ଓଡିଶାରେ ପ୍ରତିଷ୍ଠିତ ହୁଏ । ଆଉ ଦୂର ଆଭିମୁଖ୍ୟ କେବଳ ଓଡିଶାର ପ୍ରତିଷ୍ଠିତ ଅନୁଷ୍ଠାନମାନଙ୍କର ନୁହେଁ -- ପରନ୍ତୁ ସାରା ଭାରତ ବର୍ଷର ଅନୁଷ୍ଠାନମାନଙ୍କର । ସାରା ଭାରତବର୍ଷର ଅନୁଷ୍ଠାନମାନଙ୍କରେ ପ୍ରଚଳିତ ଅବ୍ୟବସ୍ଥାକୁ ମାନଦଣ୍ଡ ନେଇ ଓଡିଶାର ସ୍ୱଳ୍ପକାଳୀନ ଚାହିଦାକୁ ବଳିଦାନ କରିହେବ ନାହିଁ ।

- 0 -

କ?

ମୂଳଲେଖା-ରବେର୍ତୋ କାଲାସ୍ସୋ[2], ମିଲାନୋ, ଇଟାଲୀ

ମର୍ମାନୁବାଦ- ଡକ୍ଟର ମାର୍କଣ୍ଡେଶ୍ୱର ପଣ୍ଡା ଓ ଶ୍ରୀମତି ବିଦ୍ୟୁତ୍ ପ୍ରଭା ପଣ୍ଡା
ସାନ୍ ଆଣ୍ଟୋନିଓ, ଟେକ୍ସାସ୍

ମାକୃଣ୍ଡେଶ୍ୱର ପଣ୍ଡା ଦୂରଦୃଷ୍ଟି ସହିତ ଅନ୍ତରଙ୍ଗ ଭାବରେ ଜଡିତ । ଦୂରଦୃଷ୍ଟିର ପ୍ରଥମ ଆବିର୍ଭାବ ଅଗଷ୍ଟ ୨୦୦୩ ରେ, ମାର୍କଣ୍ଡେଶ୍ୱର ପଣ୍ଡା ଓ ବିଶ୍ୱ ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ । ଦୂରଦୃଷ୍ଟିର ପ୍ରତି ସଙ୍ଖ୍ୟାରେ ତାଙ୍କର କିଛିଟା ଅବଦାନ ରହିଛି । ମାର୍କଣ୍ଡେଶ୍ୱର ଓ ତାଙ୍କ ସହଧର୍ମିଣୀ ବିଦ୍ୟୁତ୍ ପ୍ରଭା ଅନେକ ବିଶ୍ୱବ୍ୟାପୀ ଲେଖା ଗୁଡିଙ୍କର ଅନୁବାଦ କରିଛନ୍ତି । ରବେର୍ତୋ କାଲାସ୍ସୋଙ୍କର ଇଟାଲୀଆନ୍ ଭାଷାରେ ଲେଖାର ଏଇ ଅନୁବାଦଟି ସେ ଭିତରେ ଅନ୍ୟତମ ।

[2] Roberto Calasso was born in Florence and lives in Milan, Italy. In his book 'Ka' he begins his stories with a mystical tale on Garuda. The original story was written in Italian, and was published in Italy as 'Ka' by Adelphi Edizioni, SPA Milan, in 1996. An English language translation was done by Tim Parks, which was published by Alfred A. Knopf, New York in 1998. In the story Roberto Calasso explores: Why one of the important gods in Rg Veda is known by a secret name "ka", or "Who?"

ଛାର ଦେହକୁ ମନ କରିଛୁ ସଜ ।
ଛଦ୍ମକପଟ ତେଜ ଗୋବିନ୍ଦ ଭଜ ॥

ହଠାତ୍ ଏକ ବାଜପକ୍ଷୀ ଆକାଶକୁ ଅନ୍ଧକାର କରିଦେଲା, ସତେ ଯେପରି ତାର କଳା ଓ ବାଇଗଣୀ ରଙ୍ଗର ପକ୍ଷ ଦ୍ୱାରା ମେଘ ଓ ପୃଥିବୀର ସଙ୍କଟରେ ଏକ ପରଦା ଟାଣି ହୋଇଗଲା । ତା ପଞ୍ଜାରେ ଓହଳି ଥିଲେ, ଦୁଇଟି ଶୀକାର, ଠିକ୍ ତା ଭଳି ବିକଟାକାୟ ଏକ ହସ୍ତୀ ଓ କଚ୍ଛପ । ବାଜପକ୍ଷୀ ଭଳି ଶୀକାର ଦୁଇଟି ବି ପର୍ବତ ଚଟାଣରେ ଚକ୍କର ମାରୁଥିଲେ, ମନେ ହେଉଥିଲା, ପକ୍ଷୀଟି ତା ଶୀକାର ଦ୍ୱୟକୁ କୌଣସି ଏକ ଶୀଖରରେ ପିଟି ଭାଙ୍ଗି ଖଣ୍ଡ ବିଖଣ୍ଡ କରିଦେବ । ତା ଚଞ୍ଚୁରେ ଏକ ବିରାଟ ବୃକ୍ଷର ଶାଖା, ଯାହାକୁ କି ଏକଶତ ଗୋଚର୍ମ ରେ ବି ଆବୃତ କରିବା ସମ୍ଭବ ନୁହେଁ ।

ଗରୁଡ ଉଡି ଉଡି ମନେ ପକାଉଥିଲେ କି ସିଏ ମାତ କିଛିଦିନ ତଳେ ଅଣ୍ଡାରୁ ଫୁଟି ବାହାରିଛନ୍ତି, କିନ୍ତୁ ଏ ଭିତରେ ଅନେକ କିଛି ଘଟଣା ଘଟି ସାରିଛି । ଭାବନାକୁ ସୁସ୍ତ ରଖିବା ଲାଗି ଉଡିବା ହିଁ ଉପଯୁକ୍ତ ପନ୍ଥା । କାହକୁ ଜୀବନରେ ପ୍ରଥମେ ଦେଖିଲେ? ବିନତା, ତାଙ୍କରି ମା, ସୁନ୍ଦରୀ ଓ କ୍ଷୁଦ୍ର ମାତୃପ୍ରତିମା, ଶାନ୍ତିରେ ଏକ ପସ୍ତର ଖଣ୍ଡରେ ବସି ଅଣ୍ଡା ଫୁଟିବା ଲାଗି ଅପେକ୍ଷା ରତଥିଲେ । ଖୋଳପା ଭିତରୁ ବାହାରକୁ ଆସିବା ପରେ ଗରୁଡ ମାଁଙ୍କ ଆକ୍ଷିରେ ନିଜ ଆକ୍ଷିକୁ ମିଳାଇ, ନିଜର ସତ୍ତାକୁ ଭୁଲି ଯାଇଥିଲେ ମୁହୁର୍ତ୍ତକ ପାଇଁ । ମୃଦୁ ପବନରେ, ଅନ୍ତର ଭିତରେ ଏକ ଉଜ୍ଜଳ ଆଲୋକ ସଞ୍ଚରିତ ହୋଇଗଲା, ଯାହାର ସ୍ପନ୍ଦନ ଗରୁଡ ଅନୁଭବ କରୁଥିଲେ ନିଜ ବିଶାଳ ପକ୍ଷର ଅନ୍ତରାଳରେ ।

ଚାରିଦିଗ ନିରିକ୍ଷଣ କରି ଦେଖିଲେ, ଆଉ ଏକ ପସ୍ତର ଉପରେ ବସିଛନ୍ତି ଅନ୍ୟ ଏକ ମାତୃପ୍ରତିମା, ଦେଖିବାକୁ ଠିକ୍ ମାଁ'ଙ୍କ ଭଳି, କିନ୍ତୁ ଏକ ଆକ୍ଷିରେ ଅନ୍ଧପୁଟୁଳି, ଓ ସେ ବି ନିଜ ଭାବନାରେ ମଗ୍ନ । ଗରୁଡ ତାଙ୍କ ପାଖରେ ସାଲୁବାଲୁ ହେଉଥିବା ଜିନିଷ ସବୁ ଦେଖିବାକୁ ଚେଷ୍ଟା କରୁଥିଲେ, ଏବଂ ସେ ସବୁ କଳା ସର୍ପ ଏହା ଧାରଣା କରି ପାରିଥିଲେ । ଅଳ୍ପ ସମୟ ପରେ ହଜାର ହଜାର କଳା ସର୍ପର ଆକ୍ଷି ନିଜ ଆକ୍ଷିରେ ମିଳିତ ହେବାର ଅହେତୁକ ଶୀହରଣ ବୋଧ କଲେ ଗରୁଡ । ହଠାତ୍ ପଛରୁ ମାଁ ଙ୍କ ପ୍ରଥମ ଶବ୍ଦ ଶୁଣିଲେ, 'ସେମାନେ ତୋର ମାଉସୀ ପୁଅ-ଝିଅ, ଭାଇ-ଭଉଣୀ । ସେଇ ନାରୀ ରୁପି ଦେବୀ ମୋର ଭଉଣୀ, ଆମେ ସେମାନଙ୍କର କୀତଦାସ ।'

ବିନତା ନିଜ ପୁଅର ପକ୍ଷର ବିସ୍ତାରକୁ ନିରିକ୍ଷଣ କରି କହିଲେ, "ପୁତ, ବର୍ତ୍ତମାନ ଠିକ୍ ସମୟ ଯେତେବେଳେ ତୋର ନିଜ ପରିଚୟ ଜାଣିବା ଆବଶ୍ୟକ । ତୋର ଜନ୍ମ ଏକ କୀତଦାସୀ ଠାରୁ ହୋଇଛି । କିନ୍ତୁ ମୋର ଜନ୍ମ ଦାସତ୍ୱାବସ୍ଥାରେ ହୋଇନଥିଲା । ମୁଁ ଓ ମୋର ଭଗିନୀ କଦ୍ରୁ, ମହର୍ଷି କଶ୍ୟପଙ୍କର ଅର୍ଦ୍ଧାଙ୍ଗିନୀ । ଧୀର, ଦୃଢ, ଓ ମୌନ ସ୍ୱଭାବୀ କଶ୍ୟପ ଆମ ଦୁହିଁକୁ ଖୁବ୍ ଭଲ ପାଉଥିଲେ, କିନ୍ତୁ ପ୍ରୟୋଜନ ବ୍ୟତିତ ଅଧିକା କିଛି ଆଶା କରୁ ନଥିଲେ । ଘଣ୍ଟା ଘଣ୍ଟା ଓ ଦିନ ଦିନ ଧରି ସେ ଧ୍ୟାନରତ ରହୁଥିଲେ, ଏବଂ ତାଙ୍କରି କାର୍ଯ୍ୟ କଳାପରେ ଆମର କିଛି ଧାରଣା ନଥିଲା । ଅନେକ ସମୟରେ ମନେ ହେଉଥିଲା, ବୋଧହୁଏ ସେ ପୃଥିବୀକୁ ବି ନିଜ ମୁଣ୍ଡରେ ରଖି ଚିନ୍ତିତ ରହୁଥିଲେ । ପ୍ରଥମେ, ପ୍ରଥମେ, ମୁଁ ଓ କଦ୍ରୁ କଶ୍ୟପଙ୍କ ସ୍ନେହ ପାଇଁ ପ୍ରତିଦ୍ୱନ୍ଦିତା କରୁଥିଲୁ । ପରେ ଆମେ ବୁଝିପାରିଲୁ, ତାଙ୍କ ଦୃଷ୍ଟିକୋଣ ଯାହାକି ମେଘ ପରି ଦୟାଶୀଳ ଓ ଉଦାସୀନ, ସେଥିରେ ଆମେ ଦୁହେଁ ସମାନ । ହଠାତ୍ ଦିନେ ସେ ଆମ ଦୁଇଜଣଙ୍କୁ ଡାକି କହିଲେ ଯେ ତାଙ୍କର ବାନପ୍ରସ୍ଥ କରିବା ସମୟ ଆସିଗଲା । କିନ୍ତୁ, ସେ ଆମକୁ ବିନା ବରଦାନ ରେ ଛାଡି ଯିବାକୁ ଚାହିଁ ନଥିଲେ । ହଠାତ୍ ଆମେ ନିଜକୁ ଭାରି ଏକୁଟିଆ ମନେକଲୁ । ଅପେକ୍ଷା ନକରି, କଦ୍ରୁ ଏକ ହଜାର ପତାପୀ ସନ୍ତାନ ପାଇଁ ବର ମାଗିଦେଲେ । କଶ୍ୟପ ତଥାସ୍ତୁ କହିଲେ । ମୁଁ ଡେରି ନକରି, ଦୁଇଟି ସନ୍ତାନ ଲାଗି ବର ମାଗିଲି, ଯେଉଁମାନେ

ଝୁଣ୍ଟି ପଡ଼ିଲେ ଉଠି ପାରିବୁ ନାହିଁ ।
ଝଡ଼ିଲା ପତ୍ର ବୃକ୍ଷେ ଲାଗିଛି କାହିଁ ॥

କଦ୍ରୁର ସନ୍ତାନ ମାନଙ୍କ ଠାରୁ ଅଧିକ ସୁନ୍ଦର ଓ ପତାପଶାଳୀ ହେବେ । କଶ୍ୟପ ଆଶ୍ଚର୍ଯ୍ୟ ହୋଇ କହିଲେ, "ତୁମର ଏକ ଓ ଅର୍ଦ୍ଧ ସନ୍ତାନ ହେବ । ତା ପରେ, ସେ ଘନ ଅରଣ୍ୟରେ ପ୍ରବେଶ କଲେ, ସେଇ ଦିନ ଠାରୁ, କଶ୍ୟପ ଙ୍କ ସହିତ ଆମର ସାକ୍ଷ୍ୟାତ ହୋଇନି" ।

ବିନତା ନିଜ କଥା କହି ଚାଲିଥିଲେ, "ପୁତ ମୋର, ମୁଁ ତୁ ଥିବା ଅଣ୍ଡାକୁ, ଦୀର୍ଘ ପାଞ୍ଚଶହ ବର୍ଷ ଜଗି ବସିଥିଲି, କାରଣ ତୋ ଭାତା ଅରୁଣ ଭଳି ଯେମିତି ତୋ ଅବସ୍ଥା ନ ହେଉ ବୋଲି । ଅଧୈର୍ଯ ବଶତଃ ମୁଁ ତାର ଅଣ୍ଡା ଟିକୁ ଅତିଶୀଘ୍ର ଫଟେଇ ଦେଲି । ପରେ ମୁଁ ଜାଣିପାରିଲି କାହିଁକି ମହାଋଷି ମାନେ କହନ୍ତି -- ଏକ ମାତ ପାପ ହେଉଛି, ଅଧୈର୍ଯ୍ୟ । ଅରୁଣ ଦେହର ତଳପଟଟି ସଂପୁର୍ଣ୍ଣ ଭାବରେ ଗଠନ ହୋଇ ନଥିଲା । ସେଥିପାଇଁ ମୋ ପ୍ରଥମ ସନ୍ତାନ ମୋତେ ଅଭିଶାପ ଦେଲା, ମୁଁ ପାଞ୍ଚଶହ ବର୍ଷ ମୋ ଭଗିନୀର ଦାସୀ ହୋଇ ରହିବି । ଦୀର୍ଘ ୫୦୦ ବର୍ଷପରେ ମୋର ଦ୍ୱିତୀୟ ସନ୍ତାନ ମୋତେ ଶାପମୁକ୍ତ କରିବ, ଏତିକି କହି ଅରୁଣ ସୂର୍ଯ୍ୟଙ୍କ ନିକଟକୁ ସାରଥି ହେବାଲାଗି ଚାଲିଗଲା । ଅରୁଣକୁ ତୁ ସବୁଦିନ ଆକାଶରେ ଦେଖିପାରିବୁ । ସେଦିନ ଠାରୁ, ସେ ମୋ ସହିତ କଥା ବି ହୋଇନି ।"

ବିନତା କହୁଥିଲେ, "ତୋର ଅଣ୍ଡା ବଡି ଚାଲିଥିବା ସମୟରେ, ଏକ ହଜାର ସର୍ପ ଙ୍କ ଭିତରେ କଦ୍ରୁ ଓ ମୁଁ ଦୁଇଟି ମାନବୀ । ଆମେ ପରସ୍ପର କୁ ଘୃଣା କରୁଥିଲୁ, କିନ୍ତୁ ପରସ୍ପରକୁ ଦୂରେଇବି ପାରୁ ନଥିଲୁ । ତୁ ଜାଣିଥା ଯେ ମୋର ଅନ୍ୟନାମ ସୂପର୍ଣ୍ଣୀ, ଆକୁଳୀନା, ପକ୍ଷୀ ଚଞ୍ଚୁ ତୁଲ୍ୟ, ବୋଧହୁଏ ସେଥିଲାଗି ମୁଁ ତୋର ଜନ୍ମଦାତୀ । ଦୁନିଆରେ ଏମିତି କିଛି ଜିନିଷ ନାହିଁ, ଯାହାକି ମୋ ନଜରର ବାହାରେ । କଦ୍ରୁ ତ ଏକ ନୟନୀ, ସେ ତାର ଦ୍ୱିତୀୟ ନୟନ ଦକ୍ଷଙ୍କ ପାଖରେ ବଳିଦାନ କରିଥିଲା । ତାହା ଅନ୍ୟ ଏକ ଇତିହାସ, ତୋ ଲାଗି ଯାହା ଅଜଣା । କିନ୍ତୁ ତା ନଜର ଅତି ତୀକ୍ଷ୍ଣ । ଦିନେ ଦିବାଶେଷରେ ଆମେ ଦୁହେଁ ସାଗର ଜଳରେ ମୁକ୍ତା ଅନୁସନ୍ଧାନ ରେ ଯିବା ସମୟରେ ଏକ ବିସ୍ତାରିତ ଉଜ୍ଜଳ ଆଲୋକ ଦେଖିବାକୁ ପାଇଲୁ । ସେହି ଆଲୋକର ଉତ୍ସ ନ ଜାଣି, ପଚ୍ଛକୁ ବୁଲି ସାଗର-ଗଗନର ମିଳନକୁ ଏକ ତୀକ୍ଷ୍ଣ ରେଖା ବିଭାଜନ କରିବା ପ୍ରତିହିତ ହେଲା । ଆଲୋକର ବିପରୀତ ଦିଗରେ ଏକ ଶ୍ୱେତ ଅଶ୍ୱ ନିଜର ଟାପରେ ଜଳ ଓ ଆକାଶର ପରିସର କୁ ବିସ୍ତାର କରି ରହିଛି । ଶ୍ୱେତ ଅଶ୍ୱ ବ୍ୟତିତ, ଆଉ କିଛି ଅନ୍ଧକାର, ଏକ କାଷ୍ଠ ଗଡ, କିମ୍ବା ଅଶ୍ୱର କଳା ପୁଚ୍ଛ? ସବୁ ଏକାକାର ମନେ ହେଉ ନଥିଲା । ସେଇ ବିସ୍ତାରିତ ଜଳରାଶୀ, ଆକାଶ, ଓ ଧବଳ ଅଶ୍ୱକୁ ନେଇ ହିଁ ପୃଥିବୀ ର ଗଠନ ।"

ଗରୁଡ ପଚାରିଲେ, "ଅଶ୍ୱର ପରିଚୟ କଣ" ? ବିନତା କହିଲେ, "ସେତେବେଳେ ମୁଁ କିଛି ଜାଣି ନଥିଲି । କିନ୍ତୁ ଏତିକି ଜାଣିଥିଲି, ସେଇ ପ୍ରଶ୍ନ ଟି ବାରମ୍ବାର ଆମ ମନକୁ ଆସିବ ଯେତେବେଳ ପର୍ଯ୍ୟନ୍ତ ତାହା (ପ୍ରଶ୍ନଟି) ନିଜେ ଲୋପ ହେବ ନାହିଁ । ବର୍ତ୍ତମାନ ସେଇ ଅଶ୍ୱ ବିଷୟରେ ଏତିକି ଜାଣିଥା, ତାର ନାମ ଉଚ୍ଚୈଶବା, ସମୁଦ୍ର ମନ୍ଥନରୁ ତାର ଜନ୍ମ" । ମାଁ କଥା ସବୁ ଶୁଣି ପ୍ରଥମ ଥର ଲାଗି ଗରୁଡ ଅନୁଭବ କରୁଥିଲେ, ସେ ଯାହା ସବୁ ଶୁଣୁଛନ୍ତି ତାହା ତାଙ୍କ ଜୀବନରେ ଏକ ମୃଗତୃଷ୍ଣା ହୋଇ ରହିଯିବ । ସେ କହିଲେ, "ମାଁ, ମୁଁ ସେଇ ଘୋଡା ବିଷୟରେ ଆଉ କିଛି ପଚାରିବି ନାହିଁ, କିନ୍ତୁ ଏହା କିପରି ହେଲା, ଏବଂ ସମୁଦ୍ର ମନ୍ଥନ କଣ" ? ବିନତା କହିଲେ, "ପୁତ, ତୋର ଅନେକ କେତେ କଥା ଜାଣିବା ଦରକାର, ଏବଂ ଅତିଶୀଘ୍ର ତୁ ସେସବୁ ବୁଝି ପାରିବୁ । ତୁ ମୋର ପୁତ, ତୋର ଜନ୍ମ ମୋ ବନ୍ଧନ ମୁକ୍ତ କରିବା ଲାଗି । ସନ୍ତାନର ଜନ୍ମ, ପିତା-ମାତାର ବନ୍ଧନ ମୋଚନ ସକାଶେ । ଏଥିର ଏକ ମାତ ଉପାୟ ହେଉଛି ସର୍ପ ମାନଙ୍କୁ ସୋମରସ ପ୍ରଦାନ, ଯାହାକି ସ୍ୱର୍ଗରେ ମିଳିବ । ଇନ୍ଦ୍ର, ଅନ୍ୟ ଦେବତା, ଓ ଅନ୍ୟାନ୍ୟ ଶକ୍ତିଶାଳୀ ପ୍ରାଣୀ

ନିଶି ଦିବସେ ଥୟ ନୋହୁନା ମନ ।
ନିଦ୍ରା ଦେଖୁଅଛୁ ଯଥା ସ୍ୱପନ ॥

ମାନଙ୍କର ତୀକ୍ଷ୍ଣ ନଜରରେ ସେ ରହିଛି । ତୁ ସୋମ ଆଣି ପାରିଲେ, ମୁଁ ବନ୍ଧନ ମୁକ୍ତ ହେବି ।"

ବିନତା ନିଜର ଗଲ୍ପ ରେ ଏତେ ମଜ୍ଜି ଯାଇଥିଲେ ଯେ, ନିଜ ପୁତର ପତାପଶୀଳ ଆବିର୍ଭାବକୁ ଜାଣିପାରି ନଥିଲେ । ପୁନର୍ବାର କହିବା ଆରମ୍ଭ କରିଲେ, "ପ୍ରଥମରୁ ଦେବତା ମାନଙ୍କ ପାଖରେ ସୋମ ନଥିଲା । ଦେବତା ହେବାଟା ସତେ ଯେମିତି ଯଥେଷ୍ଟ ନଥିଲା -- ଦେବତା ଜୀବନଟା ଯେପରି ନିରସ ଲାଗୁଥିଲା । ସେମାନେ ପ୍ରଥମ ଜାତ ଅସୁର ମାନଙ୍କୁ ଘୃଣା କରୁଥିଲେ । ଅସୁର ମାନେ ବି ଦେବତା ମାନଙ୍କ ପରି ସୋମର ଅନୁପସ୍ଥିତି ଉପଲବ୍ଧ କରୁଥିଲେ । ପର୍ବତ ମେରୁ, ଯାହାର ଶୃଙ୍ଗ ପୃଥିବୀ ଠାରୁ ସ୍ୱର୍ଗକୁ ବିଚ୍ଛିନ୍ନ କରିଛି, ସେଇ ପର୍ବତ ମେରୁରେ ଦେବତା ମାନେ ଏକତିତ ହେଲେ । ବିଷ୍ଣୁ, ବହ୍ମାଙ୍କୁ ଧିର କଣ୍ଠରେ ଉପାୟ କହିଁଲେ, ଓ ବହ୍ମା ଅନ୍ୟ ଦେବତା ମାନଙ୍କୁ ସମୁଦ ମନ୍ଥନ ଲାଗି ପରାମର୍ଶ ଦେଲେ, ଯାହାକଲେ ସୋମ ମିଳିବ; କିନ୍ତୁ ଅସୁର ମାନଙ୍କ ବିନା ଏହି କାର୍ଯ ଅସମ୍ଭବ । ତେଣୁ ଦେବତା ମାନେ ଅସୁର ମାନଙ୍କ ସହାୟତା ନେବା ପାଇଁ ସହମତ ହେଲେ ।"

ବିନତା କିଛି ସମୟ ଲାଗି ନୀରବ ରହିଲେ । ଗରୁଡ ସମ୍ମାନର ସହ ମାଁ ଙ୍କ ନୀରବତାକୁ ଅପେକ୍ଷା କରିବା ପରେ ପଚାରିଲେ, "ମାତା, ଏ ପର୍ଯନ୍ତ କିପରି ତୁମେ ତୁମଭଗିନୀ ର କୀତଦାସୀ ହେଲ, ବର୍ଣ୍ଣନା କରିଲ ନାହିଁ ?" ବିନତା କହିଲେ, "ଆମେ ଦୁହେଁ ଶ୍ୱେତ ଅଶ୍ୱ ଦେଖିବା ସମୟରେ ମୁଁ ପଚାରିଲି, ହେ ଏକ ନୟନୀ, ଅଶ୍ୱଟିର ରଙ୍ଗ କଣ ? କଦ୍ରୁର କୌଣସି ଉତ୍ତର ନ ପାଇ ମୁଁ କହିଲି ସର୍ତ୍ତ ରହୁ, ଯିଏ ଅଶ୍ୱର ରଙ୍ଗ ଠିକ୍ କହିବ ଅନ୍ୟ ଜଣକ ତାର ଦାସୀ ରହିବ । କଦ୍ରୁ ଏଥି ରେ ରାଜି ହୋଇଗଲା ।"

ଆମେ ଦୁହେଁ ପୃଥକ୍ ରାସ୍ତା ରେ ଚାଲିଗଲୁ । ପରେ ମୁଁ ଜାଣିବାକୁ ପାଇଲି, କଦ୍ରୁ ତା ସନ୍ତାନ ମାନଙ୍କୁ ଅଶ୍ୱର ଲାଙ୍ଗୁଳ ରେ ଗୁଡେଇ ହେବାଲାଗି କହିଥିଲା, ଯାହା ଦ୍ୱାରା କି ଲାଙ୍ଗୁଳର କେଶ କଳା ବର୍ଣ୍ଣ ଦେଖାଯିବ । ତାର ସନ୍ତାନ ମାନେ ମନା କରିବାରୁ କଦ୍ରୁ ରାଗି କରି ଡରାଇଥିଲା, "ତୁମ ସମସ୍ତଙ୍କର ମୂଲୋପାଟନ ହେବ ।" ବିନତା ଗରୁଡଙ୍କୁ କହିଲେ, "ଭବିଷ୍ୟତ ରେ ତୋର ଅବଗତ ହେବ ଯେ, ଦୁନିଆରେ କାହାର ମୂଲୋପାଟନ ହୁଏ ନାହିଁ, କାରଣ ସବୁ ଜିନିଷର ଅବଶିଷ୍ଟାଂଶ ଅଛି ଓ ସେ ଅବଶିଷ୍ଟାଂଶ ହିଁ ସବୁର ଆରମ୍ଭ । ଏ ସବୁ କଥା ବର୍ତ୍ତମାନ ତୋର ବୁଝିବା ଆବଶ୍ୟକ ନୁହେଁ । କେବଳ ଏତିକି ଜାଣିଥା, କଦ୍ରୁର ଅଭିଶାପ ଅତି ଶକ୍ତିଶାଳୀ । ଭବିଷ୍ୟତରେ କୌରବ ଓ ପାଣ୍ଡବ ସମରରେ ଅନେକ ଆତ୍ମୀୟ ସ୍ୱଜନଙ୍କର ମୃତ୍ୟୁ ହେବ, ଏବଂ ଶେଷ ମୂହୁର୍ତ୍ତରେ ସର୍ପ-ଯଜ୍ଞ ବିଫଳ ହୋଇପାରେ, ସେଥିପାଇଁ ସର୍ପ ମାନଙ୍କ ମୂଲୋପାଟନ ଅସମ୍ଭବ । କଦ୍ରୁ ଅତି ବିପଜ୍ଜନକ, ଏବଂ ତାର ଶଢ ବିନାଶକ' । ବର୍ତ୍ତମାନ ଶ୍ୱେତ ଅଶ୍ୱର କଥା, "ଆମେ ଦୁହେଁ ଅଶ୍ୱର ନିକଟରେ ପହଞ୍ଚିବା ପରେ ମୁଁ ତାର ଦେହକୁ ଆଉଁସି କହିଲି, କଦ୍ରୁ ଦେଖ ଅଶ୍ୱଟି ଧବଳ ରଙ୍ଗର ।" "ଅପେକ୍ଷା କର କହି", କଦ୍ରୁ କିଛିଟା କଳା କେଶ ତା ଲାଙ୍ଗୁଳରୁ ଦେଖାଇଲା । କିମ୍ବଦନ୍ତି କହେ, ସେହି କଳାକେଶ ତାର ସର୍ପ ପୁତ କର୍କୋଟକ । ଅନ୍ୟ କେତେ କୁହନ୍ତି, ଉଚ୍ଚୈଶବାର ଲାଙ୍ଗୁଳ କଳା ଓ ଧଳାର ମିଶଣ । କଦ୍ରୁ କହିଲା, "ତୁ ମୋ ନିକଟରେ ହାର୍ ମାନିଲୁ, ଏବଂ ଆଜିଠାରୁ ମୋର ଦାସୀ ହେଲୁ, ସାଗର ମୋର ସାକ୍ଷୀ ।" ସେତେବେଳେ ମୋର ଜ୍ଞାନର ଉଦୟ ହେଲା ଯେ ଋଣ କଣ, ଜୀବନର ଋଣ, ଯେ କୌଣସି ଜୀବନର । ପାଞ୍ଚଶହ ବର୍ଷ ପର୍ଯନ୍ତ ମୋତେ ତାହା ଭୋଗିବା ଲାଗି ପଡିବ ।"

ଗରୁଡ ଭକ୍ତିପୂର୍ଣ୍ଣ ଭାବରେ କହିଲେ, "ମୁଁ ସୋମକୁ ଜୟକରି ଆଣିବି, କିନ୍ତୁ ବର୍ତ୍ତମାନ ମୋର ଆହାର

ନ ଯିବେ ସଙ୍ଗେ କେହି ଯିବ ତୁ ଏକା ।
ନାମ ମାତ୍ର ଅଟଇ ପଥକୁ ସଖା ।।

ଦରକାର ।" ବିନତା କହିଲେ, "ସାଗର ମଧ୍ୟରେ ଥିବା ନିଷାଦ ମାନଙ୍କୁ ଭୋଜନ କର, ଯେହେତୁ ବେଦ ସେମାନଙ୍କ ଲାଗି ଅଗୋଚର । କିନ୍ତୁ ମନେ ରଖିଥିବୁ, କେବେହେଲେ ବହ୍ମଙ୍କମାନଙ୍କୁ ତୋର ଆହାର କରିବୁ ନାହିଁ । ସେମାନେ ଅଗ୍ନି, ଖଣ୍ଡାର ଧାର, ଏବଂ ଗରଳ ସଦୃଶ୍ୟ । ରାଗିଥିଲେ ବି ବହ୍ମଙ୍କଙ୍କୁ ଆଘାତ ଦେବୁନାହିଁ ।" ଗରୁଡ ପଚାରିଲେ, "ବହ୍ମଙ୍କ କଣ ଓ କିପରି ଚିହ୍ନିବି ?" କାରଣ ଏ ସମୟରେ ଗରୁଡ କେବଳ ଦୁଇଟି ନାରୀ ପତିମା, ଯିଏ ପରଷ୍କରକୁ ଘୃଣା କରନ୍ତି, ଓ କଳା ସର୍ପ ବିନା ଆଉ କିଛି ଦୃଷ୍ଟି ଗୋଚର କରି ନାହାନ୍ତି । ମାଁ କହୁଛନ୍ତି "ଯାହା ଗଳାକୁ ଜ୍ୱଳନ୍ତ କାଷ୍ଠ ଏବଂ ଅଙ୍କୁଶ ଭଳି ବୋଧ ହେବ ତାହା ବହ୍ମଙ୍କ । ଗରୁଡ ଚିନ୍ତା କଲେ, ଗର୍ଭସ୍ଥ ନ କରିବା ପର୍ଯ୍ୟନ୍ତ ବହ୍ମଙ୍କ କିଏ ଜାଣିବା ଅସମ୍ଭବ ।" ନିଷାଦ ମାନଙ୍କୁ ଆହାର କରିବା ଲାଗି ଗରୁଡ ପକ୍ଷ ମେଲା କରି ଉଡି ଗଲେ । ନିଷାଦ ମାନେ କିଛି ଜାଣିବା ପୂର୍ବରୁ ଗରୁଡଙ୍କ ଗର୍ଭସ୍ଥ ହେବାରେ ଲାଗିଲେ, ସତେ ଯେପରି ସେମାନେ ଏକ ଅନ୍ଧକୂପରେ ପ୍ରବେଶ କରୁଛନ୍ତି । ହଠାତ୍ ଗରୁଡ ଗଳାରେ ଜ୍ୱଳନ ଅନୁଭବ କରି ଭାବିଲେ, "ଏହା ଏକ ବହ୍ମଙ୍କ", ଚଞ୍ଚୁ ମେଲା କରି କହିଲେ, "ହେ ବହ୍ମଙ୍କାନୀ, ମୁଁ ଆପଣଙ୍କୁ ଚିହ୍ନି ପାରିଲି ନାହିଁ, କିନ୍ତୁ ଆପଣଙ୍କୁ ଆଘାତ ଦେବା ମୋର ଅଭିପ୍ରାୟ ନୁହେଁ । ଆପଣ ଦୟାକରି ମୋ ଗଳାରୁ ବାହାରି ଆସନ୍ତୁ ।" ଗରୁଡ ନିଜ ଗଳାରୁ ଏକ ତୀକ୍ଷ୍ଣ କଣ୍ଠସ୍ୱର ଶୁଣିବାକୁ ପାଇଲେ, "ମୋର ବଧୂ, ଏଇ ନିଷାଦ ନାରୀ ବିନା ମୁଁ ତୋ ଗଳାରୁ ବାହାରିବି ନାହିଁ ।" ଗରୁଡ, "ମୋର କିଛି, ଆପତ୍ତି ନାହିଁ" କହି ଭାବିଲେ, "ବର୍ତ୍ତମାନ ମୋର ବହ୍ମଙ୍କ ମାନଙ୍କୁ ଚିହ୍ନିବାରେ ଆଉ କୌଣସି ଅସୁବିଧା ହେବନାହିଁ ।" ସେ ଦେଖିଲେ, ବହ୍ମଙ୍କୀ ଏକ ଅଟଳ, ଅସ୍ଥିବତ୍ କ୍ଷୀଣ ପାଣୀ, ଏବଂ ଯାହାର ଦୃଢ ଅଙ୍ଗୁଳି ନିଷାଦ ନାରୀକୁ ଖସିଯିବା ଲାଗି ଦେଉ ନଥିଲା । ସେଇ ନିଷାଦ ନାରୀ ର ସୌନ୍ଦର୍ଯ୍ୟ ରେ, ଗରୁଡ ନିଜର ମାତା ଏବଂ ମାୟାବୀ ମାଉସୀଙ୍କୁ ଦେଖି ପାରିଥିଲେ । ଗରୁଡଙ୍କୁ ଲାଗୁଥିଲା, ସତେ ଯେପରି ସେ ଏଇପରି ଅନେକ ସୁନ୍ଦରୀ ନାରୀଙ୍କୁ ଗର୍ଭସ୍ଥ କରିଛନ୍ତି । ତାଙ୍କୁ ଏସବୁ ପହେଳିକା ଭଳି ମନେ ହେଉଥିଲା । ବର୍ତ୍ତମାନ ସେ ନିଜର ଅପରିଚିତ ପିତାଙ୍କ ଦର୍ଶନର ନିତାନ୍ତ ଆବଶ୍ୟକତା ଅନୁଭବ କଲେ । ନିଜର ପକ୍ଷ ବିସ୍ତାର କରି ପିତାଙ୍କ ସନ୍ଧାନ ମାର୍ଗରେ ଉଡିବା ସମୟରେ ଏକ ଘୂର୍ଣ୍ଣୀବାତ୍ୟା ପୃଥିବୀକୁ ଘେରିଗଲା ।

କଶ୍ୟପ ଏକ ପିପ୍ପିକା ଧାରକୁ ନିରିକ୍ଷଣ କରୁଥିଲେ । ତାଙ୍କର କୌଣସି ପ୍ରତିକିୟା ନ ଥିଲା ଗରୁଡଙ୍କର ଆଗମନରେ । ଗରୁଡ ବି ବ୍ୟଗ ନ ଥିଲେ, ପିତାଙ୍କ ସହ କଥୋପକଥନ ଲାଗି । କଶ୍ୟପଙ୍କୁ କିଛି ସମୟ ନିରିକ୍ଷଣ କରିବା ପରେ, ଗରୁଡ ଚିନ୍ତାକଲେ, "ମୁଁ ବର୍ତ୍ତମାନ ଜାଣିଲି ବାହ୍ମଣ କଣ । ବାହ୍ମଣ, ଯିଏ କି ଅନ୍ୟର ତୁଷ୍ଟିରେ ନିଜେ ସନ୍ତୁଷ୍ଟ ।" ଏକ ଦିନର ମୌନତା ପରେ କଶ୍ୟପ ଗରୁଡଙ୍କୁ ଚାହିଁ ପଚାରିଲେ, "ତୋର ମାତା କିପରି ଅଛନ୍ତି ?" ଗରୁଡ ଉତ୍ତର ଦେବା ପୂର୍ବରୁ କଶ୍ୟପ ଅନ୍ୟ କିଛି କରିବାକୁ ଲାଗିଲେ, ଯେପରିକି ଉତ୍ତରଟା ତାଙ୍କୁ ଅଜଣା ନଥିଲା । "ନିଷାଦ ମାନେ ତୋ ଆହାର ଲାଗି ଯଥେଷ୍ଟ ନ ଥିଲେ, ଯା ହ୍ରଦ କୁଳରେ ବାଦ ରତ ଥିବା କଚ୍ଛପ ଓ ହସ୍ତି ଖୋଜି, ମୋଁ ବନ୍ଧୁ ରୌହିନା ବୃକ୍ଷର ଶାଖା ରେ ବସି ଆହାର କର । କିନ୍ତୁ ସାବଧାନ, ବାଲଖିଲ୍ୟ ମାନଙ୍କୁ କ୍ରୋଧାନ୍ୱିତ କରିବୁ ନାହିଁ ।"

ପଞ୍ଜା ରେ କଚ୍ଛପ ଓ ହସ୍ତୀ ଙ୍କୁ ଧରି ଉଡିବା ସମୟରେ ଗରୁଡ ଭାବିଲେ, "ବାଲଖିଲ୍ୟ ମନେ କଣ? " ଓ ଭାବୁ ଭାବୁ ତାଙ୍କର ବିସ୍ତାର ପକ୍ଷ ରୌହିନା ବୃକ୍ଷର ଶାଖାକୁ ସ୍ପର୍ଶ କରିଥିଲା । "ମୋ ଶାଖା ରେ ବସି ଆହାର କରି ବିଶାମ ନେ" ରୌହିନା ବୃକ୍ଷର କଣ୍ଠସ୍ୱର ଗରୁଡ ଶୁଣି ପାରିଲେ । ତୋର ଜନ୍ମ ପୂର୍ବରୁ ତୁ ଏବଂ ତୋର ଏକ ସାଥି ମୋର ଶାଖାରେ ବସି ରହିଥିଲ, କିନ୍ତୁ କେହି କାହା ଠାରୁ ଟିକିଏ ବି ଅଲଗା ହେଉ ନଥିଲ । ଯଦିଓ ତୁ

ଟାଣ କରିଛୁ ମନ ସବୁ ମୋହରି ।
ଟଳି ପଡ଼ିଲେ କେହି ନୋହେ କାହାରି ॥

ଏଇ ବୃକ୍ଷ ର ଫଳ ଖାଉଥିଲୁ, ତୋର ସାଥି କିଛି ନଖାଇ କେବଳ ତୋତେ ହିଁ ନିରିକ୍ଷଣ କରୁଥିଲା । ସେତେବେଳେ ତୁ ଆଜି ଭଳି ବହ୍ମାଣ୍ଡ ପରିକମା କରୁ ନ ଥିଲୁ, କାରଣ ମୁଁ ହିଁ ବହ୍ମାଣ୍ଡ ଥିଲି । ବୃକ୍ଷର ଏକ ଡାଳରେ ବସିଲା ପରେ ଗରୁଡ ମନେକଲେ ସତେ ଯେମିତି ନିଜର ପୁରୁଣା ଗୃହକୁ ଫେରି ଆସିଛନ୍ତି, ଯାହାର ସତ୍ତା ବି ତାଙ୍କ ସ୍ମରଣ ଶକ୍ତିର ବର୍ହିଭୂତ ଥିଲା । ମନରେ ଏତିକି ରହିଥିଲା, ତାଙ୍କ ଜନ୍ମସ୍ଥଳି କେବଳ ବାଲୁକା, ପ୍ରସ୍ତର, ଓ ସର୍ପମୟ ସ୍ଥାନ । ଏଇ ରୌହିନ ବୃକ୍ଷ ତାଙ୍କର ରକ୍ଷକ ପରି ମନେହେଲା । ଏଇ ଭାବନା ଭିତରେ ମଗ୍ନ ରହି, ଆହାର କରିବା ଲାଗି ବୃକ୍ଷ ଡାଳରେ ବିଶାମ ନେବା ସମୟରେ ହଠାତ୍ ଏକ ଡାଳ ଭାଙ୍ଗିବା ଭଳି ଶବ୍ଦ ଶୁଣି ଗରୁଡ ଚମକି ଉଠିଲେ । ଅଜଣାରେ କିଛି ଭୂଲ କରିଛନ୍ତି ଭାବି ଚଞ୍ଚୁରେ ଏକ ଭଙ୍ଗା ବୃକ୍ଷ ଡାଳ ଧରି ଉଡି ଉଠିଲେ, ହସ୍ତୀ ଓ କଚ୍ଛପ ଏବେ ବି ସେହିପରି ତାଙ୍କ ପଞ୍ଜାରେ ଝୁଲିଛନ୍ତି । ତାଙ୍କୁ ଲାଗିଲା, ସେ ଏକ ବିରାଟ ଭ୍ରମ କରିବାକୁ ଯାଉଛନ୍ତି । ବୃକ୍ଷ ଡାଳରୁ ସୀତ୍କାର ଶବ୍ଦ ଶୁଣି ପ୍ରଥମେ ପବନ ବୋଲି ଭାବିଲେ, କିନ୍ତୁ ସୀତ୍କାରଟା ସଦୃଢ ଓ ଭୟଙ୍କର ରୂପେ ତୀବ ଥିଲା । କିଛି ସମୟ ପରେ ସେ ଦେଖିଲେ-ଡାଳର ପ୍ରଶାଖାର ପତ ଗହଳିରୁ ବାଦୁଡି ପରି, ଉଚ୍ଚତାରେ ଅଙ୍ଗୁଷ୍ଠିର କ୍ଷୁଦ୍ର ଅସ୍ଥି ପରିମାଣ କେତେକ ବାହ୍ମଣ ଝୁଲିଛନ୍ତି । ସେମାନଙ୍କ ଶରୀର ସୁଗଠିତ ଓ ନିର୍ମଳ -- ଯେ ହେତୁ ସେମାନେ ଗତି ରହିତ ଓ ସ୍ଥିର; ଗରୁଡଙ୍କ ଉଡିବା ସେମାନଙ୍କୁ ଅତ୍ୟନ୍ତ ବିରକ୍ତ ଜନକ ଲାଗୁଥିଲା । ଏମାନେ ନିଶ୍ଚିତରେ 'ବାଲଖିଲ୍ୟ' ଭାବି, ଗରୁଡ ମନେକଲେ ନିଜେ ଏକ ବିରାଟ ଅପରାଧ କରିଛନ୍ତି । ସମ୍ମାନର ସହ କହି ଉଠିଲେ, "ହେ ମହାନ୍ ବାଲଖିଲ୍ୟ ମାନେ, ଆପଣ ମାନଙ୍କୁ ଆଘାତ ଦେବା ମୋର ଉଦ୍ଦେଶ୍ୟ ନଥିଲା ।" କିନ୍ତୁ ଏକ ଉପହାସ ଭର ସ୍ୱରରେ ଗରୁଡ ଶୁଣିବାକୁ ପାଇଲେ, "ତୋ ଭଳି ବ୍ୟକ୍ତି ଏମିତି ସବୁ କହନ୍ତି "' । କିଛି ସମୟ ପରେ ଏକ ପ୍ରକୃତ ସ୍ୱର ଗରୁଡଙ୍କୁ କହିଲା, "ଅବିନାଶ ଶବ୍ଦାଂଶ ଭଳି ସୂକ୍ଷ୍ମ ଓ ଭିତ୍ତିହୀନ । ତୋର ସୃଜନ ଶବ୍ଦାଂଶରୁ, ତେଣୁ ତୁ ନିଶ୍ଚୟ ଭାବେ ଏ ବିଷୟରେ ଅବଗତ ରହିବା ଆବଶ୍ୟକ । ସୂକ୍ଷ୍ମ ହେଉଛି ଅବହେଳନୀୟ । ତେଣୁ ଏହାକୁ ଅବହେଳା କରଯାଏ" ।

"ମୋ ଦ୍ୱାରା ନୁହେଁ ", ଏହା କହି ଗରୁଡ ଖୁବ୍ ସାବଧାନରେ ଉଡିବାକୁ ଲାଗିଲେ, କାରଣ ସେ ନିଜ ଚଞ୍ଚୁରେ ଧରିଥିବା ଶାଖାକୁ ଟିକିଏ ବି ହଲାଇବା ପାଇଁ ଚାହୁଁ ନଥିଲେ । ବାଲଖିଲ୍ୟ ମାନଙ୍କୁ ଛାଡିବା ଲାଗି ଏକ ଖୋଲା ଓ କୋମଳ ସ୍ଥାନର ଅନୁସନ୍ଧାନ କରୁଥିବା ସମୟରେ ହଠାତ୍ ଏକ ବିଶାଳ ପର୍ବତ, ଗନ୍ଧମାର୍ଦନ ଦୃଷ୍ଟିଗୋଚର ହେଲା । ପର୍ବତର ଶୃଙ୍ଗ ଆଡକୁ ଧୀର ଓ ସାବଧାନ ଗତିରେ ଉଡିବା ସମୟରେ ସେ ପିତା କଶ୍ୟପଙ୍କର କେଶହୀନ, ମସୃଣ ମସ୍ତିଷ୍କ ଦେଖି ପାରିଲେ । ମହର୍ଷି କଶ୍ୟପ ଗନ୍ଧମାର୍ଦନ ପର୍ବତ ଉପତ୍ୟକାର ଏକ ପୁଷ୍କରୀଣୀ ତଟରେ ମୌନ ହୋଇ ବସିଥିଲେ । ଗରୁଡ ବିନା ଶବ୍ଦରେ ଧୀରେ ଧୀରେ ଉଡିବାକୁ ଲାଗିଲେ... । କିଛି ସମୟ ପରେ କଶ୍ୟପ ମୌନ ଭଙ୍ଗକରି କହିଲେ, "ପୁତ, ବ୍ୟାକୁଳ ହେବା ଅନୁଚିତ୍, ବ୍ୟାକୁଳ ହୋଇ ଦୁଃସାହାସୀ କାର୍ଯ କିଛି କର ନାହିଁ, ଯେଉଁଥିପାଇଁ ପରେ ଅନୁତାପ କରିବାକୁ ପଡିବ । ବାଲଖିଲ୍ୟ ମାନେ ସୂର୍ଯ୍ୟଙ୍କୁ ପାନ କରନ୍ତି, ସେମାନେ ତୁ ଜଳାଇବା ଅଗ୍ନିକୁ ବି ଦହନ କରିଦେଇ ପାରିବେ..." । ଗରୁଡ ଏବେବି ଆଶଙ୍କିତ ମନରେ ସାବଧାନତା ସହିତ ଉଡୁଥାନ୍ତି । ଏ ସମୟରେ ପିତାଙ୍କ ସ୍ୱର ହଠାତ୍ ବଦଳି ଗଲା । କଶ୍ୟପ ବର୍ତ୍ତମାନ ବାଲଖିଲ୍ୟ ମାନଙ୍କୁ ମଧୂର ଓ ପରିଚିତ ମର୍ମର ସ୍ୱରରେ କହୁଥିଲେ, "ଗରୁଡ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ଲାଗି ଯାଉଅଛି, ଆପଣ ମାନେ ଯଦି ମୋର ମଙ୍ଗଳ ଚାହାଁନ୍ତି, ତେବେ ମୁଁ ପ୍ରାର୍ଥନା କରୁଛି ଆପଣ ମାନେ ତା'ଠାରୁ ବର୍ତ୍ତମାନ ବିଦାୟ ନିଅନ୍ତୁ" । ଅଳ୍ପ ସମୟ ପରେ ବାଲଖିଲ୍ୟ ମାନେ ଶୁଷ୍କ ପତ୍ର ଭଳି, ବୃକ୍ଷ ଡାଳଟି ରୁ

ନିଶି ଦିବସେ ଥୟ ନୋହୁନା ମନ ।
ନିଦ୍ରା ଦେଖୁଅଛୁ ଯଥା ସ୍ୱପନ ॥

ଝଡି, ଘାସ ପତ ଭିତରେ ଅଦୃଶ୍ୟ ହୋଇ ହିମାଳୟ ଅଭିମୁଖେ ଚାଲିଗଲେ ।

ଗରୁଡ ମଗ୍ନଚିତ୍ତ ରେ ଦୃଶ୍ୟ ସବୁ ଦେଖୁଥିଲେ । ଶେଷ ବାଲଖିଲ୍ୟ ଅଦୃଶ୍ୟ ହେବାର ଅନେକ ସମୟ ପରେ କହିଲେ, "ପିତା, ଆପଣ ମୋତେ ରକ୍ଷା କରିଦେଲେ" । କଶ୍ୟପ ଉପରକୁ ନ ଚାହିଁ କହିଲେ, "ମୁଁ ତୁମକୁ ମୁକ୍ତି କରିବା ସହିତ ନିଜକୁ ବି ମୁକ୍ତି କରିଲି । ଏଇ କାହାଣୀଟି ଶୁଣ । ଦିନେ ଯଜ୍ଞ ଲାଗି ସମୀଧ ଆଣିବା ଲାଗି ମୁଁ ଇନ୍ଦ୍ର ଓ ଅନ୍ୟ କେତେକ ଦେବତାଙ୍କୁ ଅରଣ୍ୟକୁ ପଠାଇ ଥିଲି । ଫେରିବା ସମୟରେ ଇନ୍ଦ୍ର ଦେଖିଲେ ଗୋଟିଏ ଚୁଆରୁ ବାହାରିବା ଲାଗି ବାଲଖିଲ୍ୟ ମାନେ କଠୋର ଚେଷ୍ଟା କରୁଛନ୍ତି । ସେମାନେ ଗୋଟିଏ ଧାଡିରେ ଚାଲୁଥିଲେ, ଓ ନିଜ ନିଜ ସ୍କନ୍ଧରେ ଗୋଟିଏ ଗୋଟିଏ ତୃଣ (କୁଶ)କୁ କାଷ୍ଠ ଭଳି ବହନ କରି ନେବା ଲାଗି ଚେଷ୍ଟା କରୁଥିଲେ । ଚୁଆ ବହୁତ ଛୋଟ ଥିଲା, କିନ୍ତୁ ବାଲଖିଲ୍ୟ ମାନଙ୍କ ବାହାରିବା ଅତ୍ୟନ୍ତ କଠିନ ହେଉଥିଲା । ନିଜ ମନ ଭିତରେ ମତୁଆଲା ଥାଇ ଇନ୍ଦ୍ର ସେ ସବୁ ଦେଖି ନିଜର ହସ ସମ୍ଭାଳି ପାରୁ ନଥିଲେ । ବାଲଖିଲ୍ୟ ମାନେ ଠିକ୍ ଉପରକୁ ଉଠି ସାରିବା ପରେ, ଇନ୍ଦ୍ର ସେମାନଙ୍କୁ ନିଜ ଗୋଇଠି ଦ୍ୱାରା ପୁଣି ଚୁଆ ଭିତରକୁ ଠେଲିଦେଇ ହସିବାକୁ ଲାଗିଲେ ।"

ତା ପରଦିନ ବାଲଖିଲ୍ୟ ମାନେ ମୋ ନିକଟକୁ ଆସି କହିଥିଲେ, "ଆମେ ଆପଣଙ୍କ ପାଖକୁ ଆସିଛୁ ନିଜ ନିଜ ତପ, ଯାହାର ଉତ୍ତାପ ଆମର ମାନସକୁ ଯୁଗ ଯୁଗ ଧରି ଭଷ୍ମ-ଶୀତଳ-କଠିନ (annealed) କରିଛି । ଏଇ ଉତ୍ତାପ ଅତି ପବିତ୍ର, ଯାହା ଅକ୍ଷୟ, ଏପରିକି ପାର୍ଥିବ ଜଗତରେ ନିଜର କୌଣସି ସତ୍ତାକୁ ବି ସ୍ଥାନ ଦେଇ ନାହିଁ । ଏଇ ତପ ତୁମର ଦେହରେ ବୀଜ ହୋଇ ଏକ ନୂତନ ଇନ୍ଦ୍ର ସୃଷ୍ଟି କରିବ ଯିଏକି ସେଇ ଅହଂକାରୀ, ଭୀରୁ ଇନ୍ଦ୍ର ଆମକୁ ଉପହାସ କରିଥିଲା, ତା ଲାଗି ଉପଯୁକ୍ତ ଶାସ୍ତି ହେବ । ସେଭଳି ଶକ୍ତିମାନ ତୁମର ଏକ ପୁତ ହେବ ।" ମୁଁ ଅସନ୍ମତ ହୋଇ କହିଲି, "ବହ୍ମାଁଙ୍କ ଇଚ୍ଛାରେ ଇନ୍ଦ୍ରର ସୃଷ୍ଟି, ତେଣୁ ଅନ୍ୟ ଏକ ଇନ୍ଦ୍ର ତାଙ୍କୁ ବହିଷ୍କାର କରି ପାରିବ ନାହିଁ" । ବାଳଖିଲ୍ୟ କହିଲେ, "ତେବେ ସେ ପକ୍ଷୀମାନଙ୍କ ଇନ୍ଦ୍ର ରହି, ସ୍ୱର୍ଗର ଇନ୍ଦ୍ର ଲାଗି ଏକ ଶାସ୍ତି ହେବ" । "ମୁଁ ସେଥିରେ ଏକମତ ହୋଇଥିଲି" ।

"ସେଇ ରାତିରେ ବାଲଖିଲ୍ୟ ମାନଙ୍କର ତପ ମୋର ଶରୀରରେ ପ୍ରବାହ କରିଗଲା । ମୁଁ ନିଜକୁ ସ୍ୱଚ୍ଛ, ନିର୍ମଳ, ବହୁମୂଖୀ, ଏକ ଜ୍ୱଳନ୍ତ ତୀର ଗୁଚ୍ଛ ଭଳି ମନେକଲି । ତୋର ମାତା, ବିନତା ମୋତେ ଦେଖି ଅତ୍ୟନ୍ତ ଭୟଭୀତ ହୋଇଥିଲେ । ପତ୍ୟୁଷରେ ବିନତା କହିଲେ କି ଏକ ଅନ୍ଧକାର ତାଙ୍କୁ ଏକ ବିଶାଳ ବୃକ୍ଷର ପତ ଶଯ୍ୟାକୁ ନିକ୍ଷେପ କରିଛି, ଏବଂ ବୃକ୍ଷର ତଳରୁ ଏକ ଅଗ୍ନିଶୀଖା ତୀବ ଗତିରେ ଉର୍ଦ୍ଧ୍ୱକୁ ଉଠି ଆସୁଛି । ବୃକ୍ଷ ଦେହରୁ ବିନ୍ଦୁ ବିନ୍ଦୁ ସ୍ୱଚ୍ଛ ତରଳ ପଦାର୍ଥ, ଯାହା କି କୌଣସି ଏକ ଅସରନ୍ତି ଭଣ୍ଡାରରୁ ନିର୍ଗତ ହେଉଥିଲା ଭଳି ବିନତା ମନେ କରିଥଲେ ।"

ପିତାଙ୍କର ଗଳ୍ପରେ ଗରୁଡ ଏତେ ମଗ୍ନ ଥିଲେ ଯେ ସେ ଶୂନ୍ୟରେ ଧିରେ ଧିରେ ଉଡୁଛନ୍ତି, ଏ କଥା ବି ଭୁଲି ଯାଇଥିଲେ । ସେ ପର୍ଯନ୍ତ, ତାଙ୍କ ପଞ୍ଜାରେ ହାତୀ ଓ କଇଁଚ ଆହାର ହେବାଲାଗି ଅପେକ୍ଷା କରୁଥିଲେ । ଏବଂ ଚଞ୍ଚୁରେ ବୃକ୍ଷ ଡାଳଟ ସେମିତି ଚାପିହୋଇ ରହିଥିଲା । ଡାଳଟିକୁ ପକାଇବା ଲାଗି ସାହସ ହେଉ ନଥିଲା, ହୁଏତ ସବୁଜ ଘାସ ଅନ୍ତରାଳରେ କୌଣସି ଜଣେ ବାଲଖିଲ୍ୟ ବାହ୍ମଣ ବାଟବଣା ହୋଇ ରାସ୍ତା ଖୋଜୁଥିବ । "ଭାବନା ମନକୁ ସ୍ଥବିର କରିଦିଏ", ଆକାଶରେ ସ୍ଥିର ରହି ଗରୁଡ ଭାବିଲେ । କଶ୍ୟପ ନିଜ ପୁତର ଏହି ଦୁରାବସ୍ଥାକୁ ଦୂର କରିବା ଲାଗି ଅତ୍ୟନ୍ତ ବ୍ୟଗ୍ର ଥିଲେ । ଭଙ୍ଗୀଡାଳ ବିଷୟରେ, ନିଜ ଭୂଲ-ଠିକ୍ ଶୋଚନା

ଠିକେ ମୁଁ କହୁଅଛି କର ମୋ କଥା ।
ଠିକେ ତୋ ଦେହେ ଅଛି ଶୂନ୍ୟ ଦେବତା ॥

କରିବା ଲାଗି କୋଟି କୋଟି ମୂହୁର୍ତ୍ତ ପରେ ମିଳିବ, କିନ୍ତୁ ଏହା ବର୍ତ୍ତମାନ ଲାଗି ବିଷୟବସ୍ତୁ ନୁହେଁ । "ଉଡି ଯାଅ ଗରୁଡ" -- ସେ କହିଲେ । "ଉତ୍ତର ଦିଗରେ ଏକ ତୁଷାର ଆଚ୍ଛାଦିତ ପର୍ବତ ଦେଖାଯିବ, କେବଳ ଘନ ତୁଷାର ବ୍ୟତିତ ସେଠି ଆଉ କିଛି ନାହିଁ । ବାହୁଣ ବଧର ଭୟ ବି ନାହିଁ, ତେଣୁ ଶାଖାଟି ତା ଉପରେ ପକାଇବା ଚେଷ୍ଟାକର । ଶେଷରେ ସେଇ ପର୍ବତ ଶୀଖରରେ ବସି ତୁ ଧରିଥିବା ହାତୀ ଓ କଇଁଚକୁ ଆହାର କରିବୁ" । ଗରୁଡ ତତ୍‌କ୍ଷଣାତ୍ ଉତ୍ତର ଦିଗକୁ ଉଡିଗଲେ ।

ଉଲ୍ଲାସ ମନରେ ଗରୁଡ ଭାବୁଥିଲେ, "ମୁଁ ମୋଟେ କିଛି ସମୟ ତଳେ ଅଣ୍ଡାରୁ ଫୁଟି ବାହାରିଛି, ଏ ଭିତରେ କେତେ ଘଟଣା ଘଟିଗଲାଣି, ତଥାପି ଅନେକ କାହାଣୀ ଏସବୁ ଅବୁଝା ସଂଯୋଗ ଭିତରେ ଗୁପ୍ତ ରହିଯାଉଛି..." । ଶେଷରେ ଜୀବ-ପାଣୀ ହୀନ ଏକ ତୁଷାର ପର୍ବତ, ଯେଉଁ ସ୍ଥାନରେ ଗରୁଡ ଅନେକ କିଛି ଭାବି ପାରିବେ । "ମୋତେ କେହି ଶିକ୍ଷା ଦେଇ ନାହାନ୍ତି, କେବଳ ମାର୍ଗ ପ୍ରଦର୍ଶନ କରାଯାଇଛି । ମୁଁ ଶଙ୍ଖାଁଶ ରେ ନିର୍ମିତ ..., ଏତିକି ବୁଝିବାଲାଗି ବୋଧହୁଏ ମୋତେ ସାରା ଜୀବନ ଲାଗିଯିବ" । ହଠାତ୍ ଗରୁଡ ଉଲ୍ଲାସ ହୋଇ ଉଠିଲେ, ଦୃଷ୍ଟି ବଳୟ ରେ ଏକ ଭଷା-ନୀଳ ତୁଷାର ମଣ୍ଡିତ ପର୍ବତ । ରୌହିନ ବୃକ୍ଷର ଶାଖାଟିକୁ ପକାଇଦେଇ, ଗରୁଡ ନିଜ ଶୀକାର ଦ୍ୱୟକୁ ଆହାର କରିବା ଲାଗିଲେ ।

"ବର୍ତ୍ତମାନ ସୋମ ଅପହରଣ କରିବା କାର୍ଯ୍ୟ...", ଗରୁଡ ଭାବିଲେ । ସୋମ ଆଣିବା ଲାଗି ଉର୍ଦ୍ଧକୁ ଉଡି ଉଠିଲେ, ପଛରେ ତୁଷାରର ଅନନ୍ତ ଗାଲିଚା ଉପରେ ପଡି ରହିଥିଲା ହସ୍ତୀ ଓ କଚ୍ଛପର ବିକ୍ଷିପ୍ତ ଦେହାବଶେଷ ।

ସେଇ ସମ ମୂହୁର୍ତ୍ତରେ ଜଣେ ଦେବତା ସ୍ୱର୍ଗରେ ଏକ ନିସ୍ତେଜତା ବୋଧ କଲେ । ପାରିଜାତ ମାଳା ସବୁରେ ସୁଗନ୍ଧ ହଜିଗଲା, ଓ କଳିକା ସବୁରେ ଧୂଳିର ପରଳ ପଡିଗଲା । ସ୍ୱର୍ଗୀୟ ବସ୍ତୁ ସବୁ ପାର୍ଥବୀୟ ଭଳି କ୍ଷୟ ହେବାରେ ଲାଗିଲେ, ଏହା ଏକାଧିକ ଦେବତାଙ୍କୁ ବିବତ କରିବାକୁ ଲାଗିଲା । ସତେକି ଆତଙ୍କର ଘୋର ସମୟ । ତା ପରେ ଏକ ଅପରିମିତ ପ୍ରଦର୍ଶନ । ଅଗ୍ନି ବର୍ଷୀ, ଉଲକା ଓ ବଜପାତ, ଏବଂ ଘୂର୍ଣ୍ଣିବାତ୍ୟା । ଗରୁଡ ସ୍ୱର୍ଗକୁ ଅନୁପ୍ରବେଶ କରିବା ଦେଖି ଇନ୍ଦ୍ର ବଜ ନିକ୍ଷେପ କଲେ । କିନ୍ତୁ, ବଜ ଗରୁଡଙ୍କ ପକ୍ଷରେ ବାଜି ଫେରି ଆସିଲା । "ଏହା କିପରି ସମ୍ଭବ ?" -- ଦେବ ଗୁରୁ ବୃହସ୍ପତିଙ୍କୁ ଇନ୍ଦ୍ର ପଚାରିଲେ । "ଏଇ ବଜ ଯାହା ବୃତ୍ତର ହୃଦୟ ବିଦୀର୍ଣ୍ଣ କରିଥିଲା, ଗରୁଡ ପାଇଁ ଏହା ତୃଣ ସମ ହେଉଛି" । ଆକାଶ ଆନ୍ଦୋଳିତ ହେବା ସମୟରୁ ବୃହସ୍ପତି ଅବିଚଳିତ ରହିଥିଲେ । "ଗରୁଡ ପକ୍ଷରେ ଗଠିତ ନୁହେଁ, ମନ୍ତ୍ରର ଛନ୍ଦରେ ସୃଷ୍ଟ । ତୁମେ ଛନ୍ଦକୁ ଆଘାତ ଦେଇ ପାରିବ ନାହିଁ । ଗରୁଡ ହେଉଛନ୍ତି ଗାୟତ୍ରୀ, ତିସ୍ତୁଭ, ଓ ଜଗତୀ । ଗରୁଡ ହେଉଛନ୍ତି ଅମ୍ନାନ ସ୍ତୁତି । ତୁମର ମନେଥିବ, ସେଇ ଚୁଆ ଏବଂ ସେଇ କ୍ଷୁଦ୍ର ପାଣୀ, ଯେଉଁ ମାନେ ତୁମଲାଗି ହାସ୍ୟଜନକ ଥିଲେ ... ଗରୁଡ କିଛି ଅଂଶରେ ସେମାନଙ୍କର ସନ୍ତାନ" ।

ସେଇ ଘୋର ସଂଗାମର ପ୍ରତିଫଳ ଆରମ୍ଭରୁ ନିଶ୍ଚିତ ଥିଲା -- ଦେବତାମାନଙ୍କ ପରାଜୟ । କିନ୍ତୁ ଗରୁଡ ପକ୍ଷ ଦ୍ୱାରା ସୃଷ୍ଟ ଧୂଳିର ଘୂର୍ଣ୍ଣିବାତ୍ୟା ଦେବତା ମାନଙ୍କ ଲାଗି ପରାଜୟର ଶୋଚନା ଠାରୁ ବି ଆହୁରି ଲଜ୍ଜାକର ଥିଲା । ସୋମର ରକ୍ଷକ ମାନେ ବି ସେମାନଙ୍କ ଆୟୁଧର ଶକ୍ତି ହରାଇ ବସିଲେ । ଗରୁଡଙ୍କର କେବଳ ଏକ ମାତ୍ର ପକ୍ଷ, ଧନୁର୍ଦ୍ଧର କୃଷାଣୁର ଶରାଘାତରେ ବିଖଣ୍ଡିତ ହୋଇ ଆକାଶରେ ଧିରେ ଧିରେ ଘୁରି ବୁଲୁଥିଲା । ଗରୁଡଙ୍କ ନଜର ତାଙ୍କ ଶତ୍ରୁ ମାନଙ୍କ ପତି ନଥିଲା, କାରଣ ତାଙ୍କ ସମ୍ମୁଖରେ ଏକ କଠିନ କାର୍ଯ୍ୟ । ସେ ଆକାଶ ଉପରେ ଏକ ଧାତୁ ନିର୍ମିତ ଚକ୍ରୀ ତୀବ୍ର ଗତିରେ ଘୁରୁଥିବା

ଡାକି କହୁଛି ମନ ଭଜ ଗୋବିନ୍ଦେ ।
ଡର ଜଞ୍ଜାଳ ଯାଉ ତୋହର ହୃଦେ ॥

ଦେଖିଲେ । ସେଇ ଚକ୍ରୀ ପଛରେ ଏକ ସୁନେଲୀ ଆଲୋକ, ଏବଂ, ଦୁଇଟି ସ୍ୱର୍ଣ୍ଣ ପାତ । ଗୋଟିଏ ପାତ ଅନ୍ୟ ପାତଟି ଉପରେ ତଳମୁଖୀ । ପାତ ଦୁଇଟି ବି ତୀବ୍ର ବେଗରେ ଘୁରୁଛନ୍ତି, ଏବଂ କିଛି ମୂହୂର୍ତ୍ତ ଲାଗି ଉପର ପାତଟି ତଳ ପାତର ମୁହଁକୁ ଖୋଲା ରଖୁଛି । ଚକ୍ର ଓ ସ୍ୱର୍ଣ୍ଣ ପାତଦ୍ୱୟର ବ୍ୟବଧାନରେ ଦୁଇଟି ବିଷଧର ସର୍ପ ନିଜର ଫଣାକୁ ହଲାଇ ବିକଟ ଗର୍ଜ୍ଜନ ଛାଡୁଛନ୍ତି । ଗରୁଡ ସର୍ପ ଦୁଇଟିର ଚକ୍ଷୁରେ କିଛି ଧୂଳି ଛାଟିଦେଇ ଏକ ଲକ୍ଷ୍ୟରେ କିଛି ସମୟ ଅପେକ୍ଷା କରିଲେ । ତାଙ୍କୁ ଚକ୍ରୀର ମଧ୍ୟ ଦେଇ ଯିବାକୁ ପଡିବ, ତାଙ୍କର ଛଅଁକୁ ମୂହୂର୍ତ୍ତକ ଠାରୁ ଆହୁରି କମ ସମୟରେ ପାତରେ ପୁରାଇ ଉଜ୍ଜଳ ଆଲୋକଟିକୁ ଛିନ୍ନ କରି ନିଜକୁ ବି ବ୍ୟୁହ ମୁକ୍ତ କରିବା ଲାଗି ପଡିବ । 'ଏଇ କ୍ଷୁଦ୍ର ସମୟଟି ମାତାଙ୍କ ଭାଗ୍ୟ କୁ ବଦଳାଇ ଦେବ' ଭାବୁ ଭାବୁ, ଗରୁଡ ସୋମକୁ ନେଇ ବାହାରକୁ ଆସିଗଲେ । ଚଞ୍ଚୁରୁ ବୋହିଆସୁଥିବା କିଛିଟା ସୋମକୁ ଚାଖି ଦେବାଲାଗି ବି ସମୟ ନଥିଲା, ଗରୁଡ ଏକମୁଖ ହୋଇ ପୃଥିବୀ ଆଡକୁ ଉଡିଲେ । ମନରେ କେବଳ 'ସର୍ପ' ଓ 'ମାତା' ।

ଗରୁଡଙ୍କୁ ଅଟକାଇବା ଲାଗି ଇନ୍ଦ୍ର ଚେଷ୍ଟାକଲେ । ସୋମ ପୃଥିବୀ ଲାଗି ନୁହେଁ । ଦେବରାଜ କହିଲେ, "ଆମେ ଶତ୍ରୁତା କରିବା ଅନୁଚିତ, କାରଣ ଦୁହେଁ ଏକକୁ ଆରକ ପରାକ୍ରମୀ । ମୋତେ ଯାହା ମାଗିବ ମାଗ, କିନ୍ତୁ ମୁଁ ଏତିକି ମାଗୁଛି, ସର୍ପ ମାନେ ଯେପରି ସୋମ କୁ ନ ପାଆନ୍ତୁ" । ଗରୁଡ ଉତ୍ତର ଦେଲେ, "କିନ୍ତୁ, ମୋତେ ମୋର ମାଙ୍କୁ ଋଣ ମୁକ୍ତ କରିବାଲାଗି, ସର୍ପଙ୍କୁ ସୋମ ଦେବା ଆବଶ୍ୟକ"। ଇନ୍ଦ୍ର ବିନତି କଲେ, "ତୁମ ମାତାଙ୍କ ଋଣ ମୁକ୍ତଲାଗି, କେବଳ ସୋମ ପ୍ରଦାନ କର, କିନ୍ତୁ ତା ଠାରୁ ଅଧିକା କିଛି କରିବା ତୁମର ଆବଶ୍ୟକତା ନୁହେଁ । ମୁଁ ଚାହେଁ ସର୍ପ ମାନେ ଯେପରି ସୋମକୁ ନିଜ ଅଧିକାରରେ ରଖି ପାରିବେ ନାହିଁ । କଣ କରିବା ଲାଗି ପଡିବ, ମୁଁ ତୁମକୁ କହିବି" । ଗରୁଡ, ଇନ୍ଦ୍ରଙ୍କ ଆତ୍ମ-ବିଶ୍ୱାସ ଓ ଉପଯୁକ୍ତତାରେ ସାମାନ୍ୟ ଭୟଭୀତ ହୋଇ ହଠାତ୍ ନିଜର ସଙ୍କାକୁ ସମ୍ଭାଳି ଭାବିଲେ, 'ଦେବତା ମାନଙ୍କ ରାଜା ଯଦି କହୁଛନ୍ତି, ତେବେ ଶୁଣିବା ନିଶ୍ଚିତ ଉପଯୁକ୍ତ ହେବ' । ଇନ୍ଦ୍ର ଅଧିର ହୋଇ ପଚାରିଲେ, "ବର୍ତ୍ତମାନ କୁହ ତୁମେ କଣ ମାଗିବ?" ଗରୁଡ ମାଗିଲେ, "ସର୍ପମାନେ ଅନନ୍ତ କାଳ ଲାଗି ମୋର ଖାଦ୍ୟ ହେବେ" । ଭାବିଲେ, 'ଏ ବର ଯାହାବି ହେଉ, ଅନ୍ତତଃ ଭୂଲରେ ବି ବାହୁଣ ଭକ୍ଷଣ କରିଥିବା ଭୟ ଆଉ ରହିବ ନାହିଁ । ସର୍ପ ଭକ୍ଷଣ ବି ଅତ୍ୟନ୍ତ ସୁଖ ଦାୟକ" । କିଛି ସମୟର ନୀରବତା ପରେ ଇନ୍ଦ୍ରଙ୍କ ନିକଟରେ ଗରୁଡ ନିଜ ହୃଦୟର ଗଭୀର ଇଚ୍ଛା, ଯାହାକି ସେ କେବେ ପ୍ରକାଶ କରି ନ ଥିଲେ, ମାଗିଲେ, "ମୁଁ ବେଦ ପଠନ ଲାଗି ଇଚ୍ଛା କରୁଛି" । "ତଥାସ୍ତୁ" କହିବା ପରେ ଇନ୍ଦ୍ର ଗରୁଡଙ୍କ କାନରେ କିଛିଟା ଉପାୟ କହିଥିଲେ ।

ସର୍ପମାନେ ଏକ ମଣ୍ଡଳ ଗଠନ କରି ଗରୁଡଙ୍କ ଆଗମନର ଅପେକ୍ଷାରେ ଥିଲେ । ସେମାନେ ତାଙ୍କୁ ଚକବାଳରେ ଏକ କୃଷ୍ଣତାରକା ରୂପେ ଦେଖିପାରେଲେ । ତାରକା ଟା କମେ କମେ ବୃଦ୍ଧି ପାଇଲା, ଏବଂ ଗରୁଡ ଧରା ପୃଷ୍ଠରେ ଓହ୍ଲାଇ, ଏକ ରସମୟ ଗୁଳୁ ଦୂର୍ବାଘାସ ଉପରେ ସ୍ଥାପନ କରି କହିଲେ, "ହେ ସର୍ପଗଣ, ଏହା ସୋମ । ମୋର ମାତାଙ୍କର ମୁକ୍ତିପଣ ଲାଗି ମୁଁ ତୁମକୁ ଆଣିଦେଇଛି । କିନ୍ତୁ ପବିତ ସୋମ ପାନ ପୂର୍ବରୁ ତୁମ ମାନଙ୍କୁ ଏକ ପବିତ ସ୍ନାନ ଲାଗି ଅନୁରୋଧ କରୁଛି"। ଭକ୍ତିର ସହିତ ସର୍ପ ଗଣ ସର୍ପିଳ ଗତିରେ ନଦୀ ଆଡକୁ ଚାଲିଗଲେ । କେବଳ ସେଇ କେତେକ ମୂହୂର୍ତ୍ତ ଲାଗି, ସୃଷ୍ଟିରେ ବିନା ପ୍ରହରୀରେ ସୋମ ରହିଥିଲା । ଠିକ୍ ସେଇ ସମୟରେ, ଦେବରାଜ ଇନ୍ଦ୍ରଙ୍କ ବିସ୍ତାର ହସ୍ତ ସେଇ ସୋମ ଲତାକୁ ଉଦ୍ଧାର କରି ସ୍ୱର୍ଗକୁ ଫେରାଇ ନେଇଗଲା । ସ୍ନାନ ପରେ ସର୍ପମାନେ ସେଠାକୁ ଆସି କିଛି ନ ପାଇ ସେ ସ୍ଥାନର ଦୂର୍ବାଘାସକୁ ଲେହନ କରିବାରେ ଲାଗିଲେ । ସେଇ ଦିନ ଠାରୁ ସେମାନଙ୍କ ଜିହ୍ୱା ଦ୍ୱିଖଣ୍ଡିତ ହେଲା ।

ଡେରିଥାନ୍ତି ଶ୍ରବଣ ଭକ୍ତ ଡାକକୁ ।
ଡଙ୍ଗା ଯେହ୍ନେ ଜଳରେ ଚାହେଁ ପଛକୁ ॥

ଗରୁଡ କହିଲେ, " ମାତା, ମୁଁ ତୁମକୁ ଶାପ ମୁକ୍ତ କଲି । ବର୍ତ୍ତମାନ ମୋ ପୃଷ୍ଠପରେ ଆସନ ଗ୍ରହଣ କର" । ମାତା-ପୁତ, ଅରଣ୍ୟ ଏବଂ ପାନ୍ତର, ସାଗର ଉପରେ ଉଡି ଭ୍ରମଣ କଲେ । ବେଳେ ବେଳେ ଗରୁଡ ପୃଥିବୀ ମୁଖା ହୋଇ ଚଞ୍ଚୁରେ ମେଞ୍ଚାଏ ସର୍ପ ଧରି ଆହାର କରୁଥିଲେ । ବିନତା'ଙ୍କ ଆନନ୍ଦର ସୀମା ରହୁନଥିଲା । ଏମିତି କିଛି ଦିନ ପରେ ଗରୁଡ ବିଦାୟ ନେବା ଲାଗି ମାତା'ଙ୍କ ଆଶୀର୍ବାଦ ମାଗିଲେ । ସେ ରୌହିନ ବୃକ୍ଷକୁ ଫେରିଯାଇ ତା ପତ ଗହଳରେ ଲୁଚି, ବେଦ ପଠନରେ ବ୍ୟସ୍ତ ରହିଲେ ।

ଅନେକ ବର୍ଷର ବେଦ ଅଧ୍ୟୟନ ପରେ ଗରୁଡ ରୌହିନ ବୃକ୍ଷର ଏକ ଶାଖାରୁ ନିଜର ଚଞ୍ଚୁକୁ ଉତ୍ତୋଳନ କରିଥିଲେ । ସେ ଯେଉଁ ମାନଙ୍କୁ ସ୍ୱର୍ଗରେ ଡରାଇଥିଲେ, ଯେଉଁ ମାନେ ତାଙ୍କରି ଅନୁପ୍ରବେଶରେ ଯୁଦ୍ଧ କରି ହାରିଯାଇଥିଲେ, ଧୂଳିକଣା ଭଳି ହଜିଯାଇଥିଲେ, ସମ୍ମାନର ସହିତ ସେମାନଙ୍କୁ ଓ ସେମାନଙ୍କ ବଂଶାବଳିକୁ ମନରେ ଗୁଣିବା ଲାଗି ଚେଷ୍ଟା କରୁଥିଲେ । ଆଦିତ୍ୟ ଗଣ, ବସୁ ଗଣ, ରୁଦ ଗଣ, ବରୁଣ, ମିତ, ଆର୍ଯ୍ୟମାନ, ଭଗ, ସ୍ୱସ୍ତ୍ର, ପୂଷଣ, ବିଭାସତ, ସବିତ, ଇନ୍ଦ, ବିଷ୍ଣୁ, ଧାତ, ଅଂଶ, ଅନୁମତି, ଧୃଷଣ, ସୋମ, ବୃହସ୍ପତି, ଗୁଙ୍ଗୁ, ସୂର୍ଯ୍ୟ, ସ୍ୱାତୀ, ଉଷା, ଆୟୁ, ସରସ୍ୱତୀ, ଆଉ ଅନେକ ଦେବଗଣ । ସର୍ବମୋଟ ତେତିଶ ଜଣ ମାତ । କିନ୍ତୁ, ଜଣ ଜଣ'ଙ୍କର ଅନେକ ନାମ । ଜଣେ ଦେବତା ବି ଅନ୍ୟ ଏକ ଦେବତାର ସ୍ଥାନ ନେଇ ପାରୁଛି । ନାମ ସବୁ ଏକ ଶୂନ୍ୟତା ଭିତରେ ଘୁରି ବୁଲୁଥିଲେ । ଅବିଚଳିତ ରହିବି ଗରୁଡ ନିଜ ଭିତରେ ଏକ ଘୁର୍ଣ୍ଣନ ଓ ବିହ୍ୱଳତା ଅନୁଭବ କରୁଥିଲେ । ବେଦର ମନ୍ତ୍ର ସବୁ ତାଙ୍କ ଶରୀର ଅନ୍ତରାଳରେ ପ୍ରଖର ଦୀପ୍ତି ଜଗାଉଥିଲା । ଶେଷରେ ସେ ଋଗ୍‌ବେଦର ଦଶମ ଭାଗରେ ପହଞ୍ଚିଲେ । ଏଇ ସମୟରେ ସେ ଶ୍ୱାସ-ପ୍ରଶ୍ୱାସରେ ଏକ ନୂତନ ସ୍ପନ୍ଦନ ଅନୁଭବ କରିବା ଲାଗି ସମର୍ଥ ହେଲେ । ବର୍ତ୍ତମାନ ଦେବତା ମାନଙ୍କ ନାମ ସବୁ ମଧ୍ୟରେ ଏକ ଛାୟାର ଆବିର୍ଭାବ ହେଲା, ଯାହାର କିଛି ନାମ କେବେବି କୁହା ଯାଇ ନଥିଲା । ଯାହା ଅସ୍ତ୍ୟର୍ଥକ ଥିଲା ତାହା ବର୍ତ୍ତମାନ ପ୍ରଶ୍ନବାଚୀ । କଣ୍ଠସ୍ୱର, ଯାହା ନିକଟରେ ଶୁଭୁଥିଲା, ବର୍ତ୍ତମାନ ଅତି ଦୂରରେ । ନିଜତ୍ୱ ହରାଇ ବି କହୁଥିଲା ସେ କିଏ । ବର୍ତ୍ତମାନ ଗରୁଡ ଏକଶତ ଏକବିଂଶ ମନ୍ତ୍ର ତିସ୍ତୁଭ ଛନ୍ଦରେ ପଠନ କରୁଥିଲେ । ସେଥିରେ ନଅ ଗୋ'ଟି ଶ୍ଲୋକ ଥିଲା, ଏବଂ ସବୁ ଶ୍ଲୋକ ର ଶେଷରେ ରହିଥିଲା କେବଳ ଏକ ମାତ ପ୍ରଶ୍ନ, 'କ', 'କିଏ ଦେବତା, ଯାହାକୁ ଆମେ ନୈବେଦ୍ୟ ସମର୍ପଣ କରିବୁ?" । ନଦୀ ଓ ସମୁଦର ସଙ୍ଗମ ଭଳି, ସେ ପଦାଂଶ, "କ", ବେଦର ମୂଳମନ୍ତ୍ର ଭାବେ ଗରୁଡ'ଙ୍କ ହୃଦୟ ରେ ପ୍ରତିଧ୍ୱନୀତ ହେଉଥିଲା । ଗରୁଡ ଚକ୍ଷୁ ବନ୍ଦ କରିଲେ । ସେ ନିଜକୁ ପୂର୍ବରୁ ଏତେ ଅସ୍ଥିର ଏବଂ ଜ୍ଞାନକୁ ଏତେ ନିକଟରେ ବୋଧ କରି ନଥିଲେ । ହଠାତ୍ ନାମ ସବୁର ଅଦୃଶ୍ୟତା ଭିତରେ ନିଜକୁ ଅତ୍ୟନ୍ତ ଲଘୁ ମନେ କଲେ । ଯେତେବେଳେ ଚକ୍ଷୁ ଖୋଲିଲେ, ଦେଖିଲେ, ସେଇ ନଅ ଗୋଟି ଶ୍ଲୋକ ପରେ ଅନ୍ୟ ଏକ ଶ୍ଲୋକ ଯାହା ଅନ୍ୟ ସବୁ ଠାରୁ କିଛିଟା ଅଧିକ ବ୍ୟବଧାନ ରେ ରଚିତ । ତା'ର ରଚନା ଅତି ବନ୍ଧୁର ଓ ସୂକ୍ଷ୍ମ । ଦଶମ ଶ୍ଲୋକ, ଯାହା ପ୍ରଶ୍ନବାଚୀ ରେ ଶେଷ ନୁହେଁ । ସେଇ ମନ୍ତ୍ରର ଏକ ମାତ ନାମ, ଯାହା ଅନ୍ୟ ସବୁ ଶ୍ଲୋକ-ପ୍ରଶ୍ନବାଚୀର ଏକମାତ ଉତ୍ତର । ଗରୁଡ, ପୂର୍ବରୁ ଏପରି କୌଣସି ନାମ ଦର୍ଶନ କି ଶବଣ କରିବା ସ୍ମରଣ କରିପାରୁ ନଥିଲେ, "ପ୍ରଜାପତି" ।

- 0 -

ନିଶି ଦିବସେ ଥୟ ନୋହୁନା ମନ ।
ନିଦ୍ରା ଦେଖୁଅଛୁ ଯଥା ସ୍ୱପନ ॥

Remembering the Mahatma

By Prasanna Kumar Mishra
E-mail: pkm1942@gmail.com

The shrill siren from a moving police vehicle in the neighborhood disturbed the serenity of the rain soaked morning. I had my moments of misgivings and anxiety. Could this unusual mobility of an otherwise sedate tribe, I wondered, be for yet another smart discovery of the vigilant capital police of a putrefied corpse in an important residential colony of the capital city days after the commission of the crime!

The mystery however, slowly unfolded. What initially sounded as a commotion at a distance turned out to be the familiar voice of sycophancy, of stark cacophony? Coarse and high-pitch salutation to a couple of persons now in positions of power and authority, continued till the entire neighborhood realized that the Mahatma indeed has become irrelevant. The convoy surely rolled into the nearby sprawling habitation of unauthorized settlers where a handful of open mouthed mercenaries would have made the hapless inhabitants realize who the present lords are. This ritual has by now become an annual feature. Presiding deities change; voice of servility has emerged as the only common feature in these annual yatras. This crude incident was disturbing enough to inject again some more cynicism into my psyche. I activated the music system and listened to "Baishnava jano to tene kahiye"-- that prayer so dear to Mahatma and drew some comfort, on his birthday.

A few days thereafter I had a pleasant encounter with grace and piety. I realized that all is not lost yet; in this land of the Mahatma. I met an old gentleman at the chemist's shop. We know each other for years; he was buying medicines when I wished him from behind. He turned, saw me and smiled. "All my pension I spend on buying medicines for me," he said, ruefully. I advised him to get into the Central Government Health Scheme as the arrangement had started operating in Bhubaneswar.

"I had been trying to get into the Scheme and sought advice from a friend in Delhi who never cared to reply." I noticed a streak of cynicism in him and wondered as to why almost all of us are becoming insensitive. Why was this retired civil servant who had once occupied the highest position in the state did not receive even a courteous reply?

I wondered. "You do not have to write to any one and wait for a reply", I said, and explained to him the simple procedure of getting into the Scheme. Both the doctors in the local CGHS dispensary are so courteous and helpful, I assured, that he would have absolutely no problem. I could read his face. He was pleased to some extent but was not fully sure if the journey to the CGHS would be as smooth. I waited for my turn to buy some medicines for our cow while he was settling his bill. Another customer, a young girl of about twelve years, was waiting to settle her bill. The old gentleman made his payment, got into the waiting car and left. The young customer's turn came.

The chemist smiled and declined to accept money from her. I could distinctly read her embarrassment when she was told that the gentleman who had just left had paid her bill. I remembered Bapu's dear prayer again and drew comfort that all is not lost as yet.

(The writer is a former civil servant)

ଢୋଲ ଯେସନେ ଢାଉଁ ଢାଉଁ ବାଜଇ ।
ଢାଳେ ତହିଁ ଭିତରେ କିଛି ହି ନାହିଁ ॥

ଅକ୍ଷୟ୍ ତୃତୀୟା ଓ ଚାଷୀ ପୁଅ'

ଶାନ୍ତନୁ ପ୍ରଧାନ, ବାଙ୍ଗାଲୋର୍
santanu@tektronix.com

ଶାନ୍ତନୁ ପ୍ରଧାନ ଏକ ନୂତନ ପୀଢିର ଯୁବକ ଯେ କି ପ୍ରବନ୍ଧ ଓ କବିତା ଲେଖା ଲେଖି କରନ୍ତି । ଏହି ସଙ୍ଖ୍ୟାରେ ତାଙ୍କର ଅନ୍ୟତମ କବିତା ''ଡାଲଖାଇରେ'' ମଧ୍ୟ ପ୍ରକାଶ ପାଇଛି । ଅନୁଗୁଳ ତାଙ୍କ ଘର୍ । ସେ ବାଙ୍ଗାଲୋର୍‌ରେ ଅଧିବାସିତ ଓ ପେଶା ଭାବରେ software engineer । ସେ ତାଙ୍କ ଅବସର ସମୟ୍‌ରେ, ଲେଖା-ଲେଖି ବ୍ୟତିତ, ଓଡିଆ ଇତିହାସ, ସଂସ୍କୃତି, କଳା, ଓ ନୃତ୍ୟ ଉପରେ ଅଧ୍ୟୟନ କରନ୍ତି ।

ଅକ୍ଷୟ୍ ତୃତୀୟା ବୈଶାଖ ମାସ
ଆଜିଠୁ ତିଆରି ତୋ ନନ୍ଦିଘୋଷ (ଘୋଷା)

କାଳିଆ ଦେଉଛି ମୁରୁକି ହସି
ମୁଁ ଚାଷୀ ପୁଅ ଆଜିବି ଖୁସି
ବିହନ ଖୋଜି
ତୋତେ ମୁଁ ପୂଜି
ଆରମ୍ଭ କରିବି ମୋ ଚାଷ ବାସ । (୧)

ତୋ ଦୁଆରେ ଲିଂବ ମାଳ କୁ ମାଳ
ମୁଁ ପାଇଛି ଖଣ୍ଡେ ଶୁଖିଲା ଶାଳ
ତୋ ରଥ କରିବେ ବଡେଇ ଦଳ
ମୁଁ କରିଛି ନିଜେ ଗୋଟେ ଲଙ୍ଗଳ
ବଳଦ ଯୋଚି
ଲଙ୍ଗଳ ପୂଜି
ରଖିଲି ଦୁଆରେ ଶୁଭ କଳସ । (୨)

ତୋର ଅସିଅଛି ରଥ ଯାତରା
ମୁଁ କରିଛି ଏବେ ମେଘ ଆସରା
ରଥ ଚଢି ଯିବୁ ମାଉସୀ ଘର
ମୁଁ ଚାଲିଲି ଏବେ ବିଲକୁ ମୋର
କାଦୁରେ ଭିଜି
ଇନ୍ଦ୍ରଙ୍କୁ ପୂଜି
ବିଲରେ କରୁଛି ହଳ ବେଉଷ ।(୩)

ଆଜି ନୂଆ ଖାଇ ଚଷାର୍ ଦିନ
ଅମଳ କରିଛି ମୁଁ ନୂଆ ଧାନ
ପାରିବି ନଦେଇ ଷାଠିଏ ପଉଟି
ଛମାଣ ଚାଉଳ ଦେବି ମୁ ଭେଟି
ତୋ ଖୁଦ ଭାଜି
ଲକ୍ଷ୍ମୀଙ୍କୁ ପୂଜି
ଅନ୍ନ ଯୋଗାଇବି ମୋ ରାଇଜ ଦେଶ ।(୪)

- 0 -

ଢାଙ୍କି ରହିଛି ଦେହ ସବୁଠୁ ତୁଚ୍ଛ ।
ଢଳି ପଡ଼ିଲେ ସବୁ ହେବଟି ମିଛ ॥

A Faithful Dog

By Anwisha Mishra

(ଅନ୍ୱିଷା ମିଶ୍ର IIT Kharagpurରେ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ । ସେ ଶ୍ରୀ ଚନ୍ଦ୍ରଭାନୁ ମିଶ୍ରଙ୍କ ପୁତ୍ରୀ ।)

A FAITHFUL DOG WILL LOVE YOU MUCH
And will laugh with you or cry;
He will gladly die to save your life
And would never ask you why.

WHEN YOU FEEL OUT OF SORTS
Somehow he will understand;
He will come and lay by your side
And try to lick your hand.

HIS BLIND ETERNAL FAITH IN YOU
Is shown by his great love;
That kindness all of us should have
Like the master up above.

WHEN YOU ARE IN SORROW AND IN PAIN
And the world too falls apart;
Tears will be filled for you to say
In his lovely faithful heart.

WHEN EVERYTHING GOES HAND IN HAND
I think it shouldn't be odd;
For when you spell dog backwards
You get the name of God.

- 0 -

Paradigm Shift—4
(Call for All chilikA kankaDA)

By Biswaranjan Jena

This is call to all my fellow bhAi , bandhu & kutumba, oops … sorry do I need to introduce myself ?, well me the famous chilikA kankaDA, Yes , you are right I'm from chilikA , famous chilikA.
Just like others I have my own culture, tradition and nature too, which is mostly inherited from one generation to next generation. But the most important nature of our culture is carried out through our ten legs, especially, our two giant front legs. Nature-wise chilikA kankaDAs are very social persons, like to mix with other chilika kankaDAs, friendly but that depends on the level of water that we are in. The equation of our friendliness is directly proportionate to the level of water. More the water level the more we become friendlier, less the water less we become friendly and without water, we are far

ତୁ ଯେ ବୋଲୁ ମୋହର ଅର୍ଜିଲା ଧନ ।
ତୋ ଦେହ ନୋହେ ତୋର ଦେଖ ଏ' ମାନ ॥

from being friendly at all. Others says by nature chilikA kankaDA are cool, introvert and self-centered living beings but the most scary thing about us is our leg pulling of fellow kankaDA, which is known as kankaDA prabRti.

I have other special qualities that I can survive with or without chilikA water. But out of chilikA, I forget that I'm a chilikA kankadDA, but in my sub-conscious mind the chilikA kankaDA prabRti comes out whenever I see another chilikA kankaDA in the like situation. I heard other living animals too have the same behavior like dogs, cats but the only thing that differentiates kankaDA (us) from them is that we like to stick together in spite of our special chilikA prabRti, where as that's not true for other similar natured animals. We stick together not because we like to, but because of our natural kankaDA prabRti and chilikA water. As we are born & raised in chilikA water, no matter how good water we get in other places, we still are proud of the chilikA water. That's a special water although no kankaDA knows what's its speciality is.

Besides we have various historical and geographical stories too. Historically, we are famous because, we are the same brave kankaDA who killed the killer crane that once started attacking the chilikA by eating all other living animals. From geographical perspective, at the beginning we are spread from Ganga to Godabari but later on we prefered to stay in chilikA only. Also once we moved across the sea and went too far to places like Indonesia etc. when some of us discovered a link between chilikA and the Bay of Bengal.

But in modern days we have spread all over the world, starting from East to West, & North to South. But the majority of us that maintained our traditional kankaDA prabRti are located in the West. Others say it is due to the vast presence of the kankaDAs who are rich, influential, powerful and the true followers of traditional kankaDA prabRti supported by native kankaDAs who are mainly relatives, in-laws or somehow related. No matter how influential these types of kankaDAs are but they have little influence on themselves and other non kankaDA living animals. Nevertheless, there are a very few great kankaDAs who have overcome their kankaDA prabRti and have done some good work for their fellow kankaDAs. But because of our kankaDA prabRti we never acknowledge and appreciate them due to the fear of losing our prabRti. Rather we do leg pulling and criticize no matter how small or big good work these fellow kankaDAs do/are doing.

Losing the kankaDA prabRti is not considered as a good sign by our predecessors, as there is a high chance you might be kicked out from chilikA, which no kankaDA prefers. Even there are a few examples of some going to the extent of being kicked out. And few such cases are known when some of them having been kicked out have later been allowed to rejoin the chilikA, provided they proved that they still possess the traditional kankaDA prabRti.

According to current research we are in the final stage of developing a *ChaiChung* chilikA kankaDA who will not only keep and maintain the traditional kankaDA prabRti but also be able to live without chilikA water. Hope the days are not too far when we will find a new generation of chilikA kankaDA without kankaDA prabRti that can live with/without chilikA water and also do their own self-development and development of their surroundings on their own.

According to a latest development it has been found that our own neighbors are taking advantage of our kankaDA prabRti and are planning to eliminate the chilikA itself, which is our own identity and the backbone of our society. Therefore there is a national/international level call to all kinds of chilikA

ନ ଯିବେ ସଙ୍ଗେ କେହି ଯିବ ତୁ ଏକା ।
ନାମ ମାତ୍ର ଅଟଇ ପଥକୁ ସଖା ।।

kankaDAs to join force and are requested to provide all kinds of support as and when needed for the great cause to protect our own chilikA identity, if not at least for the sake of kankaDA prabRti. So let's join hand and protect our own identity and show the world that if we can be infamous for our leg pulling chilikA kankaDA prabRti then we can also be famous for the *vice versa* too.

As a self confessed kankaDA of current generation, I do believe we can do it and show the world that enough has been said, enough has been done on pen and paper, now it is time for us to rule our own chilikA the way we want to. Let us spread the message of this paradigm shift among all chilikA kankaDAs under "chilikA kankaDA prabRti " copyright law, to be united and to fight for the great cause by providing all necessary support in each and every possible way possible.

-- o --

ନାନାବାୟା ଗୀତାବଳୀ

ବିଶ୍ୱରଞ୍ଜନ ପଟ୍ଟନାୟକ

ଟରୋଣ୍ଟୋ, କାନାଡ଼ା

ବିଶ୍ୱରଞ୍ଜନଙ୍କ ନାନାବାୟା କବିତା ଟରୋଣ୍ଟୋରେ ଏକ ପ୍ରସିଦ୍ଧ କବିତା । ତାଙ୍କର ପ୍ରଥମ ନାନାବାୟା ଗୀତଟି ଓସା ସୁଭନେର୍ ୨୦୦୫ ଅଙ୍କରେ ପକାଶ ପାଇଥିଲା । ଯଦିଓ ବିଶ୍ୱରଞ୍ଜନଙ୍କ ମତରେ ଏହି କବିତା ଶ୍ରେଣୀ ସଂପୂର୍ଣ୍ଣ କପୋଳକଳ୍ପିତ, ତଥାପି ଟରୋଣ୍ଟୋର ଜନରବ ଭାଷାରେ ଏଇଟି ଏକ ବାସ୍ତବିକ ମଣିଷ ଉପରେ ଆଧାରିତ । କବିତାର ଆବିର୍ଭାବ ଟରୋଣ୍ଟୋରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । କିଛି ବୁଦ୍ଧିଜୀବୀଙ୍କ ମତରେ ଟରୋଣ୍ଟେରେ ବାସ କରୁଥିବା କିଛି ଓଡିଆମାନେ ଏକ ବିଚିତ୍ରମୟ ଅପ୍ରତିଭ ବ୍ୟକ୍ତି । ସାଧାରଣତଃ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ ସେହି ଓଡିଆମାନେ କାନାଡାକୁ ୧୯୬୦-୧୯୭୦ ମସୀହାରେ ଦେଶାନ୍ତରୀତ ହୋଇଥିଲେ । ଜନରବ କହୁଛି ଯେ ନାନାବାୟା କବିତାଟି ଏକ ସମୃଦ୍ଧଶାଳୀ କିନ୍ତୁ ଅପ୍ରତିଭ, କୃତ୍ରିମ, କପଟୀ, ଭଣ୍ଡ, ପ୍ରତାରକ ଓଡିଆ ପ୍ରବାସୀଙ୍କର ୨୦୦୦-୨୦୦୪ ମସୀହାରେ ପ୍ରଦର୍ଶିତ ଆଚରଣ ଓ କାର୍ଯ୍ୟକଳାପ ସମ୍ମୁଖରେ ରଖି ବିଶ୍ୱରଞ୍ଜନ ରଚନା କରିଥିଲେ । ହେଲେ ଏଇ କବିତା ସମଗ୍ର ଓଡିଆ ଜାତି ପ୍ରତି ବିଶେଷ ଶିକ୍ଷଣୀୟ ବସ୍ତୁର ସମ୍ଭାର ବୋଲି ଧରା ଯାଇପାରେ । ପରବର୍ତ୍ତୀ ଦୁଇ ବର୍ଷରେ ଓଡିଆ ଜାତିର ଏକୀକରଣ ପ୍ରତି ଏକ ସାମାନ୍ୟ ବୈଦ୍ୟୁତୀକ ଆନ୍ଦୋଳନର ସୃଜନ ହୋଇଥିଲା ।

ଏହି ସଙ୍ଖ୍ୟାରେ ପ୍ରଥମେ ଆମେ ମୂଳ ନାନାବାୟା ରଚନାଟି ପାଠକଙ୍କ ଆଗରେ ରଖୁଚୁ । ଓସା ସୁଭନେର୍ ୨୦୦୫ ଅଙ୍କରେ ତାହା ପୂର୍ବରୁ ପ୍ରକାଶିତ । ନୂତନ ରଚନାଟି ତା' ପରେ ପରେ ହାଜିର କରାଯାଇଛି ଆପଣଙ୍କ ମନୋରଞ୍ଜନ ପାଇଁ ।

ତୁ ଯେ ବୋଲୁ ମୋହର ଅର୍ଜିଲା ଧନ ।
ତୋ ଦେହ ନୋହେ ତୋର ଦେଖ ଏ' ମାନ ॥

ଡ୍ୟାନ ଭାଇଙ୍କ ପାଇଁ ନାନାବାୟ୍ୟ ଗୀତ[3]

କମ୍ୟୁନିଟିର ସାହା ଭାଇ, ଡ୍ୟାନ୍ କୀର୍ତ୍ତିବାନ୍ ।
ସ୍ୱାମୀ ଡାକିଲେ, ଶୋଧ ତୁମେ ଭାରି ଧୁମ୍ ଧାମ୍ ॥
ଲାଲୁ ଲାଲା ପଶୁପତି ପରମ୍ ତାପମାନ୍ ।
କାନାଡ଼ାରେ ସମସ୍ତିଙ୍କୁ କଲେ ସ୍ଥିତିବାନ୍ ॥

ଜାତି ଦେଶ ଧର୍ମ ପାଇଁ ଦେଇଛନ୍ତି ଜାନ୍ ।
ମନସ୍ୱିନ୍ତ୍ରୀ ଆତ୍ମାନନ୍ଦୀ ମହାଜ୍ଞାନୀ ସାନ୍ ॥
ମନ୍ଦିର ଥାପିଲେ ଗ୍ରାମେ ରାଜା ଗୁଣବାନ୍ ।
ଟିଙ୍କି ଉଠ, ନ ଗାଇଲେ ଏ'ସଭିଙ୍କ ନାମ୍ ॥

ଦିଲ୍ ଖୋଲି କହିଲେ, କୁହ, 'ହ୍ୱାଟ୍ ମ୍ୟାନ୍!
କାନୋସାରୁ କାନାଡ଼ାରୁ କରି ଦେବି ବ୍ୟାନ୍ '॥
କାହିଁକି ବା ଏତେ ରାଗ ଆରେ ଭାଇ ଡ୍ୟାନ୍ ।
ନବୁଝି, ଭାବେ ବସି, 'ହ୍ୱାଏ୍ ମି, ମ୍ୟାନ୍' ॥

ଟେକିବି କାହାକୁ ବା, ଟାକିବି କାହାକୁ
ମନ କହେ ଚଉବାହେ ଟେକିଦେବି ନିଜକୁ ॥
କଥାରେ ତ ଅଚିକ୍କଣ, କାମରେ ବି ଗୋଲ୍ ।
ଟେକାଟେକି ନ ପାରେ ମୁଁ, କରେ ହରିବୋଲ୍ ॥

ଡ୍ୟାନ୍ ଭାଇ! ଖୋଲ ଗୋଟେ ତେଲାତେଲି ସ୍କୁଲ୍ ।
ଟେକାଟେକି ଶିଖିବାକୁ ଧାଇଁ ଆସିବେ ଫୁଲ୍ସ୍ ॥

[3] Original published in OSA Souvenir, 2005

ଏକତା ପାଇଁ ନାନାବାୟ୍ୟ ଗୀତ[4]

ତମରି ହାତରେ ୟୁନିଟି (ଏକତା) ଚାବି ।
ବନ୍ଧୁ, ତମରିହିଁ ହାତେ ଚାବି ॥୧॥

ମାଇଁ କହିଦେଲେ, "ନାଇଁ ମ, ନାଇଁ" ।
ଯେତେବି ଡାକିଲେ ଭାଣିଜୀ, "ମାଇଁ" ॥୨॥

ନିରାଶ୍ରିତା ହୋଇ ଡାକିଲେ ହରି ।
ବ୍ୟାସପିତା ଆମ ଗଲେ ତ ଡରି ॥୩॥
ଛେଦିଦେଲେ ମିଳି ସବୁ ଗୋସେଇଁ ।
ଗଗନ ପବନ କଂପିଲା ଭୂଇଁ ॥୪॥

ତମରି ନୋକ ସେ, ତମରି ଖଣ୍ଡି ।
ବାଇମୁଣ୍ଡି ତେମେ ଫିଟାଅ ଗଣ୍ଠି ॥୫॥

ଗାନ୍ଧୀଭାଇ କଥା ମନରେ ଘୋଷ ।
ଅମିତ ସାଙ୍ଗେ ବି ସଙ୍ଗତ ବସ ॥୬॥

ଭୁଲି ଯାଇ ସବୁ ଦ୍ୱେଷ ଓ ଦୋଷ ।
କୋଳେଇ କାଳେଇ ଏକାଠି ବସ ॥୭॥

[4] These words are inspired by the poet's extensive and varied interaction in CANOSAFORUM, ORNET, and MYODISA discussion groups over a decade. All names/events in this poem are simply fictional constructs, and their resemblance to any real persons of past, resent or future is purely coicidental. Readers, though, are free to indulge themselves in all sorts of covert or overt interpretations; the author humbly disclaims any association with such acts .

ଜଣେହେଁ ଏଥୁଁ କେହି ନାହିଁ ଅମର ।
ଜଗନ୍ନାଥଙ୍କ ଭଜ ହେବ ଉଦ୍ଧାର ॥

Poems Live to Deny

Sambit Misra

Sambit Misra is a young budding writer. He has been a contributor to duradrusti in the past. Sambit goes to ninth grade at West Valley High School in Fairbanks, Alaska. He is the son of Debasmita and Nilima Misra, Life Members of oDiA samAja.

Poems
Nothing can be more dismal,
It is like living life with senses
Yet nothing can be sensed,
Poems live to deny,
Points,
Purpose,
And time,
They lay in the black putridness
That is a poem book,
They lurk in the shadows and pull you through,
Into an endless void that pulls in knowledge
That is neither useful nor fun to know,
The sound of poetry being read
Is the sound of a thousand chalkboards being scratched on simultaneously,
The sight of a poem
Compares to the sight of the foulest medusa having a bad hair day,
They tell of nothing
Yet always have an invisible point only known to the writer,
Poetry is something most people will agree
Something that can be lived without,
Those who love poetry
Shall be sentenced to listen to Vogon poetry
And during this cry out in pain so excruciating,
That their heads will explode or,
They will hate poetry,
Though poetry is terribly worthless
There is still something good to be said,
The comparisons,
Are most amazing,
They show power and subtlety
They twist words in ways previously unimagined
The similes,
The metaphors,
The light,
And the darkness,
Add up to the poem and give it depth,
It takes on a personality,
It lives for itself,
Thus I leave you with a poem that enlightens life,
"My candle it burns from both ends- it will not last all night,
but, oh, my foes and, ahh my lovely friends,
it gives a lovely light."

- 0 -

ଥିଲେ ଏ' ସଂସାରରେ ଯେତେ ନୃପତି ।
ଥୟ କରି କେ ଭୋଗ କଲା ଏ' ପୃଥ୍ୱୀ ?

ଓଡ଼ିଆ ପୁଅର ଆର୍କଟିକ୍ ଭ୍ରମଣ - ୨

ଦେବସ୍ମିତ ମିଶ୍ର, ଆଲାସ୍କା, ଯୁକ୍ତରାଷ୍ଟ୍ର ଆମେରିକା

ଆର୍କଟିକ୍ ଭ୍ରମଣ ଯାତ୍ରାର ପ୍ରଥମ ଭାଗଟି ଦୂରଦୃଷ୍ଟିର ଅଗଷ୍ଟ ୨୦୦୫ ସଙ୍ଖ୍ୟାରେ ପ୍ରକାଶିତ ହୋଇଥିଲା । Feedbackରୁ ପାଠକମାନଙ୍କୁ ତାହା ଉଲ୍ଲାସିତ କରିଥିବାର ଜଣାପଡୁଛି । ଆଶା ଏହି ଦ୍ୱିତୀୟ ଓ ଶେଷ ଭାଗଟି ପାଠକଙ୍କ ମନରେ ଜାତ ହୋଇଥିବା ତୃଷା କିଛିଟା ମେଣ୍ଟେଇବ । ଲେଖକ ଦେବସ୍ମିତ ମିଶ୍ର ଆଲାସ୍କାର ଫେଆର୍‌ବ୍ୟାଙ୍କସ୍‌ରେ ଅବସ୍ଥିତ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ।

କୋଲ୍‌ଡ୍‌ଫୁଟ୍ (Coldfoot) ହଉଛି ହାରାହାରୀ ଅଧା ବାଟରେ । ଏହା ହେଉଛି ଯାତ୍ରୀ ମାନଙ୍କପାଇଁ ଏବଂ ଆର୍କଟିକ୍ ଚକ ମଧ୍ୟରେ ଏକମାତ୍ର ସ୍ଥାନ ଯେଉଁଠି ସବୁ ପ୍ରକାର ସୁବିଧା ଅଛି । ଏହା ଫେୟାର୍‌ବ୍ୟାଙ୍କସ୍ ଠାରୁ ୨୫୯ ମାଇଲ୍ ବାଟରେ । ଏଠାରେ ବି ଏକ ଢଷଙ୍କଷନ୍ଦଛତ୍ତ ମରଚ୍ଛନ୍ଦରତ୍ତ ଅଛି ଯୋଉଠି ଆର୍କଟିକ୍ ବିଷୟରେ ବହୁତ କିଛି ଯଷଙ୍କଟକ୍ଷବସ୍ଥ କରାଯାଇଛି । ଏଠାରେ ମଧ୍ୟ ଆର୍କଟିକ୍ ଚକ୍ର ଉତ୍ତରର ସବୁଠାରୁ ଭଲ restaurant ଅଛି । Coldfootରେ ଆମେ କିଛି ସମୟ ରହି, ଖାଇ, ଟକ୍‌ରେ ଡିଜେଲ୍ ଭରି ପୁଣି ଆମ ଭ୍ରମଣରେ ବାହାରିଲୁ ।



Coldfoot Visitor Center



କୋଲ୍‌ଡ୍‌ଫୁଟ୍‌ରେ ଓଡ଼ିଆ ପୁଅ



କୋଲ୍‌ଡ୍‌ଫୁଟ୍ ଉପରାନ୍ତରେ ୨୪୪ ମାଇଲ୍ ଯାଏଁ ଆଉ କିଛି ସୁବିଧା ନାହିଁ (ବବ୍ ହଫମାନ୍‌ଙ୍କ ଭ୍ରମଣବୃତାନ୍ତରୁ)

ଥୋଇଲା ଧନ ତୋର ଖଣ୍ଟ ଖାଇବେ ।
ଥାନେ ତୋହର ଘର କରି ରହିବେ ॥

କୋଲ୍‌ଡ୍‌ଫୁଟ୍ ଠାରୁ ୫୯ ମାଇଲ୍ ପରେ ଶେଷ ହୁଏ ବୋରିଆଲ୍ ଜଙ୍ଗଲ୍ । ଆମେ କିପରି ଏହା ଜାଣିବା ? ବୋରିଆଲ୍ ଜଙ୍ଗଲ୍‌ରେ ଥାଏ ସ୍ପ୍ରୁସ୍ ଗଛ । ଯେଉଁଠି ସ୍ପ୍ରୁସ୍ ଗଛ ଆଉ ଦେଖିବାକୁ ମିଳେନି, ସେଇଠୁ ଆରମ୍ଭ ହୁଏ 'ତୁନ୍ଦ୍ରା ଜଙ୍ଗଲ୍' ।



Farthest North Spruce ଗଛ, Tundraର ଆଗମନ ଘୋଷଣା କରୁଛି

ଏହି ସ୍ପ୍ରୁସ୍ ଗଛର ୧୦ ମାଇଲ୍ ପରେ ପଡ଼ିଲା 'ଆଟିଗନ୍ ପାସ୍' । ଏହା ହେଉଛି ୪୭୩୯ ଫୁଟ୍ ଉଚ୍ଚତାର ରାସ୍ତା ଯାହାକି ଆମକୁ ତୁନ୍ଦ୍ରା ଦେଶକୁ ପହଞ୍ଚିବାପାଇଁ ଏକମାତ୍ର ମାର୍ଗ । ସାଧାରଣତଃ ଏହା ବର୍ଷସାରା ବାଦଲ୍, କୁହୁଡ଼ି, ବା ବରଫରେ ଭରା । କିନ୍ତୁ ଯେଉଁ କିଛିଦିନ ଏହା ସୂର୍ଯ୍ୟରଶ୍ମି ଦ୍ୱାରା ସଞ୍ଚାରିତ ହୁଏ, ସେହି କିଛିଦିନ ଆପଣ ପ୍ରକୃତି ମାଁର ସୌନ୍ଦର୍ଯ୍ୟ ଅନୁଭବ କରିପାରିବେ । ଆମ ଭାଗ୍ୟରେ ଥିଲା କୁହୁଡ଼ି ଓ ବରଫ । ତଥାପି କିଛିଟା ଚିତ୍ର ଆମେ ନେଇପାରିଥିଲୁ ଯାହା ମୁଁ ଏଠାରେ ପ୍ରଦର୍ଶନ କରୁଛି ।



ଆଟିଗନ୍ ପାସ୍‌ର ଦାକ୍ଷୀଣାତ୍ୟ ପ୍ରବେଶ (ବବ୍ ହଫମାନ୍‌ଙ୍କ ଭ୍ରମଣବୃତାନ୍ତରୁ)



ଆଟିଗନ୍ ପାସ୍ ର ସର୍ବୋଚ୍ଚମ ସ୍ଥାନରୁ ଦୃଶ୍ୟ (୪୭୦୦ ଫୁଟ୍ ଉପରୁ) (ବବ୍ ହଫମାନ୍‌ଙ୍କ ଭ୍ରମଣବୃତାନ୍ତରୁ)



ଆଟିଗନ୍ ପାସ୍ ରୁ ଉତ୍ତର ପଟର ଦୃଶ୍ୟ (ବବ୍ ହଫମାନ୍‌ଙ୍କ ଭ୍ରମଣବୃତାନ୍ତରୁ)

ଦେହେ ପୂରିଛି ତୋର ବିଶେଷ ଦାଗ ।
ଦିନ ଚାରିକି ସିନା ଏ' ସୁଖ ଭୋଗ ॥



ଆଟିଗନ୍ ପାସ୍ ରେ ପର୍ବତୀୟ ଛେଳି (mountain goat) (ବବ୍ ହଫ୍‌ମାନ୍‌ଙ୍କ ଭ୍ରମଣବୃତାନ୍ତରୁ)



ଆଟିଗନ୍ ପାସ୍ ରୁ ଉତ୍ତରପଟ ପ୍ରସ୍ଥାନ ମାର୍ଗ (ବବ୍ ହଫ୍‌ମାନ୍‌ଙ୍କ ଭ୍ରମଣବୃତାନ୍ତରୁ)

Atigun Pass ହେଉଛି ଆଲାସ୍କାର Brooks ପର୍ବତମାଳାରେ ଅବସ୍ଥିତ । ଏହି Brooks Rangeକୁ Continental Divide ବୋଲି କୁହାଯାଏ, କାରଣ ଏହାର ଉତ୍ତର ପଟକୁ ନଦୀମାନେ ଆର୍କଟିକ୍ ମହାସାଗର ଆଡକୁ ଗତି କରନ୍ତି ଏବଂ ଦକ୍ଷୀଣରେ ପଶାନ୍ତ ମହାସାଗର ଦିଗକୁ । Atigun Pass ଅତିକ୍ରମ କରି ଆମେ ପସିଲୁ ତୁନ୍ଦ୍ରା ରାଇଜରେ । ଆଉ ୪୧ ମାଇଲ୍ ଆମକୁ ଅତିକ୍ରମ କରିବାକୁ ଥାଏ, ଟୁଲିକ୍ ହ୍ରଦ (Toolik Lake) ଗବେଷଣା କେନ୍ଦ୍ରରେ ପହଞ୍ଚିବା ପାଇଁ । ରାସ୍ତା ବେଶ ମାଟିଆ ଓ ଉଦାଳିଆ ଥାଏ । ଆକାଶଟା low ceiling ବାଦଲରେ ଭରପୁର ହୋଇଥାଏ । ଆମ କଡ଼ରେ କଡ଼ରେ Trans-Alaskan Pipelineଭି ତା ମାର୍ଗରେ ଥାଏ । ମୁଁ ଜାଣିବାକୁ ପାଇଲି ଯେ Arcticରେ ବାଦଲ ଯେତେବେଳେ ଥାଏ, ତାହା ସବୁବେଳେ low ceilingରେ ଥାଏ । ତେଣୁ ଉଡ଼ାଯାହାଜ ପାଇଁ ଏହା ବହୁତ ଅସୁବିଧା ସମ୍ମୁଖୀନ କରାଏ । ତା ଛଡ଼ା, Arcticରେ ଆକାଶ ବି ପାଖକୁ ଥିବାପରି ଲାଗେ ।



ଆଟିଗନ୍ ପାସ୍ ପରେ ତୁନ୍ଦ୍ରାର ଦୃଷ୍ୟ, ଆକାଶରେ low ceiling ବାଦଲ

ବାଟରେ ବି ଆଉ ଏକ ଦୃଷ୍ୟ ଦେଖିବାକୁ ମିଳିଲା । ତାହା ହେଲା ବରଫଜନୀତ ପଥର ଖସା । ଏହା ଭୂତତ୍ତ୍ୱବୀତ୍ ମାନଙ୍କପାଇଁ ପୃଥିବୀର landform change କିପରି ହୁଏ, ତାହାର ଏକ ଉଦାହରଣ । ଆର୍କଟିକ୍‌ରେ ମଧ୍ୟ ମୃତ୍ତିକା ଅଧୋଗତି ହେବାର ଏହା ଏକ ପ୍ରମାଣ ।

ଦଣ୍ଡେ ହିଁ କେହି ତୋତେ ରଖିବେ ନାହିଁ ।
ଦଣ୍ଡୁ ଯେ ଥିବେ ଯମ ଡଗର ନେଇ ॥



ଆର୍କଟିକ୍‌ର ନୂତନ glacial ମୋରେନ୍



୨୪୦୦ ଫୁଟ୍ ଉପରେ ଅବସ୍ଥିତ ଗବେଷଣା କେନ୍ଦ୍ରର ସ୍ୱାଗତ ସଙ୍କେତ

ସନ୍ଧ୍ୟା ୬ଟା ବେଳେ ଆମେ ପହଞ୍ଚିଲୁ ଟୁଲିକ୍ ହ୍ରଦ ଗବେଷଣା କେନ୍ଦ୍ରରେ । ଏହି ଗବେଷଣା କେନ୍ଦ୍ରଟି ଆଣ୍ଟାର୍କଟିକ୍ ଗବେଷଣା କେନ୍ଦ୍ରମାନଙ୍କ ପରି ସ୍ଥାପିତ କରାଯାଇଛି । ଏଠାରେ ଗବେଷକ ମାନଙ୍କ ପାଇଁ ଅତି ଶସ୍ତାରେ ସବୁକିଛି ସରଞ୍ଜାମ କରାଯାଇଛି । ସେ ସମୟରେ ଦିନର ତାପମାତ୍ରା ଏଠାରେ ଥିଲା ୫୦ °F ଏବଂ ରାତିରେ ୩୦ °F । ତେଣୁ ଏଠାରେ ବେଶ ଥଣ୍ଡା ହଉଥିଲା । ବାକିସବୁ ବର୍ଣ୍ଣନା ଚିତ୍ର ମାଧ୍ୟମରେ ଦେବା ଶ୍ରେୟସ୍କର ।



ତୁନ୍ଦ୍ରାଦ୍ୱାରା ସିମୀତ ଟୁଲିକ୍ ହ୍ରଦ ଗବେଷଣା କେନ୍ଦ୍ର



ଗବେଷକମାନଙ୍କ ଶୟନ କକ୍ଷ (୧)



ଗବେଷକମାନଙ୍କ ଶୟନ କକ୍ଷ (୨)

ଧର୍ମ ଅଧର୍ମ କଥା ନଜାଣୁ ତୁହି ।
ଧନି ହେଉଛୁ ଧନ ଅର୍ଜିବା ପାଇଁ ॥



ଗବେଷକମାନଙ୍କ ଶୟନ କକ୍ଷ (୩)





ମୋର ଶୟନ କକ୍ଷ



ସାର୍ବଜନୀନ commonroom ଓ ଖାଦ୍ୟାଳୟ



ସାର୍ବଜନୀନ ସ୍ୱର୍ଗସ୍ଥାୟୀ ସୌଚାଳୟ

ଏହି କେନ୍ଦ୍ରରେ ବହୁତ ପ୍ରକାର କଟକଣା । ପାଣିର ଅଭାବ ହେତୁ, କେତେ ପାଣି ଆପଣ ସପ୍ତାହରେ ବ୍ୟବହାର କରିପାରିବେ, ତାର ସୀମା ଅଛି । ସପ୍ତାହକୁ ଆପଣ ଦୁଇଥର ସ୍ନାନ କରିପାରିବେ, ଏବଂ ଥରେ ଲୁଗାପଟା ସଫା କରିପାରିବେ । ତା' ଛଡ଼ା ଯଦି ଆପଣ ଧୁଆଧୁଇ ହବାକୁ ଚାହାନ୍ତି, ତେବେ ଆପଣ ଏକ ସାର୍ବଜନୀନ ଙ୍କଟବରେ ଯାଇ ସମୟ କଟେଇ ପାରନ୍ତି । କିନ୍ତୁ ସାବଧାନ, ଏ spa (hot tub) ରେ ପୁରୁଷ ଓ ମହିଳା ମାନଙ୍କ ପାଇଁ ଅଲଗା arrangement ନାହିଁ । ତେଣୁ ସମସ୍ତେ ଏହି spa ଭିତରେ ଉଲଗ୍ନ ହୋଇ ଏକାସାଙ୍ଗେ ସମୟ ବିତାନ୍ତି । ଯଦି ଆପଣଙ୍କୁ ତାହା ପସନ୍ଦ ନାହିଁ ବା ଲଜ୍ଜା ଭାବ ଅଛି, ତେବେ ଏଠାରେ

ଧୋକା ରଖିଲେ ଧନ୍ଦା ଫିଟିବ ନାହିଁ ।
ଧର୍ମରେ ଆତଯାତ ହେଉଛି ମହୀ ॥

ଏକ ଛୋଟ ଗଛାଗାର ଅଛି । ସେଠି ଆପଣ କିଛିଟା ବହି ବସି ପଢିପାରିବେ, ଏବଂ ସମୟ ସୁବିଧା ଦେଖି ସମସ୍ତେ ଗଲା ପରେ, ଉଲଗ୍ନ ହୋଇ ଝଟବରେ ବୁଡ଼ ମାରିପାରିବେ । ଏଠାରେ ପ୍ରତ୍ୟେକ ରାତିରେ ସିନେମାବି ଦେଖିବାକୁ ମିଳେ । ତା ନହେଲେ ଆପଣ internet ରେ କାମ ବି କରିପାରିବେ । ଏସବୁ ଆପଣ କାହିଁକି କରିବେ, especially ରାତିରେ ? କାରଣ, ଗ୍ରୀଷ୍ମ ଋତୁରେ ଆର୍କଟିକ୍ ରେ ରାତି ହୁଏନାହିଁ । ତେଣୁ ବହୁତ ଲୋକଙ୍କୁ ଶୋଇବା ସମସ୍ୟା ହୁଏ ।

ଆମକୁ ବି ହେଲା କାରଣ ରାତି ଦୁଇଟାରେ ସୂର୍ଯ୍ୟ ରହିଲେ ହାରାହାରି ୧୫ degreeରେ । ସୂର୍ଯ୍ୟ ୬ ମାସ ଯାଏଁ ଅସ୍ତ ହୁଅନ୍ତି ନାହିଁ । ସକାଳେ ଓ ଅପରାହ୍ନରେ ହାରାହାରି ୨୫ degreeରେ ଏବଂ ମଧ୍ୟାହ୍ନରେ ୩୫ degree ରେ ସୂର୍ଯ୍ୟ ଆକାଶରେ ପରିକ୍ରମା କରନ୍ତି । ତେଣୁ ଆପଣ ୨୪ ଘଣ୍ଟା ସୂର୍ଯ୍ୟଙ୍କୁ ଦେଖିବାକୁ ପାଇବେ । ଗବେଷକ ଓ ତାଙ୍କ ଛାତ ଛାତୀମାନେ ଯେହେତୁ ଭଲରେ ଶୋଇପାରନ୍ତିନି ଓ ଯେହେତୁ ସେଠାରେ ଆଉ କେହି ରହନ୍ତିନି, ତେଣୁ ଏ କେନ୍ଦରେ ସମସ୍ତେ ଅତି ଶୀଘ୍ର ବନ୍ଧୁ ହେଇଯାଆନ୍ତି । ଏହି କେନ୍ଦରୁ ନେଇଥିବା କିଛି ଦୃଷ୍ୟର ଚିତ୍ର ଆପଣମାନଙ୍କ ସହିତ share କରୁଛି ।



ରାତି ୨ଟାରେ ବାଦଲ ପଛରେ ଲୁଚକାଳି ଖେଳୁଛନ୍ତି ସୂର୍ଯ୍ୟ ଟୁଲିକ୍ ହ୍ରଦ ପାଖରେ



ମଧ୍ୟରାତ୍ରୀ ସୂର୍ଯ୍ୟରେ ଟୁଲିକ୍ ଗବେଷଣା କେନ୍ଦରୁ Brooks Rangeର ଦୃଷ୍ୟ

ଆର୍କଟିକ୍‌ରେ ବି ବର୍ଷା ହୁଏ । ଏହାର ପ୍ରମାଣ ହେଲା ଏହି ନିମ୍ନୋକ୍ତ ମଧ୍ୟରାତ୍ରୀର ଇନ୍ଦ୍ରଧନୁ । କି ମନୋରମ ସେହି ଦୃଶ୍ୟ ! ଆର୍କଟିକ୍‌ରେ ବର୍ଷାର ଦୃଷ୍ୟ ବି ଅନୁପମ । ତୁନ୍ଦ୍ରାର ବୁଦା ଯୋଗୁଁ, ବର୍ଷାର ପ୍ରଗତି ବି ମାଇଲ୍ ମାଇଲ୍ ଧରି ଦେଖି ହୁଏ ।



ଆର୍କଟିକ୍‌ରେ ମଧ୍ୟରାତ୍ରିରେ ଇନ୍ଦ୍ରଧନୁ

ନିଜିତ କର୍ମ କଲେ ନିଦା ପାଇବୁ ।
ନରକେ ପଡ଼ି କେତେ ଦୁଃଖ ପାଇବୁ ॥




ଆର୍କଟିକ୍‌ରେ ବର୍ଷାର ଦୃଷ୍ୟ

୯ ତାରିଖ ଦିନ ସକାଳୁ ଉଠି ଆମ ଯାତ୍ରା ପୁଣି ଆରମ୍ଭ ହେଲା ପୃଡୋ ବେ ବା Deadhorse ଆଡ଼କୁ । ଆମର ଏହି ଭ୍ରମଣର ଉଦ୍ଦେଷ୍ୟ ଥିଲା ଆର୍କଟିକ୍ ର ବିଭିନ୍ନ ତାପଜନୀତଜଳ ବା ବରଫ ପ୍ରଭାବରୁ ମୃତ୍ତିକାର କିପରି ପରିବର୍ତ୍ତନ ହଉଛି, ତାହା ବିଶ୍ଳେଶଣ କରିବା । ଟୁଲିକ୍ ହ୍ରଦ କୂଳରୁ ବାହାରି ପୁଣି ଆଉଥରେ ଆମେ ଦେଖିଲୁ ସେହି ଫିଙ୍ଗର୍ ପର୍ବତର ମୃତ୍ତିକା ଦୃଷ୍ୟ । ଏହାକୁ ବୈଜ୍ଞାନିକ ଭାଷାରେ କହନ୍ତି Sorted Circle । ଆର୍କଟିକ୍‌ରେ ଏହିପରି ତାପଜନୀତ ୬ ପ୍ରକାର ମୃତ୍ତିକା layout ଦେଖାଯାଏ । ଏ ସବୁର କାରଣ ହଉଛି ଜଳ ଓ ତା ସହିତ transport ହେଉଥିବା ରସାୟନିକ ପଦାର୍ଥ ଯାହାକି ମାଟି-ଜଳ-ବୃକ୍ଷ ଭିତରେ ଏକ ଅପୂର୍ବ ସମ୍ବନ୍ଧ ଶୃଷ୍ଟି କରାଇଥାଏ । ମୁଁ ଆପଣମାନଙ୍କୁ hydrology lesson ଦେଇ bore କରିବା ଅପେକ୍ଷା, ଏହି ମୃତ୍ତିକା layout ଗୁଡିକ ଏଠାରେ ପ୍ରଦର୍ଶନ କରେ ।



ଉପର ବାମରୁ ଦକ୍ଷୀଣ - Pingo, Icewedge Polygon, Turf Hummock
ତଳ ବାମରୁ ଦକ୍ଷୀଣ - Non-sorted Circle, Sorted Circle, Earth Hummock



ଟୁଲିକ୍ ହ୍ରଦ ନିକଟରେ Sorted Circle



ଟୁଲିକ୍ ହ୍ରଦ ନିକଟରେ Non-Sorted Circle

ନିମିଷେ ମାତ୍ର ମୁଖେ ନ ବୋଲୁ ହରି ।
ନାଶ ହେତୁକୁ କି। ଅଛୁ ଆବୋରି ॥



ଏକ Non-sorted Circleର Landscape



Hummock



Icewedge Polygon (ଖରାଦିନେ ଏହା ଉପରଟା ପାଣି ହୋଇ ଘାସ ବଢିଯାଏ)

ତେବେ ପ୍ରଶ୍ନ ହଉଛି, ମୃତ୍ତିକାରେ ତାପମାନ change ହବାଦ୍ୱାରା, ଆଉକିଛି ଦେଖାଯାଏ କି ? ଆର୍କଟିକ୍‌ରେ ମାଟିର ଅଧଫୁଟ ତଳେ ସବୁ ପାଣି ବର୍ଷସାରା ବରଫ ଅବସ୍ଥାରେ ଥାଏ । ଏହାକୁ permafrost ବୋଲି କହନ୍ତି । ସ୍ଥାନେ ସ୍ଥାନେ climate warming ଯୋଗୁଁ କିଛିଟା ice wedge permafrost ତରଳିବାକୁ ଆରମ୍ଭ କରନ୍ତି । ଯୋଉଠି ତାହା ହୁଏ, ସେଠାରେ thermokarst formation ହୋଇ ମାଟି ଧସିଯାଏ । ଏହା ଆପଣଙ୍କ ଘରର ନିଅଁ ତଳେ ଯଦି ହେବ, ତେବେ ବଡ଼ ବିପଦଜନକ ଅବସ୍ଥା ଶୃଷ୍ଟି କରିବ । ଆମେ କେତେଗୁଡ଼ିଏ thermokarst ଦେଖିଲୁ । ଏହା କ'ଣ global climate warmingର ପ୍ରମାଣ ?



ଏକ thermokarstର ଦୃଷ୍ୟ

ହଉ ଛାଡ଼ନ୍ତୁ ଏ ସବୁ global warmingର ଚିନ୍ତା । ଆମେ ଏ ସବୁ field କାମ ସଂପୂର୍ଣ୍ଣ କରି ଚାଲିଥାଉ Deadhorse ଆଡେ । ବାଟରେ ଆଉ କିଛିଟା scenery ଦେଖିବା ପରେ ପହଞ୍ଚିଲୁ ପୃଡୋ ବେ ରେ । ସେଠାରେ କେବଳ oil company ମାନଙ୍କର office, machine, ଓ ଅନ୍ୟାନ୍ୟ ସରଞ୍ଜାମ । ସେଠାରେ ଆମେ

ପାହିଲେ ନିଶି ଯେହ୍ନେ ରବି ଉଦୟ ।
ପଦ୍ମଲୋଚନ ସବୁ ଦେହେ ଉଦୟ ॥

ଖାଇଲୁ ଓ ଟ୍ରକ୍‌ରେ ଡିଜେଲ୍ ଭରିଲୁ । ସେଠାକାର gas station ବା petrol pump ବି ଅଲଗା ।



Deadhorseରେ ଏକ gas station



ଡାଲ୍‌ଟନ୍ ହାଇୱେରୁ ଆଉ ଏକ ଦୃଶ୍ୟ



ଆମ ଟ୍ରକ୍



Permafrost ଯୋଗୁଁ ଉପର pondରୁ ପାଣି ନୀଚ pondକୁ ବୋହୁନାହିଁ

ତେବେ ଆର୍କଟିକ୍ ରେ ଆଉ କ'ଣ ଦେଖାଯାଏ ? ଗ୍ରୀଷ୍ମ ଋତୁରେ, ୨୪ ଘଣ୍ଟା ଖରାପାଇ, ଆର୍କଟିକ୍‌କୁ ପ୍ରକୃତି ମାତା ଏକ ଅଭିନବ ରୂପ ଦିଏ । ଏପରି ଲାଗେ ସତେ ଯେମିତି, ପ୍ରକୃତୀ ତାର ଫୁଲ ବଗିଚାକୁ ସଜେଇବା ଆରମ୍ଭ କରେ । କିଏ କହିଲା ଆର୍କଟିକ୍‌ରେ ଫୁଲ ନାହିଁ ? ମଲ୍ଲି, ହେନା, ମାଳତି, ବା ସେବତି ନଥାଇ ପାରେ, କିନ୍ତୁ ଆମ୍ଳିଲି (ଆର୍କଟିକ୍ ମଲ୍ଲି), ଆସେବତି, ଆହେନା ବା ଆଯୁଇ, ସବୁ ପ୍ରକାର ଫୁଲରେ ଆର୍କଟିକ୍ ହସିଉଠେ । ଆସନ୍ତୁ ଦେଖିବା ଏପରି କିଛି ଆର୍କଟିକ୍ ବଗିଚାର ଫୁଲ ଓ moss ।

ପ୍ରଭୁଙ୍କୁ ଆଶ୍ରେ କରି ତରିବୁ ଯେବେ ।
ପାଦପଦ୍ମରେ ଚିଭ ଦିଅ ତୁ ଏବେ ॥








ଫୁଲ ଯେସନେ ଫୁଲେ ଫୁଲେ ବିହ୍ୱରେ ।
ଫୁଲ ସମୀରେ ଆଉ ନ ଦିଶେ ତାରେ ।।








ଆର୍କଟିକ୍ ବଗିଚାରେ ଆହୁରି ମିଳେ Equizetum ନାମକ ଏକ Pre-historic ଗଛ ଯାହାକି ସବୁଯାଗାର

ପଳ ସଂସାରେ ଲାଭ ହରି ଭଜନ ।
ପାଶ ଗଳାକୁ କି। କରୁଛୁ ଧନ ।।

ଶୋଭା ବର୍ଦ୍ଧିତ କରାଇ ଥାଏ । Willow ବୃକ୍ଷ ସହିତ ବଢିଥିବା Equizetumର ଏକ ବଗିଚା ଦେଖନ୍ତୁ ।



ଆଉ ଗୋଟାଏ ଛୋଟ ବୃକ୍ଷ, ଯଥା Salix Arcticaର ବଗିଚା ଦେଖନ୍ତୁ ।



ଆନ୍ୟାନ୍ୟ ପୁଷ୍ପଭରା ବଗିଚା ଭିତରେ ହେଲା ଏହିସବୁ ।





ଆର୍କଟିକ୍‌ରେ ଖାଲିଯେ ପୁଷ୍ପ ଓ ବୃକ୍ଷ ମିଳେ, ତା ଭାବିବା ଠିକ୍ ନୁହେଁ । ଏଠାରେ ବହୁ ପ୍ରକାର ଜନ୍ତୁ ବାସ କରନ୍ତି । ଆମେ କେତେ ପ୍ରକାର ଜନ୍ତୁ ଦେଖିଲୁ । କେବଳ ମନରେ ଏକ ଦୁଃଖ ରହିଗଲା ଯେ ଭାଲୁ (Grizzly ଓ Polar) ଦେଖିପାରିଲୁ ନାହିଁ ।



ବାଜ

ବେଳକୁ ବେଳ ତୋତେ କହୁଛି ମୁହିଁ ।
ବାନ୍ଧିଣ ନେବେ ଯମ କି ଦୁଃଖ ଦେଇ ॥



Caribou ବା Reindeer (ବଲଗା ହରିଣ)



Coyote ବା ଶିଆଳ

ପାଠକ ମାନଙ୍କୁ ମୋର ପ୍ରଶ୍ନଯେ - ଆର୍କଟିକ୍ ରେ ଛତୁ ମିଳେ ନା ନାହିଁ ? ଛତୁ କି ପ୍ରକାର environementରେ ହୁଏ ? ଦେଖନ୍ତୁ ଆର୍କଟିକ୍ ଛତୁର ଚିତ୍ର ।



Moose





Musk Ox (ଦୂରରେ ଚରୁଛନ୍ତି)



ବିକଳେ ବାହୁଥିବୁ ଆକୁଳ ହୋଇ ।
ବେଳହୁଁ ଆଗ୍ରେ କରି ଭଜ ଗୋସାଇଁ ॥

ଜୁଲାଇ ତା ୧୦ରିଖ ଦିନ ଆମେ ବାହାରିଲୁ ଫେରିବା ପାଇଁ । ଟୁଲିକ୍ ହ୍ରଦର ୧୦ ମାଇଲ୍ ଦକ୍ଷୀଣରେ ପଡେ ଗଲ୍‌ବ୍ରେଟ୍ ହ୍ରଦ (Galbraith Lake) । ସେଇ ହ୍ରଦ ପାଖରେ ଆଉ ଗୋଟିଏ ତାପଜନୀତ effect ଦେଖିବାକୁ ମିଳିଲା । ଏହାକୁ କହନ୍ତି Aufeis । Permafrost ଉପରେ ଥିବା groundwaterର ଚାପ ଯେତେବେଳେ ବଢିଯାଏ, ସେତେବେଳେ, ଏହା ଜମି ଉପରକୁ ଭାସିଉଠେ । କିନ୍ତୁ ବାୟୁର ତାପ କମ୍ ଥିବା ହେତୁ, ଏହା ବରଫ ପାଲଟି ଯାଏ । ଗ୍ରୀଷ୍ମ ଋତୁରେ ଗରମ୍ ବାୟୁ ବୋହି, ଏହି aufeis ଭିତରେ ଗୁମ୍ଫା ଶୃଷ୍ଟି କରିଥାଏ ।



Aufeis ଗୁମ୍ଫା



Aufeis ଗୁମ୍ଫା ଭିତରେ ଓଡ଼ିଆ ପୁଅ

ଏହି aufeis ଗୁଡ଼ିକ ଉପରୁ ତରଳିପାରେନି । ସେଥିପାଇଁ ଏହି ଗୁମ୍ଫା ହୋଇଯାଏ । ଉପରୁ ନ ତରଳିବାର କାରଣ ହଉଛି, ଏ ସବୁ aufeis ଛୋଟ ଛୋଟ ଏବଂ କାଠି ଭଳିଆ needle ice ଦ୍ୱାରା ତିଆରି । ଏ needle ice ଗୁଡ଼ିକ gate ଭଳିଆ ଉପର ତଳ ଭାବରେ ଖଞ୍ଜା ହୋଇଥାଆନ୍ତି । ତେଣୁ ଉପର ବାୟୁ ଏହାକୁ ତରଳେଇ ପାରେନି, କିନ୍ତୁ horizontal ଦୀଗରେ ବାୟୁ ଏହାକୁ ତରଳାଇ ପାରେ । ଏହି needle ice ଗୁଡ଼ିକ ଆମେ ଆଙ୍ଗୁଠିରେ scrap କରି ବାହାର କରିଲୁ ।



ତେବେ ଗପସପ ରେ ବହୁତ କିଛି ଲେଖି ଦେଲିଣି । ଆପଣ ଭାବୁଥିବେ ଆଉ କେତେ ବାକି ଅଛି । ଏଇଠି ମୋ କଥା ଶେଷ । ଏହା ପରେ, ଆମେ ସେହି ରାସ୍ତା ଦେଇ Fairbanks ଫେରିଆସିଲୁ । କିନ୍ତୁ ଏହି memory, ଅନୁଭୂତୀ ଓ ଭ୍ରମଣାତ୍ମକ ଉତ୍ସାହ ଜୀବନ ସାରା ରହିବ । ତେବେ ଆପଣ ଆଲାସ୍କା ଭାବିଲେ ମନରେ ନିମ୍ନୋକ୍ତ ଧାରଣା ଆସିବ -

ଭେଳା ବୁଡ଼ିବ ହେଳା କଲେ କହୁଛି ।
ଭଙ୍ଗା ନାବରେ କେବା ସିନ୍ଧୁ ତରିଛି ॥





ନା ଏପରି ଧାରଣା ଉଦୟ ହବ -





ନା ଅବା ଏପରି ଦୃଷ୍ୟ ଅନୁଭୂତ ହେବ -



ତାହା ମୁଁ ଆପଣଙ୍କ ଉପରେ ଛାଡ଼ିଦେଲି । ଯଦି କେବେ ଆଲାସ୍କା ଭ୍ରମଣରେ ଆସିବେ, ତେବେ ଏ ସବୁ ବୁପୁଳ ସୌନ୍ଦର୍ଯ୍ୟ ନିଜେ ଅନୁଭୂତ କରିବେ । ପରିଶେଷରେ ମୁଁ ଜଗତର ନାଥ ଜଗନ୍ନାଥଙ୍କ ଆଶିର୍ବାଦ ସମସ୍ତ ପାଠକମାନଙ୍କ ପାଇଁ ପ୍ରାର୍ଥନା କରି ରହୁଛି । ସେହି

ଝୋଲା କନ୍ଥା ପାଛୋଡ଼ା ପିନ୍ଧାକୁ ରସୁ ।
ଝଡ଼ ସଂସାରେ ମନ ନ ବୁଝି ପସୁ ॥

ଜଗନ୍ନାଥଙ୍କ ଚରମ ସେବକ ମହାରାଜ ଦିବ୍ୟସିଂହ ଦେବଙ୍କ ଏକ ଫଟୋ ତାଙ୍କ ଆଲାସ୍କା ଭ୍ରମଣ ସମୟର ମୋ ପୁଅ ସମ୍ବିତ୍ ଓ ଝିଅ ମନିଶା ସହିତ ଆମ deck ଉପରେ ନିଆଯାଇଥିଲା ତାହା ପରିବେଶଣ କରି ରହୁଛି ।



- 0 -

The Rainbow

By Biswajit Mishra
Toronto, Canada

ବିଶ୍ୱଜିତ୍ ମିଶ ଟରୋଣ୍ଟୋର ଅଧିବାସୀ । ଏ କାହାଣୀଟି ଲେଖାହୋଇଥିଲା ବେଳେ ବିଶ୍ୱଜିତ୍ ବାବୁ କେନିଆରେ ଅଧିବାସିତ ଥିଲେ । କାହାଣୀଟି କେନିଆର ବାତାବରଣ, ଦାଂପତ୍ୟ ଓ ପାରିବାରିକ ଜୀବନ ଉପରେ ଆଧାରିତ । ଆଶା ପାଠକମାନେ ବିଶ୍ୱଜିତ୍ ବାବୁଙ୍କ ଏ ହୃଦୟସ୍ପର୍ଶୀ, ଅକୃତ୍ରିମ କିଶୋର ମାନସ ପ୍ରକିୟା ବିଶିଷ୍ଟ କାହାଣୀଟି ଅତି ସୁନ୍ଦର ଭାବରେ ଗହଣ କରିବେ । ମାତ୍ର ୩ ବର୍ଷ କେନିଆରେ ନିବାସୀ ହୋଇ ଜଣେ ସେଠାକାର ସମାଜ ବିଷୟରେ ଏତେ ଗଭୀର ଭାବରେ ନିରୀକ୍ଷଣ କରିପାରିବେ ଏହା କେବଳ କାହାଣୀଟି ପାଠ କରି ଜଣେ ହୃଦୟଙ୍ଗମ କରିପାରିବେ । ଏ କାହାଣୀ ଅପ୍ରେଲ୍ ୪ ଓ ୧୦, ୨୦୦୫ ମଧ୍ୟରେ ରଚିତ ହୋଇଥିଲା ।

"Peter, wake up" hollered the mother. It was about seven in the morning. There was no school on that day being a Saturday. Peter wanted to sleep. He knew, school or no school, he was to get up almost at the same time everyday. He could not afford the luxury of the bed for a little extra time. Mother was shouting again, may be, from the courtyard, "Peter you are a big boy. Get up and brush your teeth. There is so much work. Help your sister. I have to go to work."

Peter got up. The thought of brushing of teeth sparked off a series of thoughts in his mind. He did not like brushing with the powder. Many a days he had to make do with just salt, instead, brushed with the help of stick freshly broken off a branch of a tree or some days just with help of a finger. It was sometime back that he was given a small tube, a very tiny one, at the school.

A group of people had come to the school. They showed some pictures, gave some printed papers. One of them – whom the teacher introduced as a *Daktari* (doctor) – talked about teeth, how to brush them properly and many more things Peter could not really remember now. Then each student was given a small red tube. That evening Peter wanted to brush his

ମିଥ୍ୟା ମାୟା ସଂସାର ନୋହେ କାହାରି ।
ମଲା ବୋଲିଣ ଦିନେ ପଡ଼ିବ ହୁରି ॥

teeth after the meal at home. His mother was naturally surprised as to why this sudden concern for hygiene. Besides, in the slum where they lived, brushing teeth even once a day was rather rare. She was still more at chagrin when Peter sprang out a red tube out of his pocket -- very tiny one about the size of thumb. She knew, though, about toothpastes. Peter did not realize the degree of luxury the tooth powder bestowed on him considering the circumstances his family lived in.

Peter was still thinking in the courtyard where he was standing in a make shift bathroom with the tooth powder on his left palm readying himself for the dullest daily chore. “What a way to start a day?” he wondered. Why was his mother so insistent about this ritual everyday? Many of his friends in the neighbourhood were luckier to be saved from this. There was no way he could help this. If he finished fast there would be questions. If he took long there would be questions too. Whether he knew or not Peter was almost always programmed to perfection with respect to the time he spent on daily ablutions. How on earth mother could find out about even the petty details of every day happenings was beyond Peter’s comprehension. Peter was seven years old.

Sarah, Peter’s mother, was shouting at Agnes, Peter’s ten years old sister. There was nothing new in this. Probably the only difference about the shouting on the weekends was that it contained directions for household chores. Even Sundays were not spared. Mother was issuing instructions, from inside the kitchen, at her sister to bring the utensils in. Kitchen was a part of that one room they called their house. Peter walked in to the room. He was already hungry.

Peter wiped his face with the sleeve of the shirt he was wearing and cast a side ways glance at the kitchen area. It was like the imaginary zones on the stage in the course of a modern play where demarcated areas serve different locations. Peter, of course, did not know that; may be, because of his age or what he was, he was saved of the frustrating comparison of situations and conditions. Agnes was going through the drill of stepping in with washed utensils and hopping out to get more. Mother was pouring the tea out. Then she started putting in heaped spoons of sugar into heavily worn out enamel coated large cups - two-three-four into one of the cups - then again one-two-three and four spoonfuls into another. Then she put only two flat spoonfuls into the third cup, which, of course, Peter knew, was for the mother.

The thought of the taste of sugar in *chai* (Tea) made Peter hungrier. He loved the sweetness in the tea though he could not figure out the cause of the difference between the taste of this tea and the taste of the tea he had had once at a funeral. He did not, naturally, had any culinary knowledge in order to be able to decipher the secret that, her mother had to put a lot of water -- mostly without milk and sometimes with very little milk -- and very little tea leaves for that *home cup chai*. Most of the days - especially on school days they had *Uji* (a porridge made by mixing maze flour in boiling water - more affluent, however, added milk and sugar). Mother was murmuring something as she stirred the sugar in the tea. Peter did not tax his ears or the brain about what she was humming. All she knew was that mother was in the habit of talking to herself many times.

Sarah could not comprehend the reason for the persistent rise in the cost of sugar. As she was stirring she was thinking why sugar-price should be singled out so much for tossing around. It was something everybody needed; even the politicians. But she kept up with her practice of

ମହୀ ଭିତରେ କେହି ରଖିବ ନାହିଁ ।
ମଲା ବୋଲି କହୁଛୁ ମରିବୁ ତୁହି ॥

adding four spoonfuls for the children. For her, however, she was rationing. She knew this was the only luxury she would give the children as long as she could. Agnes was getting sensible. She had even asked a couple of times about her discretion in respect of sugar. Sarah thought at times that Agnes was growing faster than normal. Though she kept on shouting at the children all through the day she knew they were the only fortune – or, may be, only means to fortune -- she had.

Once at the church a visiting *mzungu* (white man) priest, while blessing her and the children, talked to the children in English. Even the young one spoke a few words in English. The father had said, "My child, these children will redeem your life" That day Sarah took the children to the nearby kiosk and bought a plate of chips and *soda* (soft drinks). She fought with her tears all the way home and the moment they got home she hugged both and then the deluge took place. While Agnes, the elder one, was comforting her with tears in her own eyes too Peter, the young one, kept gaping at the mother and the sister. Unable to fathom out the reasons for the emotions he too decided to join them and started crying.

Peter, though young, knew exactly what was on the menu on which day. It was a different matter, though, that there was very little by way of variation. Mother was calling them to sit next to her. She had finished stirring and had taken out something wrapped in a paper. She was already in a hurry to leave for her work. What was that today in a paper? Peter had a pleasant surprise. He certainly never expected *mandazi* (a triangular shaped deep fried snack made of wheat flour and sugar- can be considered as Kenyan answer to the American doughnut) for breakfast. Sometimes he wondered whether his mother was a kind of magician springing up surprising luxuries.

What a nice way to start a Saturday! He ran to where the food was laid out. Agnes joined them. They all started eating and washing it down with the tea. Mother started issuing instructions to last for the day -- at least until she got back from work at 5 p.m. There were household chores -- more for the daughter and very little, of course, for the son, then the home works to be finished -- no allowance on that count. Mother was very strict about it. That is, again, another thing that did not go well with the surrounding they were in – at least as far as Peter could see it. Sarah allowed them, though, to play for a few hours in the afternoon but not faraway from home. In that respect Saturday was not much different from the school days.

Yet to the children there was one thing special about Saturdays that they looked forward to. Mother, while getting back from her work, usually brought some chicken skins from the house where she worked as a house-help. The family Sarah worked for did not eat the skin of the chicken they cooked at their house. She considered this a bonus. She made soup with the chicken skin, onion and tomato and they ate it with *ugal i*(Staple diet in Kenya – made of maze floor cooked in water to the consistence of soft dough). Peter relished this so much so that he could probably tell the Saturdays his mother had not brought the chicken skin home.

Both the children were walking back home for it was almost time to return. There was no way Peter could find out what was the time. But his sister knew exactly when to go home. How she managed that was another thing Peter could not know nor was interested in finding out. It rather irritated him on many occasions when his sister hollered him out from the middle of the game. On Saturdays it was usually this way. Since Peter's daily life was sort of a programmed perfection this Saturday was no exception. He was almost being dragged

ଜନମ ହେଲେ ହେଲେ ପ୍ରାଣୀ ଅବଶ୍ୟ ମରି ।
ଯଶ ରଖିବୁ ଯେବେ ଭଜ ଶ୍ରୀହରି ରେ ॥

towards home when Peter felt something unusual at the house. He could not make out what, from where he was. As they drew closer to the shack they could hear voices from inside. The tone of the voices suggested joyful chatting going on inside.

Now Peter could identify one of the voices was that of his mother. What about the other, a male voice? Did they have a guest? They rarely had guests but on some days, especially, on weekends Peter had seen some man. But for last so many months there had been none. Children were still excited to learn about the guest - it might cause them to share their chicken skin soup with the guest if he chose to stay back for the dinner. That even his older sister would not like- Peter was almost sure of that. As they were about to enter his sister ran in shouting. She was shouting *baba baba.* When this hit Peter's eardrums Peter could have won the sprint in Olympics. He ran straight in to his mother. He saw his sister was clinging to the father crying with a half smile stuck on her face.

Peter saw from the embrace of his mother that his father had stretched out a hand towards him and his eyes beckoning him with an invitation to come to him. Peter was shy but did not know why. He could not remember when was it exactly that his father was here last -- may be a year ago. For him the calendar was irrelevant or was rather non-existent like the watch. He probably had the privilege in this time conscious world to be free from the limitations imposed by these space-limiting phenomena.

But it was definitely quite long for him since he had seen his father last, because his memories of his father's last visit -- sort of a sabbatical as far as the father was concerned -- were rather silhouetted out of which, once in a while depending upon the occasion, some vivid pictures stepped out like the commercials on a TV show; like the one occasion when Peter and family, father included, had gone to a church, then to the town where they had delicious food at some restaurant and then, his father had bought him a pair of shoes from a road side *mutumba* (used items) vendor. Those shoes were a bit too tight on his feet now. The fact, that the shoes were *mutumba* (used ones), did not occur to Peter; even if it had, it would not have made any difference to him nor to his joy in getting them.

His mother was affectionately pushing him towards his father. Father got up and reached him with one hand – the other still wrapped around the daughter. Peter, with eyes cast down, allowed himself to be dragged in to his father's arms and then unto his lap. There was a bag lying next to the father's feet.

Father kissed him once, then several times. Father started stroking Peter's head and asked him about his school; whether he was good to the mother; how often he fought with his sister and many such things. Peter was slowly relenting. He started with his school, then about how he had won the game that day and then how his sister always teased him for being slow while going to school. At this point Agnes objected and tried to justify her action saying that delay in reporting resulted in being expelled out of the school assembly. Father tried to work out conciliation with the advice "Listen to your sister always".

Michael, the father, worked as a driver for one of the transport companies. He was always on the highway driving one of those semi-trailer lorries that can be seen on the highways moving like centipedes -- enough reason to be away from the family most of the time. It was heard that he had at least three wives and may

ଯମ ଯେ ବାନ୍ଧି ନେବ ହେଉ ମୋଲାଣି ।
ଜଗନ୍ନାଥ ମହିମା ଏଡ଼ିକି ଆଣି ।।

be a mistress at different places convenient for his transport routes. Being in an occupation that required most of the waking hours on the highway he naturally had a few days to spare for his private life. He had made them still fewer by expanding the conjugal domain.

It was rumoured, and possibly true, that Sarah was his third wife. Sarah might know for sure. Peter was absolutely exempt from the burden of these cumbersome social details. What was the image of a father in his mind is difficult to comprehend. It might be interesting if one could make him express how he visualized his father's relationship with his mother. Did he see his father like a minister passing by their school, once in a year or so, in a motorcade and stopping for a moment to give some charity to the children standing by? On one such occasion almost all of Peter's school mates - since it was lunch time - had lined up by the side of the road waiting for the motorcade to pass and had started waving, shouting as the convoy approached. Not all got a share in the bounty, though. Any way on this auspicious day Peter's father had chosen to be here. Probably that was good enough for the children and therefore there was no room for any other interfering thoughts, hypothesis or speculation whatsoever.

Father pulled the bag closer and put his hand in. Two pairs of eyes were struggling to stay in their sockets. What was the magician up to? Father's hand came out of the bag. A packet of candies was handed to Peter and a packet of biscuits reached Agnes. Prizes were given with a piece of advice – possibly to avert any probable discord amongst the recipients-"Share between you". "Yes father" pat came the reply in chorus. Mother was giving the loveliest smile fused with a sense of conceit. While the children were running out mother's voice was trailing "Do not eat the whole stuff today". There was no need to respond to that.

There is no need to get in to the details of how the children did manage to share the gifts, for in spite of intermittent squabbles their skill in sharing could out do many government heads. Peter and Agnes got back in after half an hour. There were some neighbours sitting in the room when they got in. Their parents were having a chat with the visitors amid empty cups. Later that night the family of four sat down to a royal dinner. There was chicken -- not just the skin -- the whole chicken. Very rarely did Peter have the occasion of being familiar with so many different parts of a cooked chicken. That was not all. There was deep fried *Samaki* (Fish) that his father might have bought on his way home. Peter could not recollect exactly when it was last that he had had fish. Probably it was when, about a year ago, the children had gone with their mother visiting their maternal grand parents who lived in a village near the lake. Today there was rice too -- another delicacy they seldom had opportunity to taste. Peter's thoughts did not interfere with his eating. Very scarcely did people relish their food the way Peter did that evening -- one of those paradoxes in the human society. Those who can afford good food hardly relish it the way those, who can ill afford, did.

Parents kept talking a lot while eating. Mother surely had a spring to her movements. Agnes participated intermittently in the discussions. Peter did not bother to pay attention let alone contributing to the chat.

That night Peter and Agnes had to sleep in the corner of the room alone and not with mother unlike the way they all slept together everyday; not that Peter minded that aberration. While he was falling asleep he could hear the murmuring voices of the parents sleeping at the other far end of the room. The whole ambience in the house had changed that day as though God had been unreasonably

ରଙ୍ଗ ପସରା ସିନା ଭବସାଗର ।
ରଙ୍ଗ ଭିତରେ ଅଛି କି ନାରଖାର ।।

merciful to the family in His attempt to make up for the depravities inflicted upon the family until then. Peter was wondering what was about to come the next day, when he fell asleep. Poor Peter had short memories and inadequate analytical abilities in order to be able to extrapolate the events of the next morning.

Next morning they all got up a little late. After their daily chores and *chai* they started out, dressed as best as they could. Peter, though without any power of premonition, could sense that the day was going to be wonderful -- like a student, awaiting declaration of results of the examination he thinks he had done well in, still is perplexed by the inexplicable uncertainty associated with it. They walked out of the house. Very few neighbours were around as it was a Sunday and many of them might already be in Church by now. Peter's family walked out of the slum greeting whoever they passed by on the way. Father kept stopping for moments at some places intermittently to exchange pleasantries with old acquaintances. They all reached the road and boarded a *matatu* (mini bus). Being, again, a Sunday, the *matatu* was not very crowded on its way in to the town. They alighted after about fifteen minutes after the *matatu* had stopped at a couple of places on the way to drop people and to pick new passengers.

They got down at the bus shelter near the round about, not very far from the Referral Hospital, and started walking. It was about 11 in the morning and there were activities all around -- with people milling around, hawkers selling their wares, fruit vendors (some sitting down on the side walk and some pushing hand carts, wheel barrows loaded with fruits) calling out to passers by. Peter was in a different world as they approached the church -- not the small tented one ahead of their slum on the road that passed by their slum and which they went to, on some Sundays, with their mother when she did not have to go to work.

Their mother went to work at a couple's house on most of the Sundays. There was that couple who ran a shop and therefore were available at home only on Sundays for getting the cleaning job done. That, it took her longer to finish her work than other week days did not really bother Sarah since the job paid her well at a rate almost double the wage she got working regularly. Peter, bereft of the reasons, did not, naturally, like her mother being away on a Sunday while mothers of most of his friends stayed back with the family. This was the church, now that he was there again he could remember, they had gone to when his father was around last time.

After the mass at the church they walked out on to the main road and started trudging towards the town hall. On the way they passed many shops, eating-places. Most of the shops, at least the big ones, were closed. They entered an eating-place, which his father called a hotel (it is not unusual for many -- especially the proletariat -- to refer to a restaurant as a hotel in this part of the world). By then the hawkers' fares coupled with the nice smell of food emanating from the restaurants they had passed by, had already enticed Peter's salivary glands.

At the eating-place they had *chapattis* (Indian style bread) and chicken curry accompanied by soda while Peter's father had a couple of bottles of a different drink. Peter had seen, on a number of occasions in the slum they lived in, people drinking alcohol without exactly knowing much about their brands, kinds or names etc. Therefore he did not know that his father was drinking beer though he had seen a few similar looking old empty bottles at home. He could sense from the whispering talk

ରୂପ ପ୍ରତିମାକୁ ତୁ ପରତେ ନ ଯା ।
ରହିବେ ନାହିଁ ରାଜା ପରଜା ॥

between the parents that his mother was perhaps interfering with his father's extravagant ordering for the food. Mother was always like that. Sometimes Peter wondered if his mother really enjoyed anything.

While they were in the course of their meal it suddenly started raining outside. The rains stopped, as suddenly as it had begun, about the time they finished their meal as if it had been customised by unseen powers to rain just enough to cool the atmosphere without causing any hindrance, what so ever, to their itinerary.

After the sumptuous meal they got out of the eating-place, the father lit a cigarette and all started walking, albeit, at a slower pace this time. While they were turning the corner the sun came out. Agnes suddenly started shouting with a finger pointing to the sky in the front. Peter was engrossed in surveying the surrounding, therefore, it took a nudge from his mother to direct his attention to the sky his sister was pointing to. There was a rainbow in the sky. The two ends of the arch of the rainbow looked as if piercing the houses on the horizon. It looked magnificent and colourful. Peter was in raptures looking at it and then he started clapping in excitement. Father and mother could not help smiling – a smile of satisfaction as if of having caused this source of happiness for the children. They continued walking towards the rainbow and then turned again in to another street going down further.

They sauntered along the lanes and by lanes to a very crowded market place. There were a great number of people moving about in all possible directions -- people crossing the street, people rambling along the lane and the street, people buying from roadside where vendors had lined up on the sidewalks with their stock in trade selling virtually anything and everything saleable in this world. First, Peter's family stopped before a woman selling vegetables where mother bargained for a while before buying some tomatoes and *sukuma wiki* ('Kale' in English -- a kind of leafy vegetable). Then the group strolled ahead. This time they stopped at a *mutumba* garment seller. Peter did not know and could not decide what he wanted to buy. Everything around looked so wonderful and rich he often had to be dragged by his father while he was still looking at the shops they had already walked past. What was this place? Why did they not come here more often? Why was it that they came here only when his father was around? They bought two pairs of dresses for Peter, two for his sister and two for his mother. The last stop was at the shoeseller where shoes were bought for every one. It was getting late in the afternoon thus, time to return home.

Ride back home was probably the longest journey Peter had ever made for his mind was in the plastic bags his mother was carrying. His patience was really being stretched to unbearable limits. He wanted to go home and try everything that had been bought for him. It was Peter who led them on their walk back home from the bus stop. No sooner had they arrived home than Peter put one pair of the clothes and the shoes on. Then he ran out to play -- not so much to play as to show his friends his new look. His sister followed suit shortly.

That evening, the children played outside longer than they usually did. They came back in when it was almost dark out side. The wick-lamp (made from a used can and filled with kerosene) was already on. Mother was sitting at the kitchen area doing something. Father was not in. Children started asking about the father but got a curt reply from the mother that she did not know. That night the children did not have much appetite. They had a quick dinner and went to bed early. They were all tired from

ଲୋଡ଼ନେ ଦେଖି କର୍ଣ୍ଣେ ଶୁଣୁଛୁ ନିତି ।
ଲୋଭ କରି ଅର୍ଜିଲୁ ଧନ ସତ୍ତି ॥

the daylong outing. Waiting for the father in the presence of a silent and absent- minded mother made them still more tired.

Peter must have slept for some time -- he could not figure out how long -- he was awakened by some rambling noise. He had been so deeply asleep that he had difficulty in opening the eyes to the fullest. It was dark inside, there fore not very visible. He struggled hard with his eyes and ears to absorb what was going on in the room. Probably his parents were having an argument, he thought. He saw some movement and then a clapping sound. He was not too sure if his father slapped his mother but it looked like that. He was almost getting up when his sister pinned him down. He could hear some more shouts -- his father was more vociferous now -- then mother's sob. After some time, things fell silent like the calm after a tempest. He did not know when he slipped back to sleep again.

Next morning, as usual, his mother awakened Peter. Everything had to be done the way it was supposed to be done on a school day. He did not have time to recover from the previous day's influence. They had school. Mother had work. He asked his mother, soon after waking up, about his father because he could not see him. Mother said brusquely that the father had left for his work. Peter did not think it proper to prod the mother again with similar questions. Though, young as he was, he could sense the temperament of his mother at times. He could see his mother appeared different that morning -- different from the way she appeared the previous day and also different from the way she appeared on other days. There was something very different with her face, eyes and even the voice. Her eyes were reddish and looked swollen. Her voice was croaky. He tried to check with his sister while brushing his teeth but that did not help much either except that she told him that their father had to leave early in the morning for work.

Mother was calling them to hurry up. They had bread and *chai* and then all hurried out of home. That day there was another thing that was unusual. Their mother was trailing them. Children had to stop many times on the way for the mother to catch up. Usually Peter would walk everyday, with the mother holding her hand until his school and after that mother would walk straight up a slope and would disappear. Peter knew after that she would turn a bend on the road that led, after a few further smaller bends, to a triangular junction where four roads met each other surrounded by big houses and big trees. The big houses were interspersed with big trees. There mother would take a left turn and would soon be out of vision from the junction. There would be a newspaper vendor at the junction.

Today mother was trailing, walking alone. Peter walked with his sister. They walked almost quietly -- another unusual phenomenon that day. Routinely, Peter and Agnes would be jabbering all the way to school with their mother talking in between. Today it was a silent and long walk. The school was visible now. They hastened their steps led by the sister. Other children were hurrying through the gate of the school already.

As they came up to the gate Peter and Agnes stopped. They waited for their mother to reach them and then Agnes went in through the gate after mother had patted both their heads. Peter stood half way through the gate looking at his mother walk past. With her pace today she was about 5 minutes away from the slope beyond which she could not be seen as if she was going to be lost behind the slope in the midst of the big houses amid the big trees. There were black clouds lumping up in the sky

ଚିତ୍ରପ୍ରତିମା ପ୍ରାୟ ଦିଶୁ ସୁନ୍ଦର ।
ଚିର ଭିତର ଦେଖ କି ନାରଖାର ।।

above those houses and the trees. It looked as though the clouds were building up just beyond the slope.

It looked like it might start raining any moment. Mother might get caught in the rain. But one could not be sure about the behaviour of the weather in this part of the world. The clouds might just get past the town towards Eldama Ravine. One could not be sure either way -- not here not any where -- about nature and what people call natural phenomena.

Peter was still standing half way through the gate. His sister was shouting that it was time for the assembly and if he did not come in right away he would be punished. Peter was still standing as his mother was walking towards the end of the slope above which the clouds were thickening in the sky, probably, where there was a rainbow the day before

.

- 0 -

ଏ ରକ୍ତ ବିକିପାଇଁ ନୁହେଁ

ଶ୍ରୀ ପ୍ରଭାକର ଶତପଥୀ

ଭୁବନେଶ୍ୱର, ଭାରତ

(ପ୍ରଭାକର ଶତପଥୀଙ୍କ ଜନ୍ମ ୧୫ ଫେବୃଆରି ୧୯୪୨ ମସିହା । ସମକାଳର ଜଣେ ଅଂଗିକାରବଦ୍ଧ କାବ୍ୟଶିଳ୍ପୀ, କଥାକାର ଓ ରଚନାକାର ଭାବେ ସେ ଓଡିଆ ପାଠକଙ୍କ ନିକଟରେ ସୁପରିଚିତ । ତାଙ୍କ ସମସାମୟିକ ସତୀର୍ଥମାନଙ୍କ ଠାରୁ ତାଂକର ନିଆରା ସୃଜନ-ଶୈଳୀ ଓ ଚେତନା ଓଡିଆ କାବ୍ୟସାହିତ୍ୟରେ ଏକ ନୂଆ ପେରଣା କଥା କହେ । ସ୍ୱପ୍ନ ଓ ସ୍ମୃତିର କବି ଭାବେ ପାଦଥାପିଥିବା ପ୍ରଭାକର ଡେର ପରିବର୍ତନ ଆଣିଛନ୍ତି ତାଙ୍କ କାବ୍ୟସ୍ୱରରେ । ବାସ୍ତବତାର ସତ୍ୟକୁ, ମାନବିକ ମୂଲ୍ୟବୋଧର ପ୍ରଜ୍ଞାକୁ ଓ ଭଲପାଇବାର ମନ୍ତ୍ରକୁ ସେ ତାଙ୍କ ମୁଖ୍ୟ କାବ୍ୟସ୍ୱରରେ ପରିଣତ କରିପାରିଛନ୍ତି । ତଳେ ପଡିଯାଉଥିବା ମଣିଷକୁ ଉପରକୁ ଉଠାଇବାର ସଫଳତା ହିଁ ତାଂକର କାବ୍ୟ ସଫଳତା ଓଡିଶାରେ ବିଭିନ୍ନ ପତ୍ର ପତିକାରେ ତାଙ୍କର ଗଳ୍ପ ଓ ରଚନାମାନ ପ୍ରକାଶିତ ହୋଇଛି । ଆଗାମୀ ଦିନମାନଙ୍କରେ ଭ୍ରମଣ କାହାଣୀ, କେତୋଟି ଉପନ୍ୟାସ, ଅନେକ ଗଳ୍ପ ଓ ତରୁଣ କବି ଓ କଥାକାରମାନଂକ ଉପରେ କିଛି ଆଲୋଚନା ଲେଖିବାର ଖସଡା ସେ ପ୍ରସ୍ତୁତ କରିରଖିଛନ୍ତି । ସ୍ୱାଧୀନୋତ୍ତର ଭାରତ ବର୍ଷର ଆତ୍ମିକ ସଙ୍କଟକୁ ନେଇ 'ଗଧ' ଶୀର୍ଷକ ଏକ କାବ୍ୟ ରଚନା ତାଂକର ଏକ ଅଭିନବ ପ୍ରଚେଷ୍ଟା । ସେଥିରେ ସେ ବତୀ ଅଛନ୍ତି । ସଂପତି ସେ ଭାରତ ସରକାରଂକ ସଂସ୍କୃତି ବିଭାଗ ତରଫରୁ ସାହିତ୍ୟରେ ସିନିୟର ଫେଲୋସିପ୍ ପାଇ 'ସାହିତ୍ୟରେ ବିପ୍ଳବ ଓ ଲିଟ୍ଲ ମାଗାଜିନ' ଶୀର୍ଷକ ବିଷୟ ଉପରେ ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତ କରିବାରେ ଉତ୍ସର୍ଗିକୃତ ଭାବରେ ନିଯୋଜିତ । ତାଙ୍କ ସଂପାଦିତ 'ଅନିଶା ସାହିତ୍ୟପତ୍ର' ଏକ ଅଭିଜାତ, ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକା ଭାବରେ ଆଦୃତ ।

ଲୋଭଟି ସବୁ ନାଶ କରଇ ମନ ।
ଲୋଡ଼ିଲେ ନ ପାଇବୁ ଆଉ ଜୀବନ ।

'ଦୂରଦୃଷ୍ଟି' ତାଂକର ଏକ ମନନଶୀଳ ରଚନା ଓ କବିତା ବୃହତ୍ତର ପାଠକ ସମାଜ ପାଇଁ ସନ୍ନିବେଶିତ କରି ଛୋଟିଆ କର୍ତବ୍ୟଟିଏ ପାଳନ କରିଛି ଯାହା । ଗତ ବର୍ଷ ହେଲା ଦୂରଦୃଷ୍ଟିର ଉପଦେଷ୍ଟା ଭାବରେ ପ୍ରଭାକର ବାବୁଙ୍କ ସହାୟତା ପାଇଁ ଦୂରଦୃଷ୍ଟି କୃତଜ୍ଞ ଓ ଋଣୀ ।)

ପ୍ରସବବେଦନା ସମ୍ଭାଳି ଧରିପାରୁନାହିଁ ସ୍ତ୍ରୀ,
ରକ୍ତ ନାହିଁ ଦେହରେ ।
ସଂତାସବାଦୀଙ୍କ ମରଣବୋମାରେ
ଫାଟି ଆଁ କରିଛି ମୁଣ୍ଡ
ଆକାଶ ଉପରେ ଡରୁଆ ସଞ୍ଜଟିଏ ପରି
ପୁଅ ଶୋଇଛି ଅପରେସନ୍ ଟେବୁଲ୍ ଉପରେ ।
ମା' ର ଜରାୟୁରେ ଘା' ?
ଜୀବନ ଛଳଛଳ ଛୁରିଧାରରେ !

କିଛି ଚିନ୍ତାନାହିଁ
ଜଗିଛି, ହାଡ଼ିଆ ମେହେନ୍ତର ମୁଁ
ଏଇଠି,
ବିକିବି ରକ୍ତ !
ମୋର ପଇସା ଦରକାର ।

କେତେ ପଇସା ରଖିଛ ମୁଣିରେ ?
ଓଃ, ବ୍ଲଡ୍‌ଗ୍ରୁପ୍ ପଚାରୁଛ ?
ସେ ପାଇଁ ବ୍ୟସ୍ତ ହୁଅନା,
ବ୍ଲଡ୍‌ବ୍ୟାଙ୍କ୍‌ବାଲା ଜାଣିଛନ୍ତି ମୋ' ବ୍ଲଡ୍‌ଗ୍ରୁପ୍ ।
ହଜାରେ ବୋତଲ କି କେତେ, ହିସାବ ରଖିନାହିଁ,
ସେମାନେ ଶୋଷିସାରିଲେଣି
କିଛି ପତିକିୟା ଦେଖାଦେଇନାହିଁ
କାହାରି ଦେହରେ ।
ପଇସା କମେଇଛି ଡେର
(ଏ ରକ୍ତକୁ ମାମୁଲି ଭାବୁଛକି ?
ଚେହେରାଟା ଦେଖୁଛତ !)
ତୁମେ କ'ଣ ବୁଝିବ ଏ ବେପାର କଥା ।
ପଳପଳ ରକ୍ତ ବିକିଛି
ବିକି ଚାଲିଛି ବୋଲିତ
ହସୁଛନ୍ତି ସେମାନେ ମଧ୍ୟାହ୍ନ ଖରାରେ,
ଉଷୁମ ଲାଗୁଛି ସେମାନଙ୍କୁ
ପୁଷମାସ ଶୀତ ।

ହେ',
କାହିଁକି ଅଥାର ହାଣ୍ଡିପରି
ଫୁରୁଣ୍ଡା କରିଛ ମୁହଁ,
ନଈବଡି ଫେଣପରି ଆଖିରେ ଲୁହ ଲେଞ୍ଜରା ?

ଆରେ ଭାଇ କଥାପଦେ ହୋ' !
ଓ, ପକେଟ ଖାଲି ?
ମନତ ନିର୍ମଳ !
କେଉଁଠୁ ଆସିଛ ?
ଥୁଆମୂଳ ରାଁପୁରରୁ
ପାଣିକୋଇଲିରୁ
କଦମ୍ବପାଳରୁ
ନା ଦଣ୍ଡକାରଣ୍ୟରୁ ?
ଯେଉଁଠୁ ଆସିଛ ଆସ
ଏଇ ମାଟିରମଣିଷତ !
ଗାମୁଛାରେ କ'ଣ ବାନ୍ଧିଛ ?
ପାଳୁଅଛତୁ
ମାଣ୍ଡିଆଚୂନା
କୋଇଲିଗୁଣ୍ଡ
କନ୍ଦାସିଝା
ଚୁଡ଼ା ନା ଚାଉଳଭଜା ?

ଏ କୃତଘ୍ନ ସହରଟାରେ

ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ ।
ଘଟ ଛୁଟିଲେ ତୋତେ ବୋଲିବେ ଭୁତ ॥

ସେତକ ପାଇବାପାଇଁ ବି
ବିକିବାକୁ ପଡ଼େ ବୀର୍ଯ
ଚୋରାଇବାକୁ ପଡ଼େ କୀଡ୍‌ନି
ଭଡ଼ାଲଗାଇବାକୁ ପଡ଼େ ଜରାୟୁ
ଲେବର ରୁମରୁ ମୂଲଚାଲ ପେଟଭିତରର ଛୁଆ ।

ହେଇ ଦେଖୁନା
ସୁଅପରି ତାଳିଚାଲିଛି ରକ୍ତ
ମେଣ୍ଟୁଛି ମୋ' ଭୋକ ?
ଦଶପାଣୀ କୁଟୁମ୍ବ ପୋଷୁଛି
ପଚାରୁଛି କିଏ, 'କେମିତି ଅଛ ?'

କେହି ପଚାରୁନାହାନ୍ତି ବୋଲିତ ବିକୁଛି ରକ୍ତ ।
ତୁମେ କେବେ ଶୁଣିଛ
ଟିଣ ଛାତରେ ବର୍ଷା ପଡ଼ିଲାପରି
ଥପ୍‌ଥପ୍ ଥପ୍‌ଥପ୍ ରକ୍ତ ପଡିବାର ଶବ୍ଦ ?

ଆଉ ମନ ଉଣା କାହିଁକି ?

ଓଃ !
ବୁଝିପାରିଲ ନାହିଁ ଏ ହାଡ଼ିଆ ମେହେନ୍ତରଟାକୁ
ଆରେ ଭାଇ !
ମୁହଁକୁ ଚାହିଁ ହସିବା କ'ଣ ମନା ?
ଥରେ ହସିଦିଅନା
ଯେଉଁ ହସରେ ମୁଁ ଖୋଜୁଛି ଯୁଗଯୁଗଧରି ମଣିଷଟିଏର
ହସ
ତା' ପରେ ନିଅ ଯେତେ ରକ୍ତ ଦରକାର ନିଅ
ବୁନ୍ଦାବୁନ୍ଦା ସବୁରକ୍ତ ଯେତେ ଝରିପାରୁଛି
ହାଡ଼ିଆ ମେହେନ୍ତର ଧମନୀରୁ ।

ଭଲରେ ଭଲରେ ପ୍ରସବକରୁ ତୁମ ଗର୍ଭବତୀ ସ୍ତ୍ରୀ
ମୁଣ୍ଡଟେକି ଠିଆହେଉ ତୁମ କୁଳଚନ୍ଦ୍ରମା
ମା'ର ପେଜଖିଆ ପାଟିରେ ପୋଟଳପତ୍ରପରି
କଅଁଳିଉଠୁ ହସ
ଥରକ ପାଇଁତ କହିପାରିବି:
ନା, ଏ ରକ୍ତ ବିକ୍ରି ପାଇଁ ନୁହେଁ ।

- 0 -

ପଦେ ଅଧେ

ଅମିତ୍ କୁମାର ମିଶ୍ର

ଅମିତ କୁମାର ମିଶ୍ର ଦୂରଦୃଷ୍ଟିର ଗତ କିଛି ସଙ୍ଖ୍ୟା ହେଲା ଲେଖି ଆସୁଛନ୍ତି । ସେ ପ୍ରବାସୀ ଓଡିଆ ହେଲେ ବି ବାରମ୍ବାର ଓଡିଶା ଭ୍ରମଣରେ ଯା'ନ୍ତି । ତାଙ୍କର observational ଶକ୍ତି ଏକ୍‌ଦମ୍ ତୀକ୍ଷ୍ଣ । ଅନେକ କିଛି ଯାହା ସାଧାରଣ ଲୋକେ ଅନୁଭବ କରି ନ ପାରିବେ ସେ କରିପାରନ୍ତି । ସାକ୍ଷାତ୍‌କାରୀ ସଙ୍ଗରେ ଅନ୍ତରଙ୍ଗତା ପ୍ରତିଷ୍ଠା କରି ତାଙ୍କର ଅନ୍ତଃଦୃଷ୍ଟି ପ୍ରକାଶିତ କରିବାରେ ସେ ଧୁରନ୍ଧର । ଏଥର ସେ ମୟୂରଭଞ୍ଜ ସ୍ଥିତ ଆଦିବାସୀ କ୍ରାନ୍ତିକାରୀ ଶ୍ରୀ ବୈଦ୍ୟ ସିଂହଙ୍କ ସହିତ ଭେଟିଥିଲେ ।

ବିଅର୍ଥେ ବହିଅଛୁ ଦୁର୍ଲ୍ଲଭ ଦେହ ।
ବିଷୟ ବିଷେ ଆଉ ନ ବଳା ସ୍ନେହ ॥

ପାଠକେ ଯଦି ଗତ ଦୂରଦୃଷ୍ଟିର "କିଛି ସ୍ମୃତି, କିଛି ଅନୁଭୂତି" ପଢିଥିବେ, ତେବେ ଏଥରର ଏହି "ପଦେ ଅଧେ" ଅଧ୍ୟାୟଟି ସେତେ ନୂଆ ଲାଗିବ ନାହିଁ । ମୁଁ ଓଡିଶା ଗସ୍ତରେ ଯାଇଥିଲି କିଛି ସପ୍ତାହ ପୂର୍ବେ । ଗତ ଥର ଅନୁଭୂତିକୁ ନେଇ କିଛି ଅଧିକ ଅଭିଳାଷା ଥିଲା ଏଥର । ଆଶା କରିଥିଲି ଅତି ନିମ୍ନ ଶ୍ରେଣୀଠାରୁ ଆରମ୍ଭ କରି ଉଚ୍ଚ ଶ୍ରେଣୀ ଯାଏଁ, କିଛି କିଛି ବ୍ୟକ୍ତିଙ୍କ ସହ ସ୍ୱଳ୍ପ ସଂଳାପର କିୟଦଂଶ ଦେବାକୁ ଏହି ପ୍ରବନ୍ଧରେ । କିନ୍ତୁ ପୂର୍ବଥର ପରି ଏ ଥର ମଧ୍ୟ ଯୋଜନାନୁଯାୟୀ କିଛି ହୋଇପାରିଲା ନାହିଁ । ବଡ ବଡିଆ ମାନେ ମୋ ଭଳି ଏକ ତୁଚ୍ଛ ପ୍ରାଣୀ ପାଇଁ ନିଜର ବହୁମୂଲ୍ୟ ସମୟରୁ କିଛି ମୁହୂର୍ତ୍ତ ଦେବାକୁ ବୋଧହୁଏ ସେମାନଙ୍କ ସମ୍ମାନର ଖିଲାଫ ଭାବିଥିଲେ । ତେଣୁ କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ଉକ୍ତି ବା ବାର୍ତ୍ତା ମୁଁ ଆଣି ପାରିଲିନି ।

କିନ୍ତୁ ଜଗନ୍ନାଥଙ୍କ କରୁଣାରୁ ବାଟ ଆପେ ଆପେ ଦିଶିଗଲା । ମୋର ଲକ୍ଷ ଥିଲା ସାଧାରଣ ଜନ ବା ଜନସାଧାରଣଙ୍କର ଚିନ୍ତାଧାରା ଏବଂ mass psychology ବିଷୟରେ କିଛିଟା ଜାଣିବାପାଇଁ । ଏଥିପାଇଁ କୌଣସି ଏକ interview ବା ପଶ୍ନୋତ୍ତର ପର୍ବ ସାହାଯ୍ୟକାରୀ ମାତ୍ର, ଅବିଚ୍ଛେଦ୍ୟ ନୁହେଁ । କାରଣ ପଶ୍ନୋତ୍ତର ସମୟରେ ବ୍ୟକ୍ତିଟି conscious ହୋଇ ଚେଷ୍ଟାକରେ "ଠିକ୍" ଉତ୍ତର ଦେବାପାଇଁ । କିନ୍ତୁ ସ୍ୱାଭାବିକ ଭାବେ କଥା ହେଲା ବେଳେ ଯେଉଁ କିଛି ପଦେ ଅଧେ ପାଟିରୁ ବାହାରିପଡେ ତାହା ଦର୍ଶାଇଥାଏ ବ୍ୟକ୍ତିର ମନର ପ୍ରକୃତ ପ୍ରତିବିମ୍ବକୁ । ସେହିଭଳି କେତେକ ବକ୍ତବ୍ୟ ବା ପଦେଅଧେ ମୁଁ ଲେଖିବି ଏହି ପ୍ରବନ୍ଧରେ । କିଛିଟା ଉକ୍ତି ମୋ ପତି ଉଲ୍ଲେଖ ଥିଲା ଏବଂ ଆଉ କିଛି ମୋ କାନରେ ବାଜିଥିଲା । ତେବେ ପ୍ରତି ଉକ୍ତି ଆଗରୁ ମୁଁ ବ୍ୟକ୍ତି ବିଶେଷଙ୍କ ବିଷୟରେ ଯେତିକି ଜଣାଇ ହେବ ତାହା ଜଣାଇବି ।

ଅବଚେତନ ମନରୁ ବାହାରିଥିବା ଏହି କିଛି ଉକ୍ତି ମୋତେ ତ' ଖୁବ୍ ମୂଲ୍ୟବାନ୍ ମନେ ହେଉଛି । ଏବେ ମୁଁ କୌଣସି ଉକ୍ତି ପରେ ନିଜସ୍ୱ ସଂଳାପ ବା ଭାବାର୍ଥ ପ୍ରକାଶ କରିବି ନାହିଁ । ପାଠକେ ନିଶ୍ଚୟ ଏଥିରୁ ଅନେକ କିଛି ଜାଣିବାରେ ସକ୍ଷମ ହେବେ ବୋଲି ମୋର ଦୃଢ ବିଶ୍ୱାସ । ତା' ସାଥିରେ ମୋର ଭ୍ରମଣ ସମୟରେ କିଛି ଚିତ୍ତାକର୍ଷକ ଓ ପ୍ରବାସୀ ବ୍ୟାକୁଳତାର ସ୍ମାରକ ଚିହ୍ନ ରୂପେ ଉଠାଇଥିବା ଫଟୋଗ୍ରାଫ ପାଠକଙ୍କ ସମ୍ମୁଖରେ ପ୍ରଦର୍ଶନ କରୁଅଛି ।



ଏକ ପାରଂପାରିକ ଝୋଟି

୧. ବାଟରେ ଗଲା ବେଳକୁ ଏକ ପାନ-ଚକୋଲେଟ ଦୋକାନ ଆଗରେ କିଛି ସ୍କୁଲପିଲା ଖଟି କରୁଥିଲେ । ଜଣକ ପାଟିରୁ ମୋତେ ଶୁଣାଗଲା "ଆରେ ନା ! ଥରେ ଫେଲ୍ ହେଲେ କିଛି ଅସୁବିଧା ନାହିଁ ।"

୨. ଅଳ୍ପ ଦିନ ହେଲା ଘର ବଦଳେଇ ଥିଲେ ଆମ ପଡିଶା ଘର ମାଉସୀ । ସେ କ'ଣ ସବୁ ଗପୁଥିଲେ ବୋଉ ସାଙ୍ଗରେ । ସେତିକି ବେଳେ କହିଥିଲେ ସେ, 'ହଁ ନୂଆ ପଡୋଶୀ ମାନଙ୍କ ସାଙ୍ଗେ ବି ଚିହ୍ନା ହେଲାଣି । ଜୀବନଟା ତ ସେଇଆ । ପୁରୁଣା ବନ୍ଧୁ ସବୁ ଛାଡି ହୋଇ ଯିବେ ଆଉ ନୂଆ ସଂପର୍କ ସବୁ ଯୋଡି ହେଇ ଯିବ ।"

ବୁଡ଼ି ଯିବଟି ମୂଳ ଲାଭ ସରିବ ।
ବେଳହୁଁ ଆଶେ କରି ଭଜ ମାଧବ ॥

୩. ଏ ଥର ଗାଁକୁ ଗଲାବେଳେ ଦେଖିଲି, "ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା"ରେ ଗାଁ ଗାଁ ମାନଙ୍କରେ ରାସ୍ତା ତିଆରି ହେଉଅଛି । ଏହି ବିଷୟରେ ଗପିଲାବେଳେ ଆମ କାର୍ ଚଲାଉଥିବା ଡ୍ରାଇଭର ବାବୁ କହିଲେ "ଏ ସବୁ କାମ ଆଜ୍ଞା ଜଣେ ଇଚ୍ଛା କଲେ କଣ କରିଦେବ? ବି.ଡି.ଓ., କଲେକ୍ଟର, ସରପଞ୍ଚଠାରୁ ଆରମ୍ଭ କରି ଗାଁ ଲୋକ, ସମସ୍ତେ ଲାଗିଲେ ଯାଇଁ କାମଟା ହେବ ନା । ଯେଉଁ ଗାଁ ଲୋକ ନିଜ ନିଜ ଭିତରେ ବାଡିଆ ପିଟା ହେଉଛନ୍ତି, ସେଠାକୁ କେହି ଚାହିଁଲେ ବି ରାସ୍ତା କରି ପାରିବନି !"



ଚିର ପରିଚିତ ଶଗଡ ତୀବ୍ର ଗତିରେ ଆଧୁନିକ ଟାୟାର୍ ବାଲା ଶଗଡ ଦ୍ୱାରା substitute ହେଉଛି

୪. ଜନୈକ ଦୂର ସଂପର୍କୀୟ ଭାଇକୁ (ଯାହାର ବୟସ ପ୍ରାୟ ୨୦ ହେବ) ପଚାରିଲି ମୁଁ, "ଆଜକୁ ୧୦ ବର୍ଷ ପରେ ତୁମେ କ'ଣ ଆଶା କରୁଛ?" ଏଠାରେ କହି ରଖେ ଯେ ଏହି ପିଲାଟି ପାଞ୍ଚ ବର୍ଷ ବୟସରେ ମା' ଛେଉଣ୍ଡ ହୋଇ ପିତା-ହତାଦରରେ, ମାମୁଁ ମାଇଁଙ୍କ ପାଖରେ ବଢିଥିଲା । ପାଞ୍ଚ ମାମୁ ଭିନ୍ନ ହୋଇ ରୁହନ୍ତି; ପର ବଳଦ ପର ସିଂଘା ପରି ହତାଦରରେ ବଢିଥିଲା । କିନ୍ତି ପିଲାଟି କହିଲା, "ମୁଁ ଚାହୁଁଛି ଯେ ଦଶ ବର୍ଷ ଭିତରେ ମୋ ମାମୁଁ ସବୁମାନେ ମିଳିମିସି ଖୁସିରେ ରୁହନ୍ତୁ ।" ମୋ ଆଖିକୋଣ ଜକେଇ ଆସିଥିଲା ।

୫. ପୋଷ୍ଟଅଫିସରୁ ଜଣେ ପ୍ରୌଢ ବ୍ୟକ୍ତି ଫୋନ୍ କରୁଥିଲେ । ଦୁଇଟି ଖଣ୍ଡ ଉକ୍ତି ମୋ କାନରେ ପଡିଲା । "ବୋଉ, ତୁ ବ୍ୟସ୍ତ ହ'ନି । ତୋ ଦେହ ଭଲ ରହିଲେ ମୁଁ ଭଲ । ଦରମା ଟା ତ ଠିକ୍ ଟାଇମ୍‌ରେ ମିଳୁନି ।"



ଏକ ସାଧାରଣ ପଲ୍ଲୀ ପୃଷ୍ଠଭୂମୀରେ କାଶତଣ୍ଡି ଘାଷ

୬. ରାତିରେ ଚାଲିବା ବେଳେ ଶୁଣିଥିଲି ଦୁଇଜଣ ଯୁବକ ବାର୍ତ୍ତାରତ । ଜଣେ କହୁଥିଲେ, "ମୁଁ ଚାହୁଁଛି ଯେ ମୋର ରୋଜଗାର ମୋର ଶଶୁର ରୋଜଗାର ଠାରୁ ଅଧିକ ହେଉ ।"

୭. ଦୁଇ ଜଣ ବନ୍ଧୁଙ୍କୁ ମୁଁ ଇଂଲଣ୍ଡର ଫଟୋ ସବୁ ଦେଖଉଥିଲି ଆଉ କହୁଥିଲି କି ଏଠି ଲୋକମାନେ ପ୍ରାୟ କାରର ହର୍ନ ବ୍ୟବହାର କରନ୍ତିନି । ଜଣେ ପଚାରିଲା, "ସତେ" । ଅନ୍ୟଜଣକ କହିଲେ, "ସେମାନେ ବି ୩୦, ୪୦ ବର୍ଷ ଆଗରୁ ଆମରି ପରି ହର୍ନ ମାରୁଥିଲେ । ଆସ୍ତେ, ଆସ୍ତେ ସେମାନେ fed up ହୋଇଗଲେ !"

୮. ଜଣେ ଅତି ପୁରାତନ ବନ୍ଧୁଙ୍କୁ ଭେଟିଥିଲି । ସେ କହୁଥିଲେ କିପରି ଅନେକ ବନ୍ଧୁ ବାନ୍ଧବଙ୍କର ନାନା ଛୋଟ ଛୋଟ କାମ କରୁ କରୁ ସେ ନିଜ ପାଇଁ ସମୟ ଦେଇ ପାରୁ ନାହାନ୍ତି । ଏହା ଶୁଣି ଥରେ କେହି ଜଣେ

ଶ୍ରୀକୃଷ୍ଣ ନାମ ଗୋଟି କର ଭଜନ ।
ଶ୍ରୀକୃଷ୍ଣ ପଦ୍ମପାଦେ କର ତୁ ଧ୍ୟାନ ॥

ତାଙ୍କୁ କହିଲା, " ଆରେ ତୁ ତ ଆସ୍ତେ ଷ୍ଟେପିନି ହେଇଗଲୁ ।"

୯. Bangaloreରେ ଟାଉନ୍‌ବସ୍‌ରେ ଗଲାବେଳେ software companyରେ କାର୍ଯ୍ୟ କରୁଥିବା ଭଳି ଲାଗୁଥିବା ଯୁବକ କିଛି ଚଢିଲେ ବସ୍‌ରେ । ମୋବାଇଲ୍‌ରେ ଜଣେ କହୁଥିଲା, "ତୁ ଉହାଁ ଆଜା । କୁଚ୍ଛ୍ ଯୁଗାଡ୍ କରେଙ୍ଗେ । ସାଟର୍‌ଡେ ଆରାମ୍ ସେ କଟ୍ ଯାଏଗା ।" ଶୁଣିକରି ମର୍ମାହତ ହୋଇଥିଲି ।

ଆର ଥର ଗସ୍ତ ପରେ ମୁଁ ଭାବିଥିଲି କିପରି ସେ ରାମୁ ଚା' ଦୋକାନୀ ବା ବୁବୁ ଅଟୋ ବାଲା ଏତେ ଖୁସି ଅଛି । ଏ ଥରର ପଦେ ଅଧେ ପରେ ଲାଗୁଛି ମୁଁ ଉତ୍ତରର ନିକଟ ବର୍ତ୍ତୀ ।

- 0 -

Why Me?

Ayesha Mishra, California

Ayesha in her own words is an energetic and outgoing girl. She loves the letters -- reading and writing, and dancing. She is a 7th grader aspiring to become a doctor in her adult life. She is the loving daughter of Manoj and Reena Mishra.

I was walking down the street when a strong gust of wind blew my hat away. I stared at it angrily, hoping it would come back again if I did that. That was my favorite hat. I had bought it for fifty bucks. Why was this happening to *me*?

I turned around to go back to my house. I was *supposed* to be going to the grocery store to buy some stuff for dinner, but I couldn't go now, not without my beautiful hat. That just wouldn't be right! I mean, how can anyone go into a grocery store without an expensive hat on? "Ha, ha, ha!" I laughed out loud. I know my mom will totally understand.

As I approached my block, I looked behind my back at my friend's house. It's so small, it only has *six* bedrooms. Mine has ten, it's a mansion. She is so poor. My friend has two brothers and a sister. I'm enjoying life as the only child. That way, there's more stuff for me!

I waved at a girl that was passing by, but she seemed to be trying to ignore me. Most people think I'm spoiled, but I don't know how they got *that* into their heads. So what if I have fifteen servants, three guard dogs, two butlers, and my very own maid? Those are needed in life.

ସନ୍ତୋଷ ଚିତ୍ତେ ତୁହି ହରିଙ୍କୁ ଭଜ ।
ସଂସାରେ ପଡ଼ି ଆଉ ନ ପାଅ ଲାଜ ॥

I rang the doorbell and waited for one of my servants to open the door. Surprise, surprise! Instead of my servant, my mom opened the door, and she didn't look too happy by the look on her face. I took that as a bad sign and hoped for the best.

"Why are you so late, and where are are the groceries?" railed my mother. "Well," I began. "First I stopped to get a manicure, and then I stopped by the mall because they had some expensive new shoes. After that, I was going to the grocery store, but my hat blew away, and you know I can't go out in public without that hat on. I couldn't go to the grocery store, so I came back home. My hat blew away because of the wind, so it's the wind's fault," I concluded finally.

"It doesn't matter if you walk into a store without a hat on, it's not a crime!" she quarreled. "Well, that's a thought," I said. I pondered on that a bit more. "I give up!" proclaimed my mom, rolling her eyes. "Now go do your homework!" she growled. "I don' t want to," I pouted, but I started for my room anyway. Lately my mom's been getting mad at me a lot. It can't because I spend about $500 for shopping. For some reason, she seems to think $500 is a lot of money. Yeah, right.

I got out my homework, but easily got bored after about two minutes. I didn't know how to do any of the problems. I decided to ask my mom for help. I prodded her with my pencil until she looked at me. "Put your homework away, and come eat dinner," she said, annoyed. I happily did what she said. After dinner, I went to bed.

The next morning, I went to school, where I was late, as usual. Students were submitting their homework, but I didn't have anything to turn in. My teacher glared at me and asked why I didn't have my homework. "My brother ate it," I prevaricated. "You don't have a brother," she professed. "You're in big trouble," predicted my friend. The principal came and took me to his office. For some reason, all he did was stare at me sternly, and then he kicked me out of his office. "You are officially expelled," he said solemnly. He looked really funny standing there wearing a woman's wig. I wonder when he's going to find out he's a man. I didn't really care that I had just gotten kicked out of school. They'll probably call me back anyway, they would miss me too much. But I had to admit, it *was* kind of strange. I figured that something good might come out of doing my homework everyday after all.

I ran home thinking my mom would comfort me. Wrong!!! When I rang the doorbell and told

ସବୁଟି ମିଛି ହରି ନାମଟି ସତ ।
ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ଚିତ୍ତ ॥

her what happened, she stared at me coldly. “Don’t ever show me your face again!” she rebuffed, and slammed the door. That was pretty strange too, but I figured she could never kick me out of the house since she was my mother, and I decided to come back in the evening. Meanwhile, I would go on a shopping spree! But some thing stopped me.

For some reason, I felt like buying some school supplies and going to the library instead. I nearly surprised myself to death. I actually felt kind of good shopping for school supplies. I finally had *my* very own pencil to write with, not somebody else’s. Amazing. I smiled nicely to people passing by. They smiled back and actually started noticing me. It was a miracle.

After I went to the library, I started walking to my house. It was already evening, the sky was starting to get dark. Big, dark clouds were heading my way. I ran home and rang the doorbell. No one answered. Suddenly it started to rain, and there was big thunderstorm. I sat there on my driveway, weeping. I promised myself I would mend my ways, if only I could start all over again.

All of sudden, it was all gone! I found myself sitting on my bed. My alarm clock read 7:00 in the morning. It had all been a dream. I was silently celebrating, when my mom came into my room. I hugged her and ran around, jumping with joy. She looked at me strangely, but I just smiled. From now on, no one would be calling me spoiled.

- 0 -

ସାକ୍ଷାତ୍‌କାର୍

ଅମିତ୍ କୁମାର ମିଶ୍ର

ଅମିତ କୁମାର ମିଶ୍ର ଦୂରଦୃଷ୍ଟିର ଗତ କିଛି ସଙ୍ଖ୍ୟା ହେଲା ଲେଖି ଆସୁଛନ୍ତି । ସେ ପ୍ରବାସୀ ଓଡିଆ ହେଲେଇ ବି ବାରମ୍ବାର ଓଡିଶା ଭ୍ରମଣରେ ଯାନ୍ତି । ତାଙ୍କର observational ଶକ୍ତି ଏକ୍‌ଦମ୍ ତୀକ୍ଷ୍ଣ । ଅନେକ କିଛି ଯାହା ସାଧାରଣ ଲୋକେ ଅନୁଭବ କରି ନ ପାରିବେ ସେ କରିପାରନ୍ତି । ସାକ୍ଷାତ୍‌କାରପ୍ରାର୍ଥୀ ସଙ୍ଗରେ ଅନ୍ତରଙ୍ଗତା ପ୍ରତିଷ୍ଠା କରି ତାଙ୍କର ଅନ୍ତଃଦୃଷ୍ଟି ପ୍ରକାଶିତ କରିବାରେ ସେ ଧୁରନ୍ଧର । ଏଥର ସେ ମୟୂରଭଞ୍ଜ ସ୍ଥିତ ଆଦିବାସୀ କ୍ରାନ୍ତିକାରୀ ଓ ବିଶିଷ୍ଟ ଜଣାଶୁଣା ସମାଜସେବୀ ଶ୍ରୀ ବୈଦ୍ୟ ସିଂହଙ୍କ ସହିତ ଭେଟିଥିଲେ ।

ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ମନ ।
ସରିଲେ ନ ପାଇବୁ ଆଉ ଜୀବନ ॥

ଏଥର ସାକ୍ଷାତ୍‌କାରରେ ଆମେ ଭେଟିବା ଶୀ ବୈଦ୍ୟ ସିଂହଙ୍କୁ, ଯିଏ ଆଜିକାଲି କାର୍ଯ୍ୟରତ ଶିମିଳିପାଳ ନିକଟସ୍ଥ ଆଦିବାସୀ ଗ୍ରାମ ମାନଙ୍କରେ । ସୌଭାଗ୍ୟବଶତଃ ବୈଦ୍ୟ ଭାଇ ଥିଲେ ମୋର R.E.C.ରେ ସିନିଅର୍, ଏବଂ ଆମେ ଭେଟିଥିଲୁ କିଛି ସମୟ ପାଇଁ ଭୁବନେଶ୍ୱରରେ । This article is a formal rendition of the informal talk we had; hence wording may not be exactly same as spoken |

ଅମିତ୍: ବୈଦ୍ୟ ଭାଇ, R.E.C.ରୁ ପାସ୍ କଲ । ତା' ପରେ କଣ କଲ?

ବୈଦ୍ୟ: R.E.C.ପରେ I.I.Sc. ରେ M.E. କଲି । ଏବଂ ତା' ପରେ ଓଡିଶାକୁ ଫେରି ଆସିଲି । Lecturer ପଦବୀ ପାଇଁ ବହୁ ଚେଷ୍ଟା ପରେ ଏକ ଘରୋଇ ଇଞ୍ଜିନିୟରିଙ୍ଗ କଲେଜରେ ଚାକିରି ମିଳିଲା । ସେଠାରେ ଥିଲି ଦୁଇ ବର୍ଷ ପାଇଁ । Side-by-side ଗାଁ ପାଇଁ କିଛି କରିବାକୁ ଚେଷ୍ଟା କରୁଥିଲି । କିଛି ପଇସା ସଞ୍ଚୟ ହେଲା ପରେ ମୁଁ full-time ଗାଁ ପାଇଁ କାମ କରିବାକୁ ଗାଁ ଫେରି ପଳେଇଲି । ଏବେ ତ ସଂପୂର୍ଣ୍ଣ ସମୟ ସେଇଠି ରହୁଛି ।

ଅମିତ୍: ଗାଁ ପାଇଁ କିଛି କରିବାର ଇଚ୍ଛା କେବେଠାରୁ ଥିଲା?

ବୈଦ୍ୟ: ଇଚ୍ଛା ତ ପିଲାଦିନରୁ ଥିଲା । ତେବେ R.E.C.ରେ ପଢିଲା ବେଳେ କିଛି କରି ପାରିଥିଲି । ଆମ ଅଞ୍ଚଳରେ ଖୁବ୍ ତୀବ୍ର ଗତିରେ ଜଙ୍ଗଲ କଟାହେଉଛି । ବଡ ବଡ କଣ୍ଟ୍ରାକ୍ଟର ମାନେ ଅଳ୍ପ କିଛି ପଇସା ଦେଇ ଗାଁ ଲୋକଙ୍କ ଦ୍ୱାରା ଗଛ କଟାଇ ଥାନ୍ତି । ସରଳ ଆଦିବାସୀ ମାନେ ଖୁସିରେ ସେ କାମ କଲେ । ଏହାର ଦିଇଟି କୁପରିଣାମ ହେଲା । ପ୍ରଥମତଃ ଜଙ୍ଗଲ ସବୁ ପଦା ହେଲା । ଦ୍ୱିତୀୟତଃ ଗାଁ ଲୋକମାନେ ଚାଷ କାମ ଛାଡିଦେଲେ । ମୁଁ ଓ ମୋର କିଛି ବନ୍ଧୁ ଆରମ୍ଭ କଲୁ ଏକ ଜଙ୍ଗଲ ବଚାଅ କାର୍ଯ୍ୟକମ । ସ୍ଥାନୀୟ ଅଧିକାରୀ ମାନେ ମଧ୍ୟ ସାହାଯ୍ୟ କରିଥିଲେ । ଶେଷକୁ ମୋ ଗାଁ ଲୋକମାନଙ୍କୁ ବୁଝାଇ, ଆମ ଗାଁ ନିକଟସ୍ଥ ଜଙ୍ଗଲକୁ ପାଳି କରି ପହରା ଦେଲୁ । ଏଥିରେ ଖୁସି ହୋଇ ଜଙ୍ଗଲ ବିଭାଗ ଅଧିକାରୀ ଆମକୁ କିଛି ସରକାରୀ ଅନୁଦାନ ଦେଲେ ଏବଂ ନିକଟସ୍ଥ ଏକ ବଡ ଅଞ୍ଚଳର ଜଙ୍ଗଲ ଆମ ଜିମା ଦେଲେ । ଆସ୍ତେ ଆସ୍ତେ ଏହା ଦେଖି ପାର୍ଶ୍ୱବର୍ତ୍ତୀ ଗାଁର ଲୋକମାନେ ନିଜ ନିଜ ଗାଁରେ ଏଭଳି ଜଙ୍ଗଲ ବଚାଅ କାର୍ଯ୍ୟକମ ଆରମ୍ଭ କରିଥିଲେ । ଏହା ଥିଲା ମୋର ପ୍ରଥମ ସଫଳତା ।

ଅମିତ୍: ଆଜିକାଲି କ'ଣ କରୁଛନ୍ତି?



ବୈଦ୍ୟ: କ'ଣ କରିବାକୁ ହେବ ବୋଲି ଭାବୁ ଭାବୁ ଠିକ୍ କଲି ଲୋକଙ୍କ stable ରୋଜଗାର ପାଇଁ କିଛି

ବୁଡ଼ିଲେ ଯେତେ ଜନ ହରି ନାମକୁ ।
ହୀନଗତିକି ଗଲେ ବୁଡ଼ି ତଳକୁ ॥

କରିବାକୁ । ଯେ ପର୍ଯ୍ୟନ୍ତ ଲୋକମାନଙ୍କୁ ଦି' ବେଳା ଦି' ମୁଠା ଖାଇବାକୁ ନ ମିଳିଛି, ସେ ଯାଏଁ ସେ ଅନ୍ୟ କିଛି ଭାବିବାକୁ ଅକ୍ଷମ । ଶିକ୍ଷା ହେଉ ବା ସଫେଇ (sanitation) ହେଉ, ଏ ସବୁ secondary । ମନସ୍ତତ୍ତ୍ୱ ବି କହୁଛି, ମଣିଷର ପ୍ରଥମ ଚାହିଦା ହେଲା, ଶାରୀରିକ ଆବଶ୍ୟକତା । ଶିକ୍ଷା ହେଉ ବା safety-latrineର ବ୍ୟବହାର ହେଉ, ଏ କୌଣସି ମଣିଷର ମୌଳିକ ଆବଶ୍ୟକତା ନୁହେଁ ।

ଅମିତ୍: ଠିକ୍ କଥା । ତେବେ ସେ ପାଇଁ କ'ଣ କରାଯାଇ ପାରିବ?

ବୈଦ୍ୟ: ମୁଁ ଭାବିଲି ସେ ପାଇଁ ସର୍ବୋତ୍ତମ ହେବ cash-cropsର ଚାଷ । ଧାନ ଚାଷକୁ ବନ୍ଦ କରି cash-crops ଚାଷ କରିବାକୁ କହିଲେ କେହି ରାଜି ହେବେନି । ତେଣୁ ସବୁଠୁ ସରଳ ସମ୍ଭବ ଉପାୟ ହେଲା ରବି ଚାଷ ଭାବରେ cash-crops ଚାଷ କରିବା । ଦୁଇଟି ଧାନ ଚାଷ ମଧ୍ୟରେ ରବି ଚାଷ ହୋଇପାରେ । ଏବଂ ଏହା ଦ୍ୱାରା ଜମିର ଉର୍ବରତା ମଧ୍ୟ ବଢେ । ଏଥିପାଇଁ ମୁଁ ବହୁ ଚେଷ୍ଟାରେ ବୁଟ ଓ ବାଦାମ ମଞ୍ଜି ଆଣି ଗାଁରେ ବାଣ୍ଟିଲି । ହେଲେ ଫଳ ହେଲା ଓଲଟା । ଲୋକ ତାକୁ ଖାଇଦେଲେ । ଶେଷକୁ ଠିକ୍ କଲି ସୋରିଷ ଚାଷ କରିବାକୁ । ସେ ପାଇଁ ମୁଁ ନିଜେ ଆମ ଜମିରେ ପ୍ରଥମ ବର୍ଷ ସୋରିଷ ଚାଷ କଲି । ଆମ ଲୋକମାନଙ୍କୁ ବୁଝେଇବା ଯେତିକି କଷ୍ଟ, ସେତିକି ସହଜ ବି ! କିଛି ହାଣ୍ଡିଆ ଏବଂ broiler ଦେଇ କିଛି ଲୋକଙ୍କୁ ନେଇ ମୁଁ ଆରମ୍ଭ କଲି ମୋର ଅଭିଯାନ । ମୁଁ ନିଜେ ବି ଜାଣି ନ ଥିଲି ଯେ ସୋରିଷ ଚାଷ ଏତେ ସହଜ । ନା ଦରକାର ବିଶେଷ ଯତ୍ନ, ନା କ୍ଷେତ, ନା ବେଶୀ ସମୟ । ସେ ଥରର ଅମଳ ଦେଖି ଗାଁ ଲୋକମାନେ ଆକୃଷ୍ଟ ହେଲେ ଏବଂ ଏ ବର୍ଷ ସବୁ ଗାଁ ଲୋକ ଧାନ ପରେ ସୋରିଷ କଲେ । ଆପଣ ଗାଁକୁ ଆସିଥିଲେ ଦେଖିଥାନ୍ତେ ସବୁ କ୍ଷେତ ହଳଦିଆ ହୋଇଗଲାଣି । ଏହା ଦେଖି ଅନେକ ଗୁଡିଏ ନିକଟସ୍ଥ ଗ୍ରାମ ପଞ୍ଚାୟତ ମୋତେ approach ଜଲେ । ଏବେ ଆଶା ଯେ ଆର ବର୍ଷ ଏ ବେଳକୁ ଆଖି ନ ପାଇଲା ଭଳି ଜମିରେ ସୋରିଷ ଚାଷ ହୋଇଥିବ ।

ଅମିତ୍: ସୋରିଷ ବିକ୍ରୀ ବଟା ପାଇଁ କିଛି ବ୍ୟବସ୍ଥା ଆୟୋଜନ କରିଛନ୍ତି?

ବୈଦ୍ୟ: ଏବେ ଯାହା ତ ଅମଳ ହେଉଛି ସବୁ ଆର ଥରକୁ ମଞ୍ଜି ଭାବେ ବ୍ୟବହୃତ ହେବ । ହେଲେ ମୋର ଭବିଷ୍ୟତକୁ ଇଚ୍ଛା ଏକ ଛୋଟକାଟିଆ ଅଏଲ୍‌ମିଲ୍ ଖୋଲିବାକୁ । ଏ ବିଷୟରେ ଅନେକ ଲୋକଙ୍କ ସହ କଥା ହୋଇଛି । ଥରେ ଅଏଲ୍‌ମିଲ୍ ହୋଇଗଲେ, ସୋରିଷରୁ ତେଲ ବାହାରିଲେ ଲାଭ ଖୁବ୍ ଭଲ ଭାବରେ ହେବ । ଆଗାମୀ ଭବିଷ୍ୟତରେ ଗାଁରେ jatooba ବା ବାଇଓ-ଡିଜେଲ୍ ଚାଷ କରିବାକୁ ବି ଇଚ୍ଛା ଅଛି । ଅଏଲ୍‌ମିଲ୍ ଟେ ଥିଲେ ସେଥିରୁ ବି ତେଲ କାଢି ହେବ ।

ଅମିତ୍: ଏଥିପାଇଁ ପଇସାର ବ୍ୟବସ୍ଥା କ'ଣ କେମିତି କରୁଛନ୍ତି ।

ବୈଦ୍ୟ: ଏବେ ମୁଁ ଟିକେ ଆର୍ଥିକ ସମସ୍ୟାରେ ଗତି କରୁଛି ।[5] କିଛି ପଇସା ଅନୁଦାନରେ ମିଳିଲାପରେ ମୁଁ ଏକ NGO ରେଜିଷ୍ଟର୍ କରିନେବି । ତା' ପରେ ପଇସା ଆଉ ସମସ୍ୟା ହୋଇ ରହିବନାହିଁ । ଆଜି ଯାଏଁ ମୁଁ ଯାହା ସହିତ କଥା ହୋଇଛି ସବୁଠାରୁ ଖୁବ୍ positive feedback ମିଳିଛି ।

[5] ଖୁସିର କଥା ଯେ O.B.I., ଯେ କି ଓଡିଆ ସମାଜର ଆନୁସଙ୍ଗିକ ଅନୁଷ୍ଠାନ ସେ ୨୦୦୬ ମସୀହାରେ ବୈଦ୍ୟ ସିଂହଙ୍କ ନିକଟବର୍ତ୍ତୀ ଅଞ୍ଚଳରେ ତୈଳ ଚାଷ ପାଇଁ ଆର୍ଥିକ ସହଯୋଗ ପ୍ରତିଷ୍ଠାନ କରିଅଛି । ଆଶା ପରବର୍ତ୍ତୀ ସଙ୍ଖ୍ୟାରେ ଏହି ସଙ୍କଳ୍ପ ବିଷୟରେ କିଛି ବିବରଣୀ ଦୂରଦୃଷ୍ଟିରେ ପ୍ରକାଶିତ ହେବ ।

ସତ୍ୟ ମଣୁଛୁ ତୁହି ଭବସାଗର ।
ସରି ଯାଉଛି ପରମାୟୁ ତୋହର ॥



ଅମିତ୍: ଆପଣଙ୍କ ନାଁରେ ଯେଉଁ ଏକ କେସ୍ ହୋଇଥିଲା, ସେ ବିଷୟରେ କିଛି କୁହନ୍ତୁ ।

ବୈଦ୍ୟ: ହଁ , ଏଇ ନିକଟ କଥା । ଏକ ବିଶିଷ୍ଟ କଣ୍ଟ୍ରାକ୍ଟରଙ୍କର ଲୋକ ଏକ ଆଦିବାସୀ ଝିଅକୁ ଉଠାଇ ନେଇଗଲେ । ଦୁଇ ତିନି ଦିନ ଯାଏଁ ତାକୁ ବନ୍ଦ ରଖି ବିନା କାରଣରେ ତାକୁ ବଳାତ୍କାର କଲେ । ପରେ ଝିଅ ଓ ତା' ବାପା ପୁଲିସ୍‌ରେ କେସ୍ କରିବାକୁ ବାହିରିଲେ; ସେ ସମୟରେ କଣ୍ଟ୍ରାକ୍ଟର ବାବୁ ଜଣଙ୍କ ଆସି ସେମାନଙ୍କୁ ଧମକାଇଥିଲେ ଓ ଅଶ୍ଳୀଳ କଥାମାନ କହିଥିଲେ । ଏଥିପାଇଁ ଗାଁ ଲୋକମାନେ ଏକଜୁଟ ହୋଇ ମତେ କିଛି କରିବାକୁ ଅନୁରୋଧ କଲେ । ମୁଁ ଭାବିଲି କିଛି ପଇସା ଏକାଠି କରି ପାରିଲେ କେସ୍‌ଟିକି ଲଢା ଯାଇ ପାରନ୍ତା । ସେ ପାଇଁ ଆମେ ହାଟ ପାଳି ଦିନ ଲୋକ ମାନଙ୍କୁ କହି ସାଧ୍ୟ ମତେ ସାହାଯ୍ୟ କରିବା ପାଇଁ ଅନୁରୋଧ କଲୁ । ସେହି ସମୟରେ କଣ୍ଟ୍ରାକ୍ଟର ବାବୁ ଜଣଙ୍କ ବି ହାଟକୁ ଆସିଥିଲେ । ତାଙ୍କୁ ଦେଖି ଗାଁ ଲୋକମାନେ କ'ଣ ସବୁ କହିଲେ । ବଚଷା ବଢିଲା ଓ ଲୋକମାନେ ତାଙ୍କୁ ବାଡେଇ ଥିଲେ । ସେ ଯାଇ ମୋ ନାଁରେ ଅନେକ ଗୁଡିଏ ଦଫା ଲଗାଇ କେସ୍ ଦେଲେ । ବାଧ୍ୟ ହୋଇ ମତେ ଫେରାର୍ ହେବାକୁ ପଡିଲା । ଲୁଚି କରି ମୁଁ ଭୁବନେଶ୍ୱର ଆସି ଜନୈକ ବନ୍ଧୁଙ୍କ ସାହାଯ୍ୟରେ ଏକ ପ୍ରେସ୍-କନ୍‌ଫରେନ୍‌ସ୍ କଲି । ସେଠାରେ ମୁଁ ସବୁ କଥା ଖୋଲାଖୋଲି ପ୍ରକାଶକଲି ଓ କିଛି ଦିନ ପରେ ଏକ ବିଶାଳ ଜଲ୍‌ସା କଲୁ । ଆମ ଗାଁ ଲୋକମାନଙ୍କ କଥାଟା ନବୀନ ବାବୁଙ୍କ କାନରେ ପଡିଲା । ସେ କିନ୍ତୁ ବହୁତ ସାହାଯ୍ୟ କଲେ । ବର୍ତ୍ତମାନ ପାୟ୍ କେସ୍ ଉଠିଯାଇଛି । ଝିଅଟିକୁ ବି କିଛି ତତ୍‌କାଳୀନ ସରକାରୀ ସାହାଯ୍ୟ ବି ମିଳିଛି ।

ଅମିତ୍: ଏଭଳି ସମୟରେ ଆପଣଙ୍କ ଘର ଲୋକେ କିଭଳି ପ୍ରତିକିୟା ପ୍ରକାଶ କରିଥିଲେ?

ବୈଦ୍ୟ: ଭଗବାନଙ୍କ ଦୟାରୁ ସମସ୍ତେ ଖୁବ୍ understanding ଥିଲେ । ଏ କେସ୍ ଘଟିଥିଲା ମୋର ବିବାହର କିଛି ଦିନ ପରେ । ମୋ ବିବାହ ବି ଏକ କାହାଣୀ ! ଗାଁ କାମରୁ ମୋତେ ଫୁରସତ୍ ମିଳୁ ନ ଥାଏ । ତେଣେ ବାପାଙ୍କ ଦେହ ଖରାପ୍ । ସେ ପାଇଁ ମୁଁ କହିଥାଏ ମୋର ଗୋଟିଏ ସର୍ତ୍ତ । ଯଦି ମୁଁ ଝିଅ ଦେଖିବାକୁ ଗଲି ଓ ମୋର ଝିଅ ପସନ୍ଦ ହେଲା, ତବେ ମୁଁ ସେଇଦିନ ବାହାହୋଇ ଗାଁକୁ ଫେରି ଆସିବି । ସେଭଳି ଏକ ଝିଅ ବି ଭଗବାନଙ୍କ ଦୟାରୁ ମିଳିଗଲା । ଯେଉଁଦିନ ଏ କେସ୍ ହେଲା ଓ ଗାଁ ଲୋକ ସଭା କରି ମୋତେ ଡାକିଲେ, ମୁଁ ଯିବାକୁ ଟିକେ ଆଗହି ନଥିଲି । ହେଲେ ମୋ ପତ୍ନୀ ମୋତେ ବାଧ୍ୟ କଲେ ଯିବାକୁ । ସେ ଆସିଲା ପରେ ଘର ଲୋକେ ବି ଖୁସି ଅଛନ୍ତି । ବିଶେଷ କିଛି ଆଶା ଆକାଙ୍କ୍ଷା ନାହିଁ ଆମର । ତେଣୁ ସବୁ ଚାଲିଛି ଠିକ୍‌ଠାକ୍ । ଏହା ସାଙ୍ଗକୁ ମୋର R.E.C. ସାଙ୍ଗମାନେ ବି ଦେବଦୂତ ପରି । R.E.C.ରେ ପଢିଲାବେଳ ମୋର ଅଧିକାଂଶ ଖର୍ଚ ସେମାନେ ଚାନ୍ଦା କରି ଉଠାଇଥିଲେ । ଏବେ ମଧ୍ୟ ସେମାନଙ୍କ ସହାୟତା ଅବର୍ଣ୍ଣନୀୟ ।

ଅମିତ୍: ଶେଷ କଥା କିଛି?

ବୈଦ୍ୟ: ଏତିକି କହିବି ଯେ ପର୍ଯ୍ୟନ୍ତ ଲୋକ ଭୋକିଲା ଅଛି, ତା' ପାଇଁ ଅନ୍ୟ ସବୁ ଅନାବଶ୍ୟକ । କିଛି self-sustaining ରୋଜଗାର ପନ୍ଥା ଦେଖେଇ ପାରିଲେ

ହେଜିଲେ ଦେହ ଆଉ ପାଇବୁ ନାହିଁ ।
ହଟା ବସାଇଥିବେ ତୋ ଦେହ ପାଇଁ ॥

ପଛକୁ ଶିକ୍ଷା, ସଫେଇ ଇତ୍ୟାଦି ଆପେ-ଆପେ ଆସିବ । ଆଉ ଯଦି ସମ୍ଭବ ହେବ ଆର ବର୍ଷ ଏ ସମୟରେ ଆମ ଗାଁକୁ ଆସିବେ । ଯଦି ଯୋଜନାନୁଯାୟୀ କାମ ଚାଲେ, ତେବେ ପଞ୍ଚାୟତ କୁ ପଞ୍ଚାୟତ ସୋରିଷର ହଳଦିଆ ଫୁଲରେ ଧରା ରଙ୍ଗୀନ ହୋଇଯାଇଥିବ ।

- 0 -

ଡାଲଖାଇରେ..., ଡାଲଖାଇରେ...

ଶାନ୍ତନୁ ପ୍ରଧାନ, ବାଙ୍ଗାଲୋର
santanu@tektronix.com

ଶାନ୍ତନୁ ପ୍ରଧାନ ଏକ ନୂତନ ପୀଢିର ଯୁବକ ଯେ କି ପ୍ରବନ୍ଧ ଓ କବିତା ଲେଖା ଲେଖି କରନ୍ତି । ଏହି ସଙ୍ଖ୍ୟାରେ ତାଙ୍କର ଅନ୍ୟତମ କବିତା "ଅକ୍ଷୟ ତୃତୀୟ ଓ ଚାଷୀ ପୁଅ" ମଧ୍ୟ ପ୍ରକାଶ ପାଇଛି । ଅନୁଗୁଳ ତାଙ୍କ ଘର । ସେ ବାଙ୍ଗାଲୋର୍‌ରେ ଅଧିବାସିତ ଓ ପେଶା ଭାବରେ software engineer । ସେ ତାଙ୍କ ଅବସର ସମୟରେ, ଲେଖା-ଲେଖି ବ୍ୟତିତ, ଓଡିଆ ଇତିହାସ, ସଂସ୍କୃତି, କଳା, ଓ ନୃତ୍ୟ ଉପରେ ଅଧ୍ୟୟନ କରନ୍ତି ।

ବଜା ନିଷାନ, ବଜାରେ ଡୋଲ
ଗାଇବ ବନ, ନାଚିବ ଜଙ୍ଗଲ
ତାସା, ଡିଙ୍କିଡି, ବଜା ମହୁରୀ
ଝାଞ୍ଜ ବଜା,ବଜା ତୁରୁତୁରୀ
ତାଲ ରେ ତାଲରେ, ଝୁମରେ ଝୁମରେ
ନାଚରେ ନାଚରେ, ନାଚରେ ନାଚରେ
ବଜନିଆ ତୁଇ ଧୁମ ନାଚରେ
ଡାଲଖାଇରେ..., ଡାଲଖାଇରେ...

କତରିଆ, ବନ୍ଧରିଆ
ବାନ୍ଧରେ ହାତରେ
ତାଡ ରୁପାଚୁଡି
ଡାହାଣ ହାତରେ
ବାହୁଟି ସଜାରେ
ବାଁ ହାତ ବହୁରେ
ପଏଁରୀ ପାଦରେ
ଖଗଲା ବେକରେ
ଝୁମୁକା କାନରେ
ପାନପତରୀ ଟା
ଲଗାଇ କାନରେ
ତାଲ ରେ ତାଲରେ, ଝୁମରେ ଝୁମରେ
ନାଚରେ ନାଚରେ, ନାଚରେ ନାଚରେ
ନଚନିଆ ତୁଇ ଧୁମ ନାଚରେ
ଡାଲଖାଇରେ..., ଡାଲଖାଇରେ...

ଭୂଦୋମାସ ଗଲା
ଆଶ୍ୱିନ ହେଲା
ବନ ଦୁର୍ଗା ମାଆର
ଦଶରା ଆସିଲା
ଜହ୍ନିଫୁଲ, ଜାଇଫୁଲ

କ୍ଷୟ ଦୁର୍ଲ୍ଲଭ ଦେହ ହୋଏ ଆୟୁଷ ।
କ୍ଷୟ ନ ଯିବ ନାମ ହୃଦରେ ଘୋଷ ॥

ପୂଜି ବଜା ଡୋଲ
ଲଗାଇ ଅଷ୍ଟାକୁ ଅଷ୍ଟାରେ
ଛନ୍ଦିଦେ ହାତକୁ ହାତରେ
ପୁଟକୀ ଗାଆରେ, ଲମଟି ଗାଆରେ

ତାଲ ରେ ତାଲରେ, ଝୁମରେ ଝୁମରେ
ନାଚରେ ନାଚରେ, ନାଚରେ ନାଚରେ
ଡାଲଖାଇରେ..., ଡାଲଖାଇରେ...

- 0 -

ଓଡିଆ ଭାଷାର ଭବିଷ୍ୟତ

ଶ୍ରୀ କୃଷ୍ଣଚରଣ ବେହେରା

କଟକ, ଓଡିଶା

[ସୌଜନ୍ୟ: ଓଡିଆ ଗବେଷଣା ପରିଷଦର ୨୦୦୩ ବାର୍ଷିକ ଉତ୍ସବରେ ପ୍ରଦତ୍ତ ଅଭିଭାଷଣ]

ଗତ କେତେ ବର୍ଷ ହେଲା ଆମର କେତେକ ନେତୃସ୍ଥାନୀୟ ସଂସ୍କୃତିପ୍ରେମୀ ବ୍ୟକ୍ତି ସଭା-ସମିତିର ଭାଷଣରେ ଏବଂ ପତ୍ରପତିକାରେ ଲେଖାଲେଖି ମାଧ୍ୟମରେ ମତପ୍ରକାଶ କରି ଚାଲିଛନ୍ତି ଯେ- ଓଡିଆ ଭାଷାସାହିତ୍ୟର ଭବିଷ୍ୟତ ଅନ୍ଧକାରମୟ । ଓଡିଆ ଭାଷା କ୍ରମଶଃ ଅବଲୁପ୍ତି ପଥରେ ଗତି କରୁଛି; ସାଧାରଣ ଶିକ୍ଷିତ ଓଡିଆ ଲୋକେ ଖୁବ୍ କମ୍ ଓଡିଆ ପଢୁଛନ୍ତି -- ଆପଣା ମାତୃଭାଷାରେ ଇଂରାଜୀ, ହିନ୍ଦୀ ଆଦି ଭାଷା ମିଶାଇ ବ୍ୟବହାର କରିବାକୁ ଗୌରବଜନକ ମନେ କରୁଛନ୍ତି । ସେହିପରି, ଓଡିଆ ସାହିତ୍ୟର ପାଠକ ସଂଖ୍ୟା କମେ ଉଣା ହୋଇ ଯାଉଛି -- ଓଡିଆ ବହିର ବେଶି କାଟ୍‌ତି ନାହିଁ- ଓଡିଆରେ ସାଧାରଣ ସାହିତ୍ୟ ଗଛର ପ୍ରକାଶ କମିଯାଉଛି -- ଇତ୍ୟାଦି ବିଷୟ ବେଶ୍ ଉତ୍ସାହର ସହ ପ୍ରଚାର କରାଯାଉଛି ।

କଥାଟା ମୋତେ 'ମାଳିକା' ପ୍ରଚାର ଭଳି ମନେ ହେଉଛି । ପଞ୍ଚଗ୍ରହ କୂଟ ହେଉଛି, ଝଡ ଝଞ୍ଝା ହେବ, ସମୁଦ୍ର ମାଡି ଆସିବ, ଭୂମିକଂପ ହେବ, ପୃଥିବୀ ପ୍ରଳୟ ହେବ । ପିଲାଦିନରୁ ଏହିପରି ମାଳିକା ବଚନ ବାରମ୍ବାର ଶୁଣି ଆସୁଛି । କିନ୍ତୁ ପୃଥିବୀ ପ୍ରଳୟ ହୋଇ ନାହିଁ, କଳ୍କି ଅବତାର ବାରହାତ ଖଣ୍ଡା ଧରି ଦୁଷ୍ଟ ଦଳନ କରି ନାହାନ୍ତି । ସବୁ ଠିକ୍‌ଠାକ୍ ଚାଲିଛି । ଓଡିଆ ଭାଷା-ସାହିତ୍ୟ ସକାଶେ ଏବେ ସେହିପରି ମାଳିକା ପ୍ରଚାର ହେଉ ନାହିଁ ତ ?

ଓଡିଆ ଭାଷା, ଭାରତୀୟ ସମ୍ବିଧାନ ଦ୍ୱାରା ସ୍ୱୀକୃତ ପ୍ରାୟ ଚାରି କୋଟି ଲୋକସଂଖ୍ୟା-ବିଶିଷ୍ଟ ଏକ ରାଜ୍ୟର ଭାଷା । ଅବଶ୍ୟ, ଏହି ଭାଷା ମଧ୍ୟରେ ଆଞ୍ଚଳିକ ବୈଶିଷ୍ଟ୍ୟ ରହିଛି, ରହିଛି ମଧ୍ୟ ରାଜ୍ୟର ବିଭିନ୍ନ ଆଦିବାସୀ ଗୋଷ୍ଠୀର ଭାଷା । ତଥାପି, ସମସ୍ତେ ଉଣାଧିକେ ଓଡିଆ ଭାଷା ବୁଝିପାରନ୍ତି, କହି ପାରନ୍ତି ଏବଂ ସୀମିତ ସଂଖ୍ୟାରେ ଲେଖିପଢି ପାରନ୍ତି ମଧ୍ୟ । ପ୍ରାୟ ହଜାରେ ବର୍ଷର ପ୍ରାଚୀନ ଏହି ଭାଷା ଯୁଗେ ଯୁଗେ ସଂସ୍କୃତ, ଫାର୍ସୀ, ଆରବୀ ଏବଂ ବିଭିନ୍ନ ଇଉରୋପୀୟ ଭାଷାରୁ ଶବ୍ଦ ଓ ବାକ୍ ଭଙ୍ଗୀ ଆହରଣ କରି ସମୃଦ୍ଧ ହୋଇଛି । ପୁଣି, ଏହାର ଅଗ୍ରଗତିର ପଥ ସବୁବେଳେ ସୁଗମ ଓ ପୁଷ୍ପାଚ୍ଛାଦିତ ହୋଇ ନାହିଁ, ସମୟ ଓ ପରିସ୍ଥିତି-ବିଶେଷରେ କଣ୍ଟକାକୀର୍ଣ୍ଣ ହୋଇ ପଡିଛି ମଧ୍ୟ । ବିକଶିତ ପ୍ରାଚୀନ ସଂସ୍କୃତ ଭାଷାର କୁକ୍ଷିରୁ ଆପଣାକୁ

ଛାର ଦେହକୁ ମନ ନ ଯା ବିଶ୍ୱାସ ।
ଛାର ଦୁର୍ବୁଦ୍ଧି କହେ ଭକତ ଦାସ ॥

ମୁକ୍ତ କଲାପରେ ଓଡିଆ ଭାଷା, ରାଜ୍ୟର ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଦିଗରୁ ବାରମ୍ବାର ଆକାନ୍ତ ହୋଇଛି -- ପଶାସନ ଓ ଆଇନ୍ ଅଦାଲତ କ୍ଷେତରୁ ବହିଷ୍କୃତ ହୋଇଛି, ଶିକ୍ଷାବ୍ୟବସ୍ଥାରୁ ମର୍ଯ୍ୟାଦା ହରାଇଛି । କିନ୍ତୁ ଏହା ମାତୃଭାଷା ହୋଇଥିବାରୁ ସାଧାରଣ ଜନତା ତୁଣ୍ଡରୁ ଏହାକୁ କୌଣସି ଶକ୍ତି ଛଡାଇ ନେଇ ପାରି ନାହିଁ । ତେଣୁ ଅଗଗତି ପଥରୁ ଅବିଳମ୍ବେ କଣ୍ଟକ ଅପସରିତ ହୋଇଛି; ସୁରକ୍ଷିତ ରହିଛି ସକ୍ରିୟ ଓ ବଳିଷ୍ଠ ଓଡିଆ ଭାଷା ।

ଏବେ ତାହା ହେଲେ ଏ ଭାଷା ବିଷୟରେ କାହିଁକି ଏପରି ଆଶଙ୍କା ପ୍ରକାଶ ପାଉଛି ? ଆଶଙ୍କିତ ହେଇଥିବା ବ୍ୟକ୍ତିମାନଙ୍କର ଏକ ପ୍ରଧାନ ଅଭିଯୋଗ ଶୁଣିବାକୁ ମିଳୁଛି -- ଇଂରାଜୀ ଭାଷା ବ୍ୟବହାରର ପ୍ରାବଲ୍ୟ ବିଷୟରେ । ରାଜ୍ୟରେ ଶିକ୍ଷାଦୀକ୍ଷାର ଅଧିକ ପ୍ରସାର ହୋଇଥିଲେ ହେଁ, ମାତୃଭାଷା ଓଡିଆ ପ୍ରତି ଆଶାନୁରୂପ ଶ୍ରଦ୍ଧା ଓ ସମ୍ମାନ ପ୍ରକାଶ ପାଉ ନାହିଁ । ତତ୍ ପରିବର୍ତ୍ତେ ଇଂରାଜୀ ଭାଷା ବ୍ୟବହାର ପ୍ରତି ଅଧିକ ଆଗହ ଦେଖାଦେଉଛି । ଦୋକାନ ବଜାରର ନାମ-ଫଳକଠାରୁ ଆରମ୍ଭ କରି ବାଣିଜ୍ୟ-ବ୍ୟବସାୟର ବିଭିନ୍ନ ପ୍ରକାର ଚିଠିପତ, ବିବାହବତାଦିର ନିମନ୍ତ୍ରଣପତ, ସରକାରୀ ବା ବେସରକାରୀ ଦପ୍ତର ଓ ଆଇନ୍ ଅଦାଲତର ନଥିପତ ପର୍ଯ୍ୟନ୍ତ ସର୍ବତ ଇଂରାଜୀ ଭାଷା । ପୁଣି ରାଜ୍ୟରେ ଇଂରାଜୀ-ମାଧ୍ୟମର ସ୍କୁଲ୍ ବହୁସଂଖ୍ୟାରେ ସ୍ଥାପିତ ହୋଇଛି ଏବଂ ଅଭିଭାବକମାନେ ନିଜ ନିଜର ପିଲାମାନଙ୍କୁ ସେହିପରି ସ୍କୁଲ୍‌ରେ ପଢାଇବାକୁ ଆଗହ ପ୍ରକାଶ କରୁଛନ୍ତି । ମୁଖ୍ୟତଃ ଏହାହିଁ ଆଶଙ୍କିତ ହେଉଥିବା ବ୍ୟକ୍ତିମାନଙ୍କ ଶୋଚନାର କାରଣ ।

ସୁଧୀବୃନ୍ଦ, ଇଂରାଜୀ ଭାଷା କ'ଣ ଓଡିଆ ଭାଷାର ବିକଳ୍ପ ? ବିଲାତ କ'ଣ ଓଡିଶାର ପରିବର୍ତ୍ତ ? ନୈବ ନୈବ ଚ ! ଆମେ ସଭିଏଁ ଓଡିଶା ଛାଡି ଯେପରି ବିଲାତରେ ରହିପାରିବୁ ନାହିଁ, ସେହିପରି ଓଡିଆ ଭାଷା ଛାଡି ଇଂରାଜୀ ଭାଷା ଗ୍ରହଣ କରି ପାରିବୁ ନାହିଁ । ମାତୃଭାଷାକୁ ବଜାୟ ରଖି ଦ୍ୱିଭାଷୀ ବା ତିଭାଷୀ ହୋଇପାରୁଁ । କବି ରବୀନ୍ଦ୍ରନାଥ ଠାକୁରଙ୍କ ଭାଷାରେ କହିବି -- ଇଂରାଜୀ ଭାଷା ଆମ ପ୍ରୟୋଜନର ଭାଷା, କେବଳ ଆମର ଗରଜ ଗୁଜୁରାଣ ମେଣ୍ଟାଇବାର ଭାଷା । ସେଥିପତି, ପ୍ରେମିକର ପ୍ରୀତି ନୁହେଁ- ରହିଛି କୃପଣର ଆସକ୍ତି ମାତ୍ର । ('ବିଶ୍ୱବିଦ୍ୟାଳୟର ରୂପ' ପ୍ରବନ୍ଧ) ଏହିଥିରୁ ଆମ ପଶ୍ନର ଉତ୍ତର ମିଳିଯିବ । ଓଡିଶାରେ ଓଡିଆ ଭାଷା ରହିଛି ଓ ରହିବ । ତାହା ସହିତ ଆମେ କିଛି ଭାରତୀୟ ଭାଷା ଏବଂ କିଛି ବିଦେଶୀ ଭାଷା ଜାଣିଲେ ବା ଶିଖିଲେ, ଆମର ଲାଭ ବ୍ୟତିତ କୌଣସି କ୍ଷତି ନାହିଁ ।

ପ୍ରସଙ୍ଗ କ୍ରମେ ଏଠାରେ ମୁଁ କହିପାରେ -- ରାଜ୍ୟରେ ଇଂରାଜୀ-ମାଧ୍ୟମର ସ୍କୁଲ ଫିଟାଗଲେ, କ୍ଷୋଭ ପ୍ରକାଶ କରିବାର କିଛି କାରଣ ନାହିଁ । ଏହାଦ୍ୱାରା ଆମର ମାତୃଭାଷା ପ୍ରୀତି ଓ ଶିକ୍ଷାରେ ଆଞ୍ଚ ଲାଗି ପାରେନା । ୧୯୪୫ ମସିହାରେ ସାଧାରଣ ହାଇସ୍କୁଲରେ ଆମେ ଇଂରାଜୀ ଭାଷା ମାଧ୍ୟମରେ ହିଁ ମାଧ୍ୟମିକ ଶିକ୍ଷା ଲାଭ କରୁଥିଲୁଁ । ତାହା ସହିତ ସେତେବେଳେ ପାଠ୍ୟକ୍ରମରେ ଥିବା ଓଡିଆ ଭାଷା-ସାହିତ୍ୟ ମଧ୍ୟ ପଢିଥିଲୁଁ । ଏହା ଦ୍ୱାରା ଆମର ତ ଓଡିଆ ଭାଷା-ସାହିତ୍ୟ-ପ୍ରୀତି କାହିଁ ଉଣା ହେଲା ନାହିଁ ! ଏବେ ଇଂରାଜୀ-ମାଧ୍ୟମର ସ୍କୁଲମାନଙ୍କରେ ମଧ୍ୟ ମାତୃଭାଷା ପଢା ହେଉଛି ଏବଂ ଆପଣମାନେ ଜାଣି ଆଶ୍ଚର୍ଯ୍ୟ ହୋଇ ପାରନ୍ତି ଯେ ତହିଁରେ ଛାତ-ଛାତ୍ରୀମାନେ ବେଶ୍ ଭଲ ମାର୍କ୍ ରଖି ପାଶ୍ କରୁଛନ୍ତି । ନିକଟରେ ମୁଁ କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜସ୍ଥ ପବ୍ଲିକ୍ ସ୍କୁଲ୍‌ରୁ ଖବର ନେଇ ବୁଝିଲି, ସେଠାରେ ନବମ ଓ ଦଶମ ଶ୍ରେଣୀରେ ଦୁଇଶହ ପୂର୍ଣ୍ଣ ସଂଖ୍ୟା ଥିବା ଓଡିଆ ଭାଷା-ସାହିତ୍ୟର ଦୁଇଟି ସେପର୍ ଛାତଛାତ୍ରୀମାନେ ପଢୁଛନ୍ତି । ଓଡିଶା ମାଧ୍ୟମିକ

ଖଣ୍ଡି ଯେ ଖଣ୍ଡି ତୋର ପଞ୍ଜରା କାଠି ।
ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟି ।।

ଶିକ୍ଷା ପରିଷଦ ଦ୍ୱାରା ନିର୍ଦ୍ଦିଷ୍ଟ ସାହିତ୍ୟ ପୁସ୍ତକ ପାଠ୍ୟକ୍ରମରେ ସ୍ଥାନ ପାଇଛି । ଓଡିଆ ଭାଷା-ସାହିତ୍ୟରେ ଛାତଛାତୀମାନଙ୍କର ପରୀକ୍ଷାଫଳ ବିଷୟ ଜାଣିବାକୁ ଚାହିଁବାରୁ ପ୍ରଧାନ ଶିକ୍ଷିକା ମୋତେ ଜଣାଇଲେ ଯେ ପରୀକ୍ଷାରେ ସେମାନେ ଶତକର ୯୦, ୯୫ ମାର୍କ୍ ରଖି ପାରୁଛନ୍ତି ।

ତେଣୁ ଇଂରାଜୀ ମାଧ୍ୟମର ସ୍କୁଲ୍‌ରେ ଆମର ପିଲାମାନେ ପଢିଲେ, ମୋ ମତରେ କିଛି କ୍ଷତି ନାହିଁ । ମାତୃଭାଷା ଶିକ୍ଷା ତଥା ଓଡିଆ ସାହିତ୍ୟପ୍ରୀତି କ୍ଷେତରେ ତାହା ପ୍ରତିବନ୍ଧକ ହୋଇ ନ ପାରେ । ଉତ୍କଳ ଗୌରବ ମଧୁସୂଦନ ଦାସ ନିଜ ଘରେ ବଙ୍ଗଳା ଭାଷାରେ କଥାବାର୍ତ୍ତା କରୁଥିଲେ, ସରକାରୀ ଦପ୍ତରରେ ଓ ଲୋକପ୍ରତିନିଧି ସଭାରେ ଇଂରାଜୀ ଭାଷାରେ ଆଲୋଚନା କରୁଥିଲେ । ତାହା ବୋଲି ତାଙ୍କର ମାତୃଭାଷା-ପ୍ରୀତି କ'ଣ ଊଣା ଥିଲା ? ଓଡିଆ ଭାଷାରେ ସେ କେତୋଟି ଚମତ୍କାର ଦେଶାତ୍ମବୋଧକ କବିତା ଲେଖିଥିବାର, ତଥା ଲିଖିତ ଅଭିଭାଷଣ ଦେଇଥିବାର ଆପଣମାନେ ଜାଣନ୍ତି । ମନୀଷୀ ଅରବିନ୍ଦ ଘୋଷ (ଶ୍ରୀ ଅରବିନ୍ଦ) ସାତ ବର୍ଷ ବୟସରୁ ବିଲାତ ଯାଇ ୧୮୯୩ ମସିହାରେ ୨୧ ବର୍ଷ ବୟସରେ ଯେତେବେଳେ ସ୍ୱଦେଶକୁ ବାହୁଡିଲେ, ସେତେବେଳେ ସେ ଆପଣା ମାତୃଭାଷା ବଙ୍ଗଳା ଲେଖିପଢି ପାରୁ ନ ଥିଲେ । କିନ୍ତୁ ତାଙ୍କଠାରେ ମାତୃଭାଷା-ପ୍ରୀତିର ଅଭାବ ନ ଥିଲା । ପରେ ପରେ ସେ ବଙ୍ଗଳା ଭାଷା ଶିଖି ସେହି ଭାଷାରେ ଲେଖାଲେଖି କଲେ ଏବଂ କିଛି ବଙ୍ଗଳା ପତପତିକା ମଧ୍ୟ ସଂପାଦନା କଲେ । ଏଭଳି ଦୃଷ୍ଟାନ୍ତ ସବୁ ଆମ ଆଗରେ ଥାଉଁ ଥାଉଁ ଆମେ କିପରି ଭାବିବା ଯେ- ଇଂରାଜୀ-ମାଧ୍ୟମର ସ୍କୁଲରେ ପଢିଲେ ଆମ ପିଲାମାନଙ୍କର ମାତୃଭାଷା-ପ୍ରୀତି କ୍ଷୁଣ୍ଣ ହୋଇଯିବ !

ଏହି ମାଧ୍ୟମିକ ସ୍ତରରେ ହିଁ ଆମର ଛାତଛାତୀମାନେ ଆନ୍ତର୍ଜାତିକ ଓ ରାଷ୍ଟ୍ରୀୟ ଭାଷାମାନ ଶିକ୍ଷା କରିବା ଉଚିତ । ଆଧୁନିକ ମନୋବିଜ୍ଞାନୀଙ୍କ ମତରେ- ପିଲାମାନେ ଏହି ବୟସରେ ବିଭିନ୍ନ ଭାଷା ସହଜରେ ଶିଖି ପାରିବେ । ବୟସ ବଢିଗଲେ, ଭାଷାଶିକ୍ଷା କଷ୍ଟକର ହୋଇପଡେ ।

ଓଡିଆ ସାହିତ୍ୟ ପ୍ରତି ବର୍ତ୍ତମାନ ଦୃଷ୍ଟି ଦିଆଯାଉ ! ପାଚୀନ କାଳରେ ଆମର ଏ ସାହିତ୍ୟ ବେଶି ପରିମାଣରେ କାନରେ 'ଶୁଣା' ଯାଉଥିଲା । ଏବେ ଏହା ଆଖିରେ 'ଦେଖା' ଯାଉଛି ଓ 'ପଢା' ଯାଉଛି ବେଶି । ଖାଲି ପୁସ୍ତକ ଓ ପତପତିକା ଏବେ ସାହିତ୍ୟ-ପରିବେଷଣର ମାଧ୍ୟମ ହୋଇ ରହି ନାହିଁ । ରେଡିଓରୁ ଗଳ୍ପ, କବିତା, ପ୍ରବନ୍ଧ, ନାଟକାଦି ଆମେ ଶୁଣି ପାରୁଛୁଁ । ଟିଭି, ଭିଡିଓ, ସିନେମା, ଆଦି ଇଲେକ୍‌ଟ୍ରୋନିକ୍ ମାଧ୍ୟମରେ ଦେଖି-ଶୁଣି ପାରୁଛୁଁ ନାଟକ, ଉପନ୍ୟାସ, ଗଳ୍ପ ଇତ୍ୟାଦି ସାହିତ୍ୟ । ଏହା ଫଳରେ ସାହିତ୍ୟ ସୃଷ୍ଟିର ଶୈଳୀ ଓ ଭାଷାବିନ୍ୟାସ କ୍ଷେତରେ ସଂଘଟିତ ପରିବର୍ତ୍ତନ ସଚେତନ ସାହିତ୍ୟସ୍ରଷ୍ଟାମାନେ ଲକ୍ଷ୍ୟ କରୁଥିବେ । ପାଠ୍ୟ-ସାହିତ୍ୟର ଶୈଳୀ ଓ ଭାଷାବିନ୍ୟାସ, ଶବ୍ୟ ତଥା ଦୃଶ୍ୟ-ସାହିତ୍ୟର ସେହି ସେହି ଉପାଦାନଠାରୁ କେତେକ ପରିମାହଣରେ ପୃଥକ୍ ହେବା ଅବଶ୍ୟମ୍ଭାବୀ । ଯାହାହେଉ, ମୋର ଏସବୁ କଥା କହିବାର ତାତ୍ପର୍ଯ୍ୟ ହେଉଛି -- ବର୍ତ୍ତମାନ କେବଳ ପୁସ୍ତକ ଓ ପତପତିକା ଭିତ୍ତିରେ ଓଡିଆ ସାହିତ୍ୟର ଗ୍ରାହକତ୍ୱ କଳନା କରିବା ସମୀଚୀନ ହେବନାହିଁ ।

ତଥାପି, ପୁସ୍ତକ ଓ ପତପତିକା ସାହିତ୍ୟ ପରିବେଷଣର ମୁଖ୍ୟ ମାଧ୍ୟମ ହୋଇଥିବାରୁ ସେ ବିଷୟରେ ଯାହା ପଚାର କରାଯାଉଛି -- ଓଡିଆ ସାହିତ୍ୟର ଗ୍ରାହକ-ସଂଖ୍ୟା କମି ଯାଉଛି ଏବଂ ଏହାର ବହିପତ ବେଶି ବିକ୍ରୀ ହେଉ ନାହିଁ -- କଥାଟା କେତେ ଦୂର ସତ୍ୟ ? ମୋ

ଗଲେଣି ତୋ ସାଙ୍ଗରୁ ଯେତେକ ଜନ ।
ଗଣ୍ଠିରେ ବାନ୍ଧି ନେଲେ କେ କେତେ ଧନ ॥

ଜାଣିବାରେ, ଗତ ୨୦୦୨ ମସିହା ବର୍ଷକ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଓଡିଆରେ ସାତଖଣ୍ଡି ସାହିତ୍ୟ ଓ ଫିଚର୍ ପତିକା ନୂଆ କରି ପ୍ରକାଶ ପାଇଛି । ପୂର୍ବରୁ ପ୍ରକାଶ ପାଉଥିବା ପତିକା ତ ପ୍ରଚଳିତ ଅଛି ! ସାହିତ୍ୟ-ପତିକାର ପାଠକ ବା ଗ୍ରାହକ ନ ଥିଲେ, ବର୍ଷକ ମଧ୍ୟରେ ଏତେ ପତିକା ପ୍ରକାଶିତ ହେଲା କାହିଁକି ଓ କିପରି ?

ସେହିପରି ଓଡିଆ କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ ପ୍ରଭୃତିର ପୁସ୍ତକ-ପ୍ରକାଶ ଅବ୍ୟାହତ ରହିଛି । ଏବେ କୋଶଳୀ ବା ସମ୍ବଲପୁରୀ ଭାଷାରେ ସାହିତ୍ୟ ଗଚ୍ଛମାନ ପ୍ରକାଶ ପାଇ ରାଜ୍ୟର ପଶ୍ଚମାଞ୍ଚଳରେ ପ୍ରସାରିତ ହେଉଥିଲେ ମଧ୍ୟ, ସେହି ଅଞ୍ଚଳରେ ଓଡିଆ ପତପତିକା ଓ ସାହିତ୍ୟ-ପୁସ୍ତକମାନ ପ୍ରସାର ଲାଭ କରୁଛି । ପୁଣି, ସେହି ଅଞ୍ଚଳର ପ୍ରବୀଣ ତଥା ତରୁଣ ସାହିତ୍ୟ-ସ୍ରଷ୍ଟାଗଣ ଓଡିଆ ଭାଷାରେ ଲେଖାଲେଖି କାର୍ଯ୍ୟ ଅବ୍ୟାହତ ରଖିଛନ୍ତି । କଟକସ୍ଥ ବାଲୁବଜାର-ବିନୋଦବିହାରୀରେ ଥିବା ପୁସ୍ତକ ବିପଣୀରୁ ବେଳେ ବେଳେ ଓଡିଆ ସାହିତ୍ୟ-ପୁସ୍ତକର ମାନ୍ଦା ବ୍ୟବସାୟ ବିଷୟରେ ସ୍ୱର ଶୁଣାଯାଉଥିଲେ ମଧ୍ୟ, ଆମର ପୁସ୍ତକ-ପ୍ରକାଶକ ଓ ବିକ୍ରେତାମାନେ ବ୍ୟବସାୟ ବନ୍ଦ କରି ଦେଇ ନାହାନ୍ତି ।

ଓଡିଆ ସାହିତ୍ୟ-ଗଚ୍ଛ ରୀତିମତ ପ୍ରକାଶ ପାଉଛି -- କେବଳ କଟକ-ଭୁବନେଶ୍ୱରରୁ ନୁହେଁ; ବହ୍ମପୁର, ସମ୍ବଲପୁର, ବଲାଙ୍ଗୀର, ରାଉରକେଲା, ବାରିପଦା, ବାଲେଶ୍ୱର ପ୍ରଭୃତି ରାଜ୍ୟର ଅନ୍ୟାନ୍ୟ ସ୍ଥାନରୁ ମଧ୍ୟ କିଛି କିଛି ସାହିତ୍ୟଗଚ୍ଛ ପ୍ରକାଶିତ ହେଉଛି । ଓଡିଆ ସାହିତ୍ୟର ଗ୍ରାହକତ୍ୱ ନ ଥିଲେ- ସାହିତ୍ୟ ଗଚ୍ଛର କାଟତି ନ ଥିଲେ, ଏହା ସବୁ ପ୍ରକାଶ ପାଉଛି କିପରି ଓ କାହିଁକି ? ଗତ କେତେ ବର୍ଷ ହେଲା ପୁସ୍ତକମେଳା ଏକ ନିୟମିତ ବ୍ୟାପାର ଭାବେ ଦେଖାଦେଇଛି । କେବଳ ଭୁବନେଶ୍ୱର-କଟକରେ ନୁହେଁ, ରାଜ୍ୟର ଚତୁର୍ଦ୍ଦିଗରେ ସାନ ବଡ ସହର ବଜାରରେ -- ଏପରିକି ଗାମାଞ୍ଚଳରେ ପ୍ରତିବର୍ଷ ବହିମେଳାମାନ ଅନୁଷ୍ଠିତ ହେଉଛି । ଏହି ବହିମେଳାମାନଙ୍କରେ ଅନ୍ୟାନ୍ୟ ଭାଷାର ବହି ସହିତ ଓଡିଆ ଭାଷାର ବିଭିନ୍ନ ପ୍ରକାର ବହିର ବିକ୍ରୀବଟା ଚାଲିଛି । ମୁଁ ଯାହା ଖବର ପାଇଛି, ଚଳ୍ଲିତ ଓଡିଆ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଅନ୍ୟାନ୍ୟ ସାହିତ୍ୟର ଓଡିଆ ଅନୁବାଦ, କବିତା, ପୁରାଣ, ନାଟକ ଇତ୍ୟାଦି ସାହିତ୍ୟ-ପୁସ୍ତକର ବିକ୍ରୀ ମନ୍ଦ ନୁହେଁ । ଓଡିଆ ସାହିତ୍ୟର ପାଠକ ବା ଗ୍ରାହକ ନ ଥିଲେ, ଏତେ ଗୁଡାକ ବହିମେଳାରେ ଏପରି ଓଡିଆ ସାହିତ୍ୟ-ପୁସ୍ତକର ବିକ୍ରୀ ସମ୍ଭବ ହେଉଛି କିପରି ?

ବନ୍ଧୁଗଣ, ମୁଁ ତେଣୁ ଦୃଢ ସ୍ୱରରେ କହିପାରୁଁ -- ଓଡିଆ ଭାଷା ଓ ସାହିତ୍ୟର ଭବିଷ୍ୟତ ଆଦୌ ଅନୁଜ୍ଜ୍ୱଳ ନୁହେଁ । ଆମ ସାହିତ୍ୟର ଗୁଣ ବା ମାନ ଦିଗରୁ ବିଚାର କଲେ, ବିତର୍କ ଥାଇପାରେ । ମାତୃଭାଷା ଓ ଜାତୀୟ ସାହିତ୍ୟ-ପ୍ରୀତି ବୋଧହୁଏ ମଣିଷପ୍ରାଣର ଏକ ସ୍ୱାଭାବିକ ଧର୍ମ । ଏହାକୁ ପରିତ୍ୟାଗ କଲେ, ମନୁଷ୍ୟତ୍ୱ ପରିଭ୍ରଷ୍ଟ ହେବ ନିଶ୍ଚୟ ।

- 0 -

କହଇ ମନ ଆରେ ମୋ ବୋଲ କର ।
କଳା ଶ୍ରୀମୁଖ ବାରେ ଦେଖିବା ଚାଲ ॥

ଶତାବ୍ଦୀର ସୂର୍ଯ୍ୟ

ପ୍ରଃ ପ୍ରଦୀପ ଚନ୍ଦ୍ର ତ୍ରିପାଠୀ
କୁଳପତି, ଜ୍ୟୋତି ବିହାର, ସମ୍ବଲପୁର

ବାଲ୍ୟଜୀବନକୁ ଗ୍ରାମରେ କଟାଇ
କଟକ ଆସିଲି ଦିନେ ।
ହୋଇ ସଜବାଜ ରେଭେନ୍‌ସା କଲେଜ
ଆଜି ପଡୁଅଛି ମନେ ।୧।

ଉଜ୍ଜଳଭାରତୀ ଠିଆ ହୋଇଛନ୍ତି
ଦେଖି ମନକୁ ଆସୁଛି ।
ଶତାବ୍ଦୀର ସୂର୍ଯ୍ୟ ଯଶ କୀର୍ତ୍ତି ସୌର୍ଯ୍ୟ
ସବୁ ଆମକୁ ଦେଇଛି ।୨।

ସାରା ଓଡ଼ିଶାକୁ ଅଜ୍ଞାନ ତିମିର
ଯେତେବେଳେ ଗ୍ରାସିଥିଲା ।
ଏହି ଅନୁଷ୍ଠାନ ଦେଇ ବିଦ୍ୟାଦାନ
ଭଲ ମଣିଷ ଗଢ଼ିଲା ।୩।

ଛାତ୍ରାବାସେ ରହି ଅନ୍ତେବାସୀ ହୋଇ
କଲି ମୁହିଁ ଅଧ୍ୟୟନ ।
ଶିକ୍ଷା ତ ପାଇଲି ସଂସ୍କାର ଲଭିଲି
ଚଢ଼ିଲି ଦିବ୍ୟ ସୋପାନ ।୪।

ବାଣିଜ୍ୟ ଓ ବିତ୍ତ ଅର୍ଥନୀତି ଶାସ୍ତ୍ର
କଳା ବିଜ୍ଞାନ ତତ୍ତ୍ୱ ।
ସାଧାରଣ ଜ୍ଞାନ ଦେଶପ୍ରୀତି ଗୁଣ
ହେଲି ମୁହିଁ ଅବଗତ ।୫।

କହିଲେ ଜନନୀ ଦିନେ ଡାକି ମୋତେ
କାଲି ତୋ' ସାଙ୍ଗରେ ଯିବି ।
କଟକ ଚଣ୍ଡୀଙ୍କୁ ଦର୍ଶନ କରିଣ
ମନୋବାଞ୍ଛା ପୂରାଇବି ।୬।

ଫେରିଲା ବେଳକୁ ସେହି କଲେଜକୁ
ନେଇଯିବୁ ମୋତେ ଧନ ।
ଯେଉଁଠି ପଢ଼ିଛୁ ବିଦ୍ୟା ଅରଜିଛୁ
ତାକୁ ଦେଖିବାକୁ ମନ ।୭।

ଦର୍ଶନ ସାରିଣ ଆନନ୍ଦେ ଫେରିଣ
ରେଭେନ୍‌ସାରେ ପଦାର୍ପଣ ।
ଦେଖି ତାକୁ ମାତ କରି ପ୍ରଣିପାତ
କହିଲେ ଏହି ବଚନ ।୮।

ଏ' ବିଦ୍ୟାମନ୍ଦିର ଗର୍ବ ଓଡ଼ିଶାର
ଜାତି କଣ୍ଠେ ଦେଇ ସୁର ।
ଦେଶ ନିର୍ମାଣର ମନ୍ତ୍ର ଶିଖାଇଛି
ନୁହେଁ କି ନମସ୍ୟ ମୋର ? ।୯।

- 0 -

କହଇ ମନ ଆରେ ମୋ ବୋଲ କର ।
କଳା ଶ୍ରୀମୁଖ ବାରେ ଦେଖିବା ଚାଲ ॥

Last six months for oDisha and oDiAs worldwide

ଶୌଭାଗ୍ୟ ଲକ୍ଷ୍ମୀ ମହାପାତ୍ର

ସଂପାଦୀକା, E-mail: editor@worldorissa.com

Continuing the dream of industrialization

With over 32 MoU being signed with the steel and related industry, Orissa witnessed a rush of financial service providers to enter the state, ranging from banks, insurance and mutual funds to brokerage and distribution houses. Companies like Citibank and catholic Syrian, Aviva, Max New York, MetLife, Kodak, Stanchart, Sahara and ING Vysya have opened their branches. HSBC and Sundaram, Reliance, ABN AMRO and DSP Merill Lynch are expected to follow soon.

In the main stream, the POSCO board has not only given its approval for its Orissa project but has also advanced towards its completion. Gail (India) Ltd has decided to set up joint venture projects worth over Rs 15,000 crore in Orissa. The projects include a coal gasification plant, pipeline project, petrochemical complex and a power plant.

In the mean time Prime Minister's Office has cleared the first rail freight corridor in India, a 5000-7000 crore project especially for the steel projects in Orissa. Global tourism industries have shown interest in the states' vast potential in the sector. Private airlines have assured to improve air connectivity. State has announced to set up an IT park in Bhubaneswar and is working on launching E-seva centers and IT kiosks.

Getting back the lost Science Institute

The issue that kept the intellectuals busy in the last six month is the issue of NIS/IISER. Government of India's decision to establish an Indian Institute of Science Education and Research (IISER) in Kolkata, neglecting the earlier plan of National Institute of Science (NIS), Bhubaneswar, announced in 2003, created unrest among the intellectuals of Orissa origin across the globe. Thousands of online signatures, e-mail and letters, with tons of disappointments were send to the Prime Minister of India to reconsider his decision. Requests were made not to raise the already existing high regional disparity in distribution of institutions of higher education among neighboring states. Efforts were made to catch the attention of national media. Orissa high court gave stay order to IISER Kolkata. The MPs of Orissa highlighted the issue in both houses of the Parliament. While no word has come about NIS/IISER Bhubaneswar, the prime minister have given a go ahead signal to establish the third IISER at Chandigarh.

In another development in education front, Tata Steel has announced to set up 'The Institute of Mathematics and Applications' in Bhubaneswar in association with the government of Orissa. The institute would be built at a cost of Rs five crore in the initial phase. Chief Minister Naveen Pattanaik has laid the foundation stone of the Institute.

Wonder boy of India, Budhia Singh

In Oct 2005, a four-year-old old Budhia Singh finished the $150,000 Hutch Delhi Half Marathon with ease and won the race.

ଖଟ ପଲଙ୍କେ ମନ ସେଯାଇ ଶୋଉ ।
ଖଳ ଦୁର୍ଗନ୍ଧ ହେବ ଏ' ତୋର ଦେହ ॥

Reportedly in less than a year Budhia has covered the 60-km distance between Bhubaneshwar and Puri an amazing nine times. He has made the half marathon a child's play averaging about 44 miles a day, has appeared in TV commercials, and in national and international news. World calls Budhia the wonder boy of India. Budhia's story started from hunger and survival. Unable to feed four kids, his poverty stricken widow mother had sold him to a hawker for Rs. 800. Mr. Biranchi Das owner and coach of a Bhubaneswar based judo institute discovered his talents and adopted him. He added good food to his meal and gave him training for the marathons. Soon Budhia became the wonder boy of India. Mr. Das aspired to put his name in The Guinness Book of World Records.

But the story has turned a different mode. Budhia has been denied of a local marathon after a police complaint was filed against his coach. Mr. Das has appeared before child welfare officials accused of exploitation.

An unfortunate beginning of the year 2006

On the second day of Jan 2006, 12 tribals and a policeman were killed in a clash at Kalinga Nagar in Jajpur district. The tribals were opposing the construction of a boundary wall by the Tata group for setting up of a Steel Plant. Compensations were promised to the families of dead and injured. The district magistrate and the superintendent of police were transferred. Orissa went for revising its rehabilitation policy. The opposition called for a statewide bandh. Protests were called in many parts of the country and also out side the country. Jhadakanda, from where the tribals had migrated in 1960s to work in Sukinda and Daitary mines, have protested vehemently outside Orissa. Union home secretary V K Duggal made 'lack of intelligence feedback' responsible for the violence. The former MD Saswat Mishra pointed to the government apathy and local politicians for provoking the violence. While the judicial report is yet to come, the incident surely is a set back to the much needed industrialization.

Awards and recognitions

Deepak Mishra of Utica, Michigan, has been honored as USA Today All-USA High School Academic Second Team (Top 40 students as judged by USA Today) for 2005. Deepak is now a student of the prestigious California Institute of Technology (Caltech) doing his major in Chemical Engineering.

In Oct. 2005, *Natasha Mahapatro* has been crowned as Miss Jr. Teen America, 2005. This is for the first time any Oriya girl has participated in any national level pageant in USA and has won the title.

In Nov. 2005 Dr. Shiba Charan Naik, former Dean of NIT, Rourkela, was elected as the President-Elect of the Institution of Engineers (IE), India, the largest professional institutions in the world. He is the first Oriya to serve as president in 85-year-old history of IE, India.

The prestigious Bapu Gayadhani Awards, under National Bravery award will be conferred on *Minati Gagrai* of Keonjhar district on the eve of Republic day of India, for daring to revolt against child marriage. Minati, age 14 not only ran away from her own home, but also spent almost a week alone in the forest and filed complaint against her own family members, who were forcing her to marry a twice married 50 year-old.

A clinic in Sambalpur has entered Guinness Book of World Record for achieving zero percent infant mortality rates. The clinic is one among the 14 free clinics all over India funded by the American Association of Physicians of Indian Origin (AAPIO). Much of the credit goes to the locals who managed the clinic themselves.

ଉଣା ହେଉଛି ଦିନୁ ଦିନ ଆୟୁଷ ।
ଆଉ ଏଣିକି ଅଛି କେତେ ବୟସ ॥

Dr. Sanak Mishra, has been appointed as Chief Executive Officer of global steel giant Mittal Steel Company's 12 million tonne Greenfield project in Jharkhand. Dr. Mishra joined Mittal Steel from the Steel Authority of India Limited (SAIL) where most recently he was a Member of the Board of Directors and Managing Director of the Rourkela Steel Plant.

In sports *Namita Samal* a Cuttack SAI trainee emerged as the fastest woman in the Kochi National Junior Federation Cup held in Nov 2005. She won gold medal in women's 100m and 200m race.

Events worldwide

Prominent among the cultural events of last six months were the Ganesh Chaturthi, India Independence Day, Boita Bandan Utchaba and Kumar Purnami Utchaba celebration by Orissa societies around the world. The India Independence day float by OSA NY-NJ chapter, having Konarka Temple background, Mukteswar Temple gate, with the live Odissi dance and Oriyas dancing at the New York street was the most eye catching float of the Parade. On November 13, 2005, 250 small boats led by a huge manned boat sailed in the Yamuna river to commemorate thousands of years of maritime ties between India and the South-East Asian countries. Bal Jagruti Association in cooperation with Oriya and non-Oriya cultural and social organizations in India's capital town Delhi organized this replication of Orissa's famous 'Boita Bandana Utsav'. The event also showcased the state's rich cultural heritage, its cuisine and handicrafts.


At Bhubaneswar NROFC celebrated the second Prabashi Utkaliya Divas on December 25, 2005. On December 26th Orissa welcomed President of India. President A P J Abdul Kalam inaugurated the second convocation of the Fakir Mohan University. He also visited National Institute of Rehabilitation Training and Research (NIRTAR) at Olatpur and inaugurated the 13th National Children's Science Congress (NCSC), which was attended by around 1,650 child delegates from the South Asian Association for Regional Co-operation (SAARC) countries. He also inaugurated a cancer detection unit at Hemalata Hospital and a biotech laboratory of IMGENEX Corporation, the first biotech company of the state set up by Sujaya Singh a San Diego-based Oriya NRI Scientist.

In memory

On October 13, 2005 eminent Oriya writer Shree Hata Kishore Panigrahi passed away at his village Palasapada, Orissa. Born in October 29, 1932 Shree Panigrahi had dedicated his entire life to research in Oriya literature. He has more than 30 publications on Oriya literature to his credit and about 2400 pages worth of manuscript is awaiting publication. In 2003 he had received the Prestigious Sahitya Academy award.

On Nov 13, 2005, eminent Oriya singer, composer Fakir Charan Patnaik passed away at age 60. He will be remembered for his contribution to Oriya music particularly to the Sambalpuri songs. Rasabati Jamuna, Uth baapa kala Kanhu, Labanga lata mor Gaja Mukuta are few of his contributions.

କହ୍ନଇ ମନ ଆରେ ମୋ ବୋଲ କର ।
କଳା ଶ୍ରୀମୁଖ ବାରେ ଦେଖିବା ଚାଲ ॥



ବିଚିତ୍ରାନନ୍ଦ ମିଶ୍ର ଏକ ମୁମ୍ବାଇ ଅଧିବାସିତ ଓଡିଆ କାର୍ଟୁନିଷ୍ଟ୍ । ସେ ରେଭେନ୍‌ଶା କଲେଜରେ ପାଠ କରି animation ଓ cartoonରେ କୃତିତ୍ୱ ଅର୍ଜନ କରିଛନ୍ତି । ଓଡିଆ ସଙ୍ଗୀତ "ଆହା ମୋ ଜୀବନ ଧନ ପଖାଳ କଂସା"ରେ ଅନୁପ୍ରାଣିତ ହୋଇ ସେ ଏହି କାର୍ଟୁନ୍‌ଟି ରଚିଥିଲେ ।

-- o --

ଏହି କାର୍ଟୁନ୍‌ରେ ଅନୁପ୍ରାଣିତ ହୋଇ ଦୂରଦୃଷ୍ଟି ସଂପାଦକୀୟ ବୋର୍ଡ୍‌ର ସଦସ୍ୟ ଅମିତ କୁମାର ମିଶ୍ରଙ୍କ ଲେଖନୀରୁ ସ୍ୱତଃସ୍ଫୁର୍ତ୍ତ ନିର୍ଝରିତ ହୋଇଥିଲା ।

ତାତିଲା ଖରାରେ ଫୁଟୁଅଛି ଖଇ
ବାସି ପଖାଳ କୁ ବସିଲା ଦହି
ଲୁଣ ଲଙ୍କା ଦେଇ କରିକି ପାଗ
ପଖାଳ କଂସାଏ ଖାଇବା ଆଗ ॥

ଦୂରଦୃଷ୍ଟିର ଏଇ ସଙ୍ଖ୍ୟାଟି ଆପଣଙ୍କୁ କେମିତ ଲାଗିଲା ? ଦୂରଦୃଷ୍ଟି ସର୍ବଦା ଆପଣଙ୍କ ପାଇଁ । ଟିକିଏ ଆମକୁ ଜଣେଇବେ କି ଦୂରଦୃଷ୍ଟି କେମିତି ଭବିଷ୍ୟତରେ ଅଧିକ ଉତ୍କର୍ଷ ସାଧନ କରିପାରିବ । Feedback ଏହି ଠିକଣାରେ ପଠାନ୍ତୁ duradrusti@odiya.org ।

ଦୂରଦୃଷ୍ଟିର ପୂରାତନ ସଙ୍ଖ୍ୟା ଏଇଠି ଦେଖି ପାରିବେ ।